


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୭ ଫେବୃଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 27 FEBRUARY 2021
Vol.No. 32 ■ No. 55 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ପଶ୍ଚିମବଙ୍ଗରେ ୮ ଓ ଆସାମରେ ୩ଟି ପର୍ଯ୍ୟାୟରେ ଭୋଟ୍

### କେରଳ, ତାମିଲନାଡୁ ଓ ପୁଡୁଚେରୀରେ ଏପ୍ରିଲ ୬ରେ ପଡିବ ଭୋଟ୍



ନୂଆଦିଲ୍ଲୀ,୨୬।୦୨ (ନି.ପ୍ର): ଦେଶର ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଘୋଷଣା ହୋଇଛି ବିଧାନସଭା ନିର୍ବାଚନ ତାରିଖ । ମୁଖ୍ୟ ନିର୍ବାଚନ କମିଶନ ସୁନୀଲ ଅରୋରା ଆଜି ସାମ୍ବାଦିକ ସମ୍ମିଳନୀ କରି ତାରିଖ ଘୋଷଣା କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପଶ୍ଚିମବଙ୍ଗରେ ଏଥର ୮ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ । ସେହିପରି ଆସାମରେ ତିନୋଟି ଏବଂ କେରଳ, ତାମିଲନାଡୁ ଏବଂ ପୁଡୁଚେରୀରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ । ସମସ୍ତ ରାଜ୍ୟରେ ଭୋଟ୍ ଗ୍ରହଣ ଶେଷ ହେବା ପରେ ମେ ୨ ତାରିଖରେ ଭୋଟ୍ ଗଣନା କରାଯାଇ ଏହାର ଫଳାଫଳ ଘୋଷଣା ହେବ । ତାମିଲନାଡୁ, କେରଳ ଓ ପୁଡୁଚେରୀରେ ସମାନ ଦିନ ଅର୍ଥାତ ଏପ୍ରିଲ ୬ ତାରିଖରେ ଭୋଟ୍ ଗ୍ରହଣ ହେବ । ଏହି ଦୁଇଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ଭୋଟରମାନେ ଭୋଟ୍ ଦେବା ପରେ ମେ ୨ରେ ଏହାର ଫଳାଫଳ ଘୋଷଣା ହେବ । ଅନ୍ୟପଟେ ଆଶାମାରେ ମାର୍ଚ୍ଚ ୨୭ରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆରମ୍ଭ ହୋଇଛି ଏପ୍ରିଲ ୧ରେ ଦ୍ୱିତୀୟ ଓ ଏପ୍ରିଲ ୬ରେ ତୃତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ । ସେହିପରି ପଶ୍ଚିମବଙ୍ଗରେ ମଧ ମାର୍ଚ୍ଚ ୨୭ରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ଏପ୍ରିଲ ୨୯ରେ ଶେଷ ହେବ । ଭୋଟ୍ ସରିବା ପରେ ସମସ୍ତ ନିର୍ବାଚନର ଫଳାଫଳ ଗୋଟିଏ ଦିନ ଅର୍ଥାତ ମେ ୨ ତାରିଖରେ ଘୋଷଣା ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି । ତେବେ କୋଭିଡ ଦୃଷ୍ଟିରୁ ମଧ ନିର୍ବାଚନ ପାଇଁ ଅନେକ ଗୁଡିଏ ପଦକ୍ଷେପ ନିଆଯାଇଛି । ପୂର୍ବ ଅପେକ୍ଷା ଏଥର ଅଧିକ ମତଦାନ କେନ୍ଦ୍ର ହେବା ସହିତ ଭୋଟରଙ୍କୁ ଅଧିକ ଘଣ୍ଟାଏ ଭୋଟ୍ ଦାନ କରିବାକୁ ସୁଯୋଗ ଦିଆଯିବ ।

## ସି ସୋରର ୬୫୦ କୋଟିର ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ



ଭୁବନେଶ୍ୱର,୨୬।୦୨ (ନି.ପ୍ର): ବହୁ ଚର୍ଚ୍ଚିତ ସି ସୋର ଚିଟ୍‌ଫଣ୍ଡ ସଂସ୍ଥାର ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ଲାଗି ନିର୍ଦ୍ଦେଶ ଦେଇଛନ୍ତି କଟକ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ । ସଂସ୍ଥାର ୧୯୭ ଏକର ଜମି, ୧୩୮୫ ଗ୍ରାମ ସୁନା, ୨ କ୍ୱିଣ୍ଟାଲ ରୁପା, ବ୍ୟାଙ୍କରେ ଜମା ଥିବା ୧ କୋଟି ୮୮ ଲକ୍ଷ ୭୫ ହଜାର ଟଙ୍କା ବାଜ୍ୟାପ୍ତି ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବାଜ୍ୟାପ୍ତ ସମ୍ପତ୍ତିକୁ ସର୍ବସାଧାରଣରେ ନିଲାମ ଲାଗି ନିର୍ଦ୍ଦେଶ । ନିଲାମରୁ ଲବ୍ଧ ଅର୍ଥକୁ ଜମାକାରୀଙ୍କ ମଧ୍ୟରେ ବାଣ୍ଟିବାକୁ ନିର୍ଦ୍ଦେଶ । ବାଜ୍ୟାପ୍ତ ସମସ୍ତ ସମ୍ପତ୍ତି ରଆନୁମାନିକ ୬୫୦ କୋଟି ଟଙ୍କା ହେବ । ସି ସୋର ଚିଟ୍‌ଫଣ୍ଡ କମ୍ପାନୀ ପ୍ରାୟ ୫୦୦ କୋଟିରୁ ଅଧିକ ଟଙ୍କା ଠକିଛି । ଏହି ମହା ଠକେଇରେ ହଜାର ହଜାର ଜମାକାରୀଙ୍କ ବିଶ୍ୱାସରେ ବିଷ ଦେଇଥିଲେ ସି ସୋର ଚିଟ୍‌ଫଣ୍ଡ ସଂସ୍ଥାର ମୁଖ୍ୟ ପ୍ରଶାନ୍ତ ଦାଶ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସି-ସୋର୍ ସମେତ ଓଡ଼ିଶାର ୪୪ଟି ଚିଟ୍‌ଫଣ୍ଡ କମ୍ପାନୀର ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ଯାଇଥିଲା । ସିବିଆଇ ସି ସୋର୍ ବିରୋଧରେ ଦାୟର କରିଥିବା ଚାର୍ଜସିଟ୍‌ରେ ୪୮୭ କୋଟି ଟଙ୍କାର ଠକେଇ କଥା ଉଲ୍ଲେଖ କରିଥିଲା । ସେହିପରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପ୍ରିଭେନସନ୍ ଅଫ୍ ମନିଂ ଲଣ୍ଡରିଂ ଅକ୍ଟ ବଳରେ ସି-ସୋର୍ କମ୍ପାନୀର ୨୪୨ କୋଟି ଟଙ୍କାର ସଂପତ୍ତି ଆଟାଚ୍ କରିଥିଲା । ଇ.ଡି ରଚାର୍ଜସିଟ୍ ଅନୁଯାୟୀ, ପ୍ରଶାନ୍ତ ଦାଶ ୨୧ଟି ସେଲ୍ କମ୍ପାନୀ ଓ ୧୩ଟି

▶▶ପୃଷ୍ଠା ୭

## ମାର୍ଚ୍ଚ ୩୧ ଯାଏଁ ବଢ଼ିଲା କରୋନା ଗାଇଡଲାଇନ୍ ଅବଧି

ଭୁବନେଶ୍ୱର,୨୬।୦୨ (ନି.ପ୍ର): ସାରା ଦେଶରେ ମାର୍ଚ୍ଚ ୩୧ ତାରିଖ ଯାଏଁ ବଢ଼ିଲା କରୋନା ଗାଇଡଲାଇନ୍ ଅବଧି । କରୋନା ସଂକ୍ରମଣ ଦୃଷ୍ଟିରୁ ନିଷ୍ପତ୍ତି ନେଇଛି କେନ୍ଦ୍ର ଗୃହ ବିଭାଗ । ଗାଇଡଲାଇନ୍ ଅନୁଯାୟୀ, ପୂର୍ବଭଳି ଜାରି ରହିବ କଣ୍ଟେନମେଣ୍ଟ ବ୍ୟବସ୍ଥା ଓ ସାବଧାନତା । ତେବେ ଟିକାକରଣ ତ୍ୱରାନ୍ୱିତ କରିବାକୁ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ପୂର୍ବଭଳି ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ବଜାୟ ରଖିବା ନିୟମ ବଳବତ୍ତର ରହିବ । କୋଭିଡ୍ ଗାଇଡଲାଇନକୁ ପାଳନ କରି ସ୍କୁଲ କଲେଜ୍ ଚାଲିବ । କ୍ଲାସରୁମରେ ଛାତ୍ରଛାତ୍ରୀ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ରହିବ । ସେହିପରି ୫୦ ପ୍ରତିଶତ ଦର୍ଶକରେ ସିନେମା ହଲ୍ ଚାଲିପାରିବ । ବାହାଘର ଏବଂ ଅନ୍ତିମ ଯାତ୍ରାରେ ସମସ୍ତେ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ବଜାୟ ରଖିବା ବାଧ୍ୟତାମୂଳକ । ତେବେ ଫେବୃଆରୀ ମାସରେ ଯେଉଁ ଗାଇଡଲାଇନ୍ ରହିଥିଲା, ତାକୁ ମାର୍ଚ୍ଚ ୩୧ ଯାଏଁ ବଳବତ୍ତର ରଖିଛନ୍ତି କେନ୍ଦ୍ର ସରକାର ।

## ୧୨ ରାଜ୍ୟରୁ ଆସୁଥିବା ବ୍ୟକ୍ତିଙ୍କୁ ଆଇସୋଲେସନ୍ ବାଧ୍ୟତାମୂଳକ



ଭୁବନେଶ୍ୱର,୨୬।୦୨ (ନି.ପ୍ର): ରାଜ୍ୟରେ କୋଭିଡ୍ ସଂକ୍ରମଣ ମାମଲା ପୁଣିଥରେ ବୃଦ୍ଧି ପାଇବାପରେ ରାଜ୍ୟ ସରକାର ଅଧିକ ସତର୍କତାମୂଳକ ପଦକ୍ଷେପ ନେଇଛନ୍ତି । କୋଭିଡ୍ ସଂକ୍ରମଣ ମାମଲା ଦ୍ରୁତଗତିରେ ବୃଦ୍ଧି ପାଉଥିବା ଦେଶର ୧୨ଟି ରାଜ୍ୟରୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଏକ ସପ୍ତାହର ହୋମ୍ ଆଇସୋଲେସନରେ ରହିବାକୁ ବାଧ ବୋଲି ରାଜ୍ୟ ସରକାର ଆଜି ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହା ସହିତ କେତେକ ଗାଇଡଲାଇନ୍ ମଧ ଜାରି କରିଛନ୍ତି । ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ସୀମାକୁ ଲାଗିଥିବା ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଛତିଶଗଡ଼ ରାଜ୍ୟ ବି ରହିଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଆଜି ସମସ୍ତ ଜିଲ୍ଲାପାଳ, ମହାନଗର ନିଗମ କମିଶନର, ବିଜୁ ପଟ୍ଟନାୟକ

▶▶ପୃଷ୍ଠା ୭

## ବିଧାନସଭାରେ ମଣ୍ଡି ସମସ୍ୟାକୁ ନେଇ ହଙ୍ଗାମା

### ମଣ୍ଡିରୁ ତୁରନ୍ତ ଧାନ ନଉଠିଲେ ଗୃହରେ ଆତ୍ମହତ୍ୟା କରିବାକୁ ଧମକ ଦେଲେ ବିଜେପି ବିଧାୟକ ସୁବାସ ପାଣିଗ୍ରାହୀ

ଭୁବନେଶ୍ୱର,୨୬।୦୨ (ନି.ପ୍ର): ମଣ୍ଡିରୁ ଧାନ ଉଠାଇବାକୁ ନେଇ ବିଜେପି ବିଧାୟକଙ୍କ ହୋହାଲ୍ଲା । ମଣ୍ଡିରୁ ତୁରନ୍ତ ଧାନ ନଉଠାଇଲେ ଗୃହରେ ଆତ୍ମହତ୍ୟା କରିବାକୁ ଧମକ ଦେଇଛନ୍ତି ବିଜେପି ବିଧାୟକ ସୁବାସ ପାଣିଗ୍ରାହୀ । ସେହିପରି ବିଜେପିର ଅନ୍ୟ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିବା ସହ ମଣ୍ଡି ପ୍ରସଙ୍ଗରେ ମନ୍ତ୍ରୀଙ୍କ ବିବୃତି ଦାବି କରିଛନ୍ତି । ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗୃହର ମଧ୍ୟଭାଗରେ ଧାରଣା ଦେଇଥିଲେ । କଂଗ୍ରେସର ଅନ୍ୟ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ଧାରଣା ଦେଇଥିଲେ । ମନ୍ତ୍ରୀ ବିବୃତି ଦିଅନ୍ତୁ ନଚେତ୍ ତାଙ୍କ ବଦଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଉତ୍ତର ରଖନ୍ତୁ ବୋଲି ବିରୋଧୀ ଅଡ଼ି ବସିଛନ୍ତି । ମଣ୍ଡି ସମସ୍ୟାକୁ ନେଇ ୧୦ ମିନିଟ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଥିଲା । ଏପରିକି ଶୁନ୍ୟକାଳ ଚାଲିପାରିନଥିଲା ।

## ୧୨ ଘଣ୍ଟିଆ ଭାରତ ବନ୍ଦ





ଭୁବନେଶ୍ୱର,୨୬।୦୨ (ନି.ପ୍ର): ଜିଏସ୍‌ଟି, ବର୍ଦ୍ଧିତ ତୈଳ ଦର ଏବଂ ଇ-ୱେ ବିଲ୍ ଭଳି ଏକାଧିକ ପ୍ରସଙ୍ଗ ବିରୋଧରେ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି । ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇଛି କଟକ ନଗର ବ୍ୟବସାୟୀ ମହାସଂଘ । କେବଳ କଟକ ନୁହେଁ, ଦେଶର ପ୍ରାୟ ୪୦ ହଜାର ଟ୍ରେଡ୍ ଆସୋସିଏସନ୍ ବି ଏହି ବନ୍ଦକୁ ସମର୍ଥନ ଜଣାଇଛନ୍ତି । ଫଳରେ ଆଜି ପ୍ରାୟ ୨୦ ଲକ୍ଷ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବାର ସମ୍ଭାବନା ରହିଛି । ଆଜି ସକାଳ ୬ରୁ ସଂଧ୍ୟା ୬ଟା ଯାଏଁ ବ୍ୟବସାୟିକ

▶▶ପୃଷ୍ଠା ୭

## ପୁରୀ ସବରେଜିଷ୍ଟ୍ରାର ନିଲମ୍ବିତ

ଭୁବନେଶ୍ୱର,୨୬।୦୨ (ନି.ପ୍ର): ପୁରୀ ସବରେଜିଷ୍ଟ୍ରାର ହିତାଂଶୁ ଶେଖର ସାମଲଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ଦାୟିତ୍ୱରେ ଅବହେଳା, ବିଶ୍ୱସନୀୟତା ଅଭାବ ପାଇଁ ସସ୍‌ପେଣ୍ଡ କରାଯାଇଥିବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ସଚିବଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଖରା ପାଇଁ ସକାଳୁଆ ସ୍କୁଲ



ଭୁବନେଶ୍ୱର,,୨୬।୦୨ (ନି.ପ୍ର): ଖରାର ପ୍ରକୋପ ବୃଦ୍ଧି ପାଉଥିବାରୁ ସକାଳୁଆ ସ୍କୁଲ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ନିଷ୍ପତି ଅନୁଯାୟୀ ନବମ ଓ ଏକାଦଶ ଶ୍ରେଣୀ ସକାଳ ୭ଟାରୁ ୯ଟା ଯାଏଁ ଚାଲିବ ଏବଂ ଦଶମ ଓ ଦ୍ୱାଦଶ ଶ୍ରେଣୀ ସକାଳ ୯ଟାରୁ ଦିନ ୧ଟା ଯାଏଁ ଚାଲିବ । ଏନେଇ ସବୁ ଡିଇଓମାନଙ୍କୁ ଗଣଶିକ୍ଷା ଅତିରିକ୍ତ ସଚିବ ଚିଠି ଲେଖି ଜଣାଇଛନ୍ତି । ଗଣଶିକ୍ଷା ବିଭାଗର ସୂଚନା ଅନୁଯାୟୀ ଗତକିଛି ଦିନ ଧରି ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି । ଏଣୁ ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ

▶▶ପୃଷ୍ଠା ୭

## ଦୁତି ଓ ଅମୀୟଙ୍କୁ ଶୁଭେଚ୍ଛା

ଭୁବନେଶ୍ୱର,୨୬।୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇଣ୍ଡିଆନ୍ ଗ୍ରାଣ୍ଡ ପ୍ରିକ୍ସ-୨ରେ ଓଡ଼ିଶାର ଧାବିକା ଦୁତି ଚାନ୍ଦ ମହିଳା ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଏବଂ ଅମୀୟ କୁମାର ମଲ୍ଲିକ ପୁରୁଷ ୧୦୦ ମିଟର ଦୌଡ଼ରେ ରଜତ ପଦକ ପାଇଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପଟିଆଲାର ଜାତୀୟ କ୍ରୀଡ଼ା ଅନୁଷ୍ଠାନଠାରେ ଏହି ଇଭେଂଟ ଚାଲିଛି । ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ମମତାଙ୍କ ଜଗନ୍ନାଥ ପୂଜା



ପଶ୍ଚିମବଙ୍ଗ,୨୬।୦୨: ନିର୍ବାଚନ ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ଶରଣରେ ମମତା । ପୁରୀରୁ ଜଗନ୍ନାଥଙ୍କ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କୋଲକାତା ଯାଇ ମମତାଙ୍କ ପାଇଁ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି । ଆଜି ନିର୍ବାଚନ କମିଶନ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ପୂର୍ବରୁ ମମତାଙ୍କ ବାସଭବନରେ ଆରମ୍ଭ ହୋଇଥିଲା ପୂଜାର୍ଚ୍ଚନା । ସକାଳ ୭ଟାରୁ ଆରମ୍ଭ ହୋଇଥିବା ଏହି ପୂଜା ଦିନତମାମ ଚାଲିଥିଲା । ଦୀର୍ଘ ୧୦ ଘଂଟାରୁ ଅଧିକ ସମୟ ଧରି ପୂଜା ହୋଇଥିଲା ବୋଲି କୁହାଯାଉଛି । ପୁରୀ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଜଗନ୍ନାଥ ସ୍ୱାଇଁ ମହାପାତ୍ର କଲିକତା ଗସ୍ତ କରି ଏହି ପୂଜା କରିଛନ୍ତି । ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କାଳିଘାଟ ବାସଭବନରେ ଏହି ପୂଜାର୍ଚ୍ଚନା ହୋଇଛି ।

▶▶ପୃଷ୍ଠା ୭

## କବି ପ୍ରଭାକର ସାହୁଙ୍କ ‘ଧମ୍‌ଧଡ଼ାସ୍’ ପୁସ୍ତକ ଲୋକାର୍ପିତ





ରେମୁଣା, ୨୬/୨(ନି.ପ୍ର): ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ବ୍ୟଙ୍ଗକବି ପ୍ରଭାକର ସାହୁଙ୍କ ତୃତୀୟ ବ୍ୟଙ୍ଗ କବିତା ଗ୍ରନ୍ଥ ‘ଧମ୍‌ଧଡ଼ାସ୍’ କବିଙ୍କ ବାସସ୍ଥାନ ମୁଖୁରାରେ ଲୋକାର୍ପିତ ହୋଇଯାଇଛି । ଶିକ୍ଷାବିତ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ସାହିତ୍ୟିକ ଡ. ରମାକାନ୍ତ ବେହେରା, ମୁଖ୍ୟବକ୍ତା କବି କାଳୀପଦ ପଣ୍ଡା, ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ସମୀକ୍ଷକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସାଗରିକା ଓ ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ଧ୍ୱନିପ୍ରତିଧ୍ୱନି ଓ ସାଗରିକାର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା, କବିଙ୍କ ମାତା ଅନ୍ନପୂର୍ଣ୍ଣା ସାହୁ ପୁସ୍ତକଟି ଉନ୍ମୋଚନ କରିଥିଲେ । ସମୀକ୍ଷକ ଡ. ତ୍ରିପାଠୀ ବ୍ୟଙ୍ଗ ସାହିତ୍ୟର ବୈଶିଷ୍ଟ୍ୟ ସଂପର୍କରେ ଆଲୋକପାତ କରିବା ସହ ଶ୍ରୀ ସାହୁଙ୍କର ବ୍ୟଙ୍ଗ କବିତା ଗୁଡ଼ିକ ସମୀକ୍ଷା କରିବା ସହ ପ୍ରତି କବିତାରେ ଲେଖକଙ୍କର ସମାଜପ୍ରତି ବାର୍ତ୍ତା ଥିବାର ଉଲ୍ଲେଖ କରିଥିଲେ । ମୁଖ୍ୟଅତିଥି ବ୍ୟଙ୍ଗ ସାହିତ୍ୟର ଉପାଦେୟତା ସଂପର୍କରେ ଆଲୋଚନା କରି ଶ୍ରୀ ସାହୁଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ । ପ୍ରକାଶକ କବି କାଳୀପଦ ପଣ୍ଡା ପ୍ରକାଶକୀୟ ଅଭିବ୍ୟକ୍ତି ରଖିଥିଲେ ।

▶▶ପୃଷ୍ଠା ୭

# ବିଦ୍ୟାଳୟସ୍ତରୀୟ କମ୍ପ୍ୟୁଟର ଶିକ୍ଷା ପୁନଃପ୍ରଚଳନ ଦାବିରେ ଗଣଧାରଣା



ବାଲେଶ୍ୱର,୨୬ା୨ (ନି.ପ୍ର): ବିଭିନ୍ନ ଦାବି ନେଇ ଆଇଟିସି ସ୍କୁଲ କୋର୍ଡିନେଟର ଆସୋସିଏସନ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଶ୍ରମିକ ସଂଗଠନ ଏଆଇଟିୟୁସି ସହବନ୍ଧନରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ଭାଗବତ ପ୍ରତିହାରୀଙ୍କ ସମେତ ସଂଗଠନର ସଭାପତି ବିଜୟ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ନାୟକ, ସାଧାରଣ ସମ୍ପାଦକ ଗୋଲକ ବିହାରୀ ଗିରି, ସେନାଲି ଦାସ, ନିରଂଜନ ପରିଡ଼ା, ପ୍ରଫୁଲ୍ଲ କୁମାର ପରିଡ଼ା, ଲକ୍ଷ୍ମୀଧର ମହାକୁଡ଼ ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ବିଦ୍ୟାଳୟସ୍ତରୀୟ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଥିବା କହିଥିଲେ। ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶିକ୍ଷାର ଶୁଭାରମ୍ଭ ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ସ୍କୁଲରେ କମ୍ପ୍ୟୁଟର ଲାବ ପ୍ରତିଷ୍ଠା କରିଥିଲେ। ଏନେଇ ୪ହଜାର କମ୍ପ୍ୟୁର ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ। ମାତ୍ର ଏହାକୁ ବନ୍ଦ କରିବା ଫଳରେ ଶିକ୍ଷକମାନେ ଜୀବିକା ହରାଇବା ସହିତ କୋଟି କୋଟି ଟଙ୍କାର କମ୍ପ୍ୟୁଟର ଲାବ ଏବେ ଖତ ଖାଇବାରେ ଲାଗିଛି।ଏଭଳି ସ୍ଥିତିରେ ଗୁରୁତ୍ୱ ଦେଇ ଛଟେଇ ହୋଇଥିବା ୪ହଜାର କମ୍ପ୍ୟୁଟର ସଂଯୋଜକଙ୍କୁ ପୁନଃ ନିଯୁକ୍ତି ପ୍ରଦାନ ସାଙ୍ଗକୁ ସମସ୍ତଙ୍କୁ ଚୁକ୍ତି ଭିତ୍ତିକ ଶିକ୍ଷକର ମାନ୍ୟତା ଦେବା, ବିଦ୍ୟାଳୟ ଶିକ୍ଷାନୀତିରେ କମ୍ପ୍ୟୁଟର ଶିକ୍ଷାକୁ ବାଧ୍ୟତାମୂଳକ କରିବା ତଥା ପାଠ୍ୟକ୍ରମରେ ସାମିଲ କରିବା, କେନ୍ଦ୍ର ସରକାରଙ୍କ ଦ୍ୱାର ପ୍ରଚଳିତ ଆଇସିଟି ବିଦ୍ୟାଳୟ ପ୍ରୋଜେକ୍ଟକୁ ଘରୋଇକରଣ ନ କରି ସରକାର ଶିକ୍ଷା ବିଭାଗ ଅଧୀନରେ ରଖିବା ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ଏନେଇ ସରକାର ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ଆସୋସିଏସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବି ସମ୍ବଳିତ ସ୍ମାରକପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

# ସୀମା ସୁରକ୍ଷା ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଉ ନାହାନ୍ତି ରାଜ୍ୟ ସରକାର

## ସର୍ବଦଳୀୟ ବୈଠକ ଡାକି ପ୍ରତିନିଧିଦଳ କୋଟିଆ ଯାତ୍ରା କରୁ: ନରସିଂହ ମିଶ୍ର

ଭୁବନେଶ୍ୱର,୨୬ା୨ (ନି.ପ୍ର): ବିଭିନ୍ନ ପଡୋଶୀ ରାଜ୍ୟ ଦ୍ୱାରା ଓଡିଶାର ଅଂଚଳରେ ପ୍ରବେଶ କରିବା ଓ ସୀମା ବିବାଦ ପ୍ରସଙ୍ଗକୁ ରାଜ୍ୟ ସରକାର ଆଦୌ ଗୁରୁତ୍ୱର ସହ ନେଉ ନାହାନ୍ତି। ଗତକାଲି ଏ ସମ୍ପର୍କରେ ଆୟୋଜିତ ମୁଲତବୀ ପ୍ରସ୍ତାବ ନୋଟିସ ଉପରେ ଆଲୋଚନା ବେଳେ ବିରୋଧୀ ଦଳର ବିଧାୟକ ମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ ସୁଦ୍ଧା ତାହା ଉପରେ ମନ୍ତ୍ରୀ ଉତର ଦେଇ ନାହାନ୍ତି। ବର୍ତମାନ ବିଧାନସଭା ଅଧିବେଶନ ଚାଲୁଥିବା ଦୃଷ୍ଟିରୁ ଏ ସମ୍ପର୍କରେ ସର୍ବଦଳୀୟ ବୈଠକ ଡକା ଯିବା ସହ ସବୁ ଦଳର ସଦସ୍ୟ ମାନଙ୍କର ଏକ ପ୍ରତିନିଧି ଦଳ କୋଟିଆ ଅଂଚଳ ଗସ୍ତ କରୁ। କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଏହା କହିଛନ୍ତି। ସେ କହିଛନ୍ତି ଯେ ଏହା ଏତେ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ଯେ ମୁଖ୍ୟମନ୍ତ୍ରୀ ଏହି ଆଲୋଚନାରେ ଅଂଶଗ୍ରହଣ କରିବାର ଥିଲା। ବିରୋଧୀ ଦଳର ସଦସ୍ୟ ମାନେ ଖୁବ ଭଲ ପରାମର୍ଶ ଦେଇଥିଲେ ସୁଦ୍ଧା ରାଜସ୍ୱ ମନ୍ତ୍ରୀ ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ସେ କହିଛନ୍ତି ରାଜସ୍ୱ ମନ୍ତ୍ରୀ ମୁଲତବୀ ପ୍ରସ୍ତାବ ଆଲୋଚନା ବେଳେ ଉତରରେ କହିଛନ୍ତି ଯେ ଫେବୃଆରୀ ୩ ତାରିଖ ଦିନ କୋଟିଆରେ ନିର୍ବାଚନ କରାଯିବାକୁ ନେଇ ଜିଲ୍ଲାପାଳ ସୂଚନା ଦେବା ପରେ ରାଜ୍ୟ ସରକାର ଜାଣିଲେ। ସେ କହିଛନ୍ତି ଯେ ରାଜ୍ୟର ଗୁଇନ୍ଦା ବିଭାଗ କଣ ଖବର ଦେଉ ନାହିଁ। ଶ୍ରୀ ମିଶ୍ର କହିଛନ୍ତି ଯେ ୧୯୬୮ ମସିହାରେ ସୀମା ବିବାଦକୁ ନେଇ କୋର୍ଟରେ ମାମଲା ଥିଲା। ଏହାର ଅର୍ଥ ହେଲା ସେତେବେଳ ଠାରୁ ବିବାଦ ରହିଛି। ତେବେ ରାଜ୍ୟ ସରକାର ଜାଣି ପାରୁ ନ ଥିଲେ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଏହି ପ୍ରସଙ୍ଗରେ କୋର୍ଟ ଅବମାନନା ସମ୍ପର୍କିତ ମାମଲା କରିବାକୁ ନେଇ ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଏହାର ଫଳାଫଳ କଣ ଆସିବ। ଯଦି କେହି କୋର୍ଟ ଅବମାନନା ମାମଲାରେ ଦୋଷୀ ହେବେ ତେବେ କୌଣସି ଅଧିକାରୀଙ୍କୁ ଦଣ୍ଡ ଦିଆ ଯାଇ ପାରେ। ହେଲେ ଓଡିଶା କଣ ତାର ଅଂଚଳ ଫେରି ପାଇବ।

ସେ କହିଛନ୍ତି ଯେ ଏହି ମାମଲାରେ ସର୍ବଦଳୀୟ ବୈଠକ ଡକା ଯାଇ ଏକ ପ୍ରତିନିଧି ଦଳ ଉକ୍ତ ଅଂଚଳ ଗସ୍ତ କରୁ। ଏହା ଦ୍ୱାରା ସରକାରୀ ଅଧିକାରୀ ମାନଙ୍କ ମନୋବଳ ବୃଦ୍ଧି ପାଇବା ସହ ସ୍ଥାନୀୟ ଲୋକ ମାନଙ୍କ ସହ ଆଲୋଚନା କରା ଯାଇ ପାରିବ। ଏ ନେଇ ସେ ଉପ ବାଚସ୍ପତିଙ୍କୁ ରୁଲିଂ ଦେବାକୁ ଦାବି କରିଥିଲେ।

# ଚାଷୀ ସମସ୍ୟା ନେଇ ରାଜ୍ୟପାଳଙ୍କୁ ଭେଟିଲା କିଷାନ କଂଗ୍ରେସ

ଭୁବନେଶ୍ୱର,୨୬ା୨ (ନି.ପ୍ର): ଚାଷୀ ସମସ୍ୟା ଓ ଧାନ କିଣାରେ ଅନିୟମିତତା ପ୍ରସଙ୍ଗରେ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟ ଅଧକ୍ଷ ଅମୀୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ରାଜ୍ୟପାଳଙ୍କୁ ସାକ୍ଷାତ କରି ୮ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

କିଷାନ କଂଗ୍ରେସର ଦାବି ଗୁଡିକ ମଧ୍ୟରେ ପଞ୍ଜିକୃତ ହୋଇଥିବା ଆଉ ବଳକା ୪ଲକ୍ଷ ୩୭ ହଜାର ଚାଷୀଙ୍କଠାରୁ ନିଃସର୍ତରେ ସମସ୍ତ ବଳକା ଧାନ କ୍ରୟ, ଧାନ କ୍ରୟ କ୍ଷେତ୍ରରେ ଉପୁଜିଥିବା ବିଭିନ୍ନ ସମସ୍ୟାର ସମାଧାନ ଓ ସଠିକ୍ ଭାବରେ ଧାନ କିଣା ପାଇଁ ସରକାର ପ୍ରତି ବ୍ଲକସ୍ତରରେ ତୁରନ୍ତ ସ୍କାର୍ଡ଼ ଗଠନ, କଟନି ଛଟନି ବନ୍ଦ, ପ୍ରତି ଅଖାର ମୂଲ୍ୟ ଓ ପରିବହନ ଖର୍ଚ୍ଚ ଚାଷୀଙ୍କୁ ପ୍ରଦାନ, ଆବଶ୍ୟକସ୍ଥଳେ ଟୋକନ ବ୍ୟବସ୍ଥା ଉଚ୍ଛେଦ ଆଦି ରହିଛି। ସେହିପରି ଧାରା-୧୩ ଅନୁଯାୟୀ ଏଫ୍.ସି.ଆଇ ସିଧା ସଳଖ ଚାଷୀଙ୍କଠାରୁ ଧାନ କିଣିବା, ଧାନ କିଣାରେ ଭୁବନେଶ୍ୱର କେନ୍ଦ୍ରୀୟ ବ୍ୟବସ୍ଥାର ତୃଟି ଯୋଗୁଁ ଜିଲ୍ଲା ସଂଗ୍ରହ କମିଟିକୁ ପୁନଃ କାର୍ଯ୍ୟକ୍ଷମ, ରାଜ୍ୟ ସରକାର ଛତିଶଗଡ଼ ଭଳି ଓଡ଼ିଶାର ଚାଷୀଙ୍କୁ ଧାନ ପ୍ରତି କ୍ୱିଂଟାଲରେ ୫୦୦ଟଙ୍କା ଅତିରିକ୍ତ ସହାୟତା ଦେବାକୁ କଂଗ୍ରେସ ଦାବି କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ଚାଷୀନେତା ସାନନ୍ଦ ମିଶ୍ର, ବିପ୍ରବର ସାହୁ, ଧ୍ରୁବ ଚରଣ ପରିଡ଼ା, ବସନ୍ତ ମହାରଣା, ନିରଞ୍ଜନ ବେହେରା, ଯଶୋଦା ନନ୍ଦନ ସିଂ, କ୍ଷୀରୋଦ କୁମାର ବେହେରା, ସରୋଜ ରଥ, ସରୋଜ ପ୍ରଧାନ, ବିଶ୍ୱଜିତ ନାଥ, ଅଙ୍କିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ବୁଢ଼ୀ ଜାଗୁଲାଇ କ୍ଲବ ପକ୍ଷରୁ ଗ୍ରାମ ପୁଷ୍କରିଣୀ ସଫେଇ

କେନ୍ଦ୍ରାପଡ଼ା,୨୬ା୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଆୟବା ପଂଚାୟତର ଆୟବା ଗ୍ରାମସ୍ଥିତ ସର୍ବ ସାଧାରଣ ବ୍ୟବହାର କରୁଥିବା ଗ୍ରାମ ଠାକୁରାଣୀଙ୍କ ପୁଷ୍କରିଣୀକୁ ପରିଷ୍କାର କରାଯାଇଛି। ଆୟବାରେ ଥିବା ମା ବୁଢ଼ୀ ଜାଗୁଲାଇ ଆଦର୍ଶ କ୍ଲବ ର ସଦସ୍ୟ ମାନେ ଦୀର୍ଘ ଦିନରୁ ଅବହେଳିତ ଅବସ୍ଥାରେ ଥିବା ଏହି ପୋଖରୀରୁ ଦଳ, ଅନାବନା ଗଛ ଓ ବର୍ଜ୍ୟବସ୍ତୁ ସବୁକୁ ପରିଷ୍କାର କରି ବ୍ୟବହାର ଯୋଗ୍ୟ କରିଥିଲେ।

# ପାକ୍ଷିକ ସମ୍ବାଦପତ୍ର ଏରିଆ ଖବର ପକ୍ଷରୁ ବନ୍ଧୁମିଳନ

ଜଳେଶ୍ୱର ,୨୬ା୨ (ନି.ପ୍ର): ଗଣତନ୍ତ୍ରର ୪ର୍ଥ ସ୍ତମ୍ଭଭାବେ କୁହାଯାଉଥିବା ସମ୍ବାଦପତ୍ର ଓ ସାମ୍ବାଦିକ ମାନେ ନିରପେକ୍ଷ ସମ୍ବାଦ ପରିବେଷଣ ସହିତ ସମାଜରେ ଅବହେଳିତ, ପ୍ରପିଡିତ ଜନସାଧାରଣଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ପ୍ରଦାନ ନିମନ୍ତେ କାର୍ଯ୍ୟ କରିବା ଉଚିତ୍ ବୋଲି ଆଜିର ବନ୍ଧୁମିଳନ ଉତ୍ସବରେ ମତପ୍ରକାଶ ପାଇଛି। ତାଳଚେରରୁ ପ୍ରକାଶିତ ପାକ୍ଷିକ ଖବରକାଗଜ ଏରିଆ ଖବରର ୪ର୍ଥ ବାର୍ଷିକ ଉତ୍ସବ ପରିପ୍ରେକ୍ଷିରେ ଜଳେଶ୍ୱର ବ୍ଲକର ନୂଆବଜାର ସ୍ଥିତ ଭଂଜଭବନ ପରିସରରେ ଆୟୋଜିତ ବଂଧୁମିଳନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୌରଅଧିକାରୀ ଅଜୟ ମହାପାତ୍ର ନିରପେକ୍ଷ ଖବର ପରିବେଷଣ ସଂପର୍କରେ କହିଥିଲେ। ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦଙ୍କ ପୌରହିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତାଭାବେ ଖବରକାଗଜର ଏଡିଟର ସୌଭାଗ୍ୟ ଚନ୍ଦ୍ର ନାୟକ ଯୋଗ ଦେଇ ଖବର କାଗଜ ମାଲିକମାନେ ବହୁ ବାଧାବିଘ୍ନ ଓ ଆର୍ଥିକ ସମସ୍ୟା ମଧ୍ୟରେ ଗତି କରିଥାନ୍ତି ବୋଲି କହିଥିଲେ। କୃଷ୍ଣାକୁମାରୀ ନାୟକଙ୍କ ସଂଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରକ୍ତଦାନ ଶିବିର ଅନୁଷ୍ଠିତ କରିଥିବା ସେକ୍ ସାଜନ୍, କୋଭିଦ୍ ଯୋଦ୍ଧା ଓ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଳେଶ୍ୱର ଏରିଆ ଖବରର ସାମ୍ବାଦିକ ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସ ଓବିସି ବିଭାଗ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୬ା୨ (ନି.ପ୍ର): ଓଡିଶା ପ୍ରଦେଶ କଂଗ୍ରେସ କମିଟି ଓବିସି ବିଭାଗର ଏକ ରାଜ୍ୟସ୍ତରୀୟ ବୈଠକ ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ରାଜ୍ୟ ଓବିସି ବିଭାଗ ଅଧକ୍ଷ ବିଷ୍ଣୁ ଚରଣ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ରାଜ୍ୟ ସରକାର କେବଳ ଯୋଜନା ଉପରେ ଯୋଜନା କରି ଲୋକମାନଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। ରାଜ୍ୟରେ ଥିବା ପଛୁଆବର୍ଗ ଜନସାଧାରଣଙ୍କର ସାମାଜିକ, ଅର୍ଥନୈତିକ ବିକାଶ ଦିଗରେ ପ୍ରଦେଶ କଂଗ୍ରେସ ଓବିସି ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ୭ ଦଫା ଦାବିକୁ ତୁରନ୍ତ ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ପ୍ରେରଣ କରିବାକୁ ଶ୍ରୀ ପଟ୍ଟନାୟକ ଉପସ୍ଥିତ ଓବିସି କର୍ମକର୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ସମସ୍ତେ ଏକଜୁଟ ହୋଇ ତୃଣମୂଳ ସ୍ତରରୁ କଂଗ୍ରେସ ସଂଗଠନକୁ ମଜବୁତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

# ଗ୍ରାମରକ୍ଷୀ ମାନଙ୍କର ବିଭିନ୍ନ ଦାବିକୁ ବିଚାରକୁ ନେବାକୁ ଦାବି କଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର,୨୬ା୨ (ନି.ପ୍ର): ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ ଗୁରୁବାର ଦିନ ଗ୍ରାମ ରକ୍ଷୀ ମାନଙ୍କର ବିଭିନ୍ନ ଦାବିକୁ ବିଚାରକୁ ନେଇ ସେଗୁଡିକୁ ପୂରଣ କରିବା ପ୍ରସଙ୍ଗ ବିଧାନସଭାରେ ଉଠାଇଛନ୍ତି। ସେମାନେ ଦୀର୍ଘ ଦିନ ଧରି ଆନ୍ଦୋଳନ କରୁଥିବା ବେଳେ ସେମାନଙ୍କ ଦାବି ପୂରଣ ନ ହେବା ନେଇ ସେ କ୍ଷୋଭ ବ୍ୟକ୍ତ କରିଛନ୍ତି। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ କହିଛନ୍ତି ଯେ ଇଂରେଜ ମାନଙ୍କର ଶାସନ ବ୍ୟବସ୍ଥା ବେଳ ଠାରୁ ହିଁ ଗ୍ରାମ ରକ୍ଷୀ ମାନେ କାମ କରି ଆସୁଛନ୍ତି। ସେମାନେ ଗାଁର କୌଣସି ସମସ୍ୟା ଉତ୍ପନ୍ନ ହେଲେ ଏହାର ସମାଧାନ କରିବା ସହ ପୋଲିସ ପ୍ରଶାସନକୁ ଖବର ଦେଇଥାନ୍ତି। ସେମାନେ ମାସରେ ଚାରିଟି ଡ୍ୟୁଟି କରିଥାନ୍ତି ଓ ତାଙ୍କୁ ମାସିକ ୧୮ ଶହ ଟଙ୍କା ପାରିଶ୍ରମିକ ମିଳିଥାଏ। କିନ୍ତୁ ଏବେ ଦେଖା ଯାଉଛି ଯେ ଯେଉଁ ଗାଁରେ ଗ୍ରାମରକ୍ଷୀଙ୍କ ମୃତ୍ୟୁ ଘଟିଛି ସେଠାକାର ପଦକୁ ସମାପ୍ତ କରି ଦିଆ ଯାଉଛି। ଗ୍ରାମରକ୍ଷୀ ମାନେ ସେମାନଙ୍କୁ ସରକାରୀ ଚାକିରୀ ଭାବେ ମାନ୍ୟତା ପ୍ରଦାନ କରିବା, ସ୍ୱାସ୍ଥ୍ୟ ବୀମା ସୁବିଧା ପ୍ରଦାନ କରିବା ଓ କାହାର ମୃତ୍ୟୁ ଘଟିଲେ ସେହି ପଦକୁ ସମାପ୍ତ ନ କରିବା ଆଦି ଦାବି କରୁଛନ୍ତି। ଏହି ପଦରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ ମାନେ ସାଧାରଣ ଭାବେ ଅଛନ୍ତି। ତେଣୁ ସେମାନଙ୍କର ଦାବିକୁ ପୂରଣ କରିବା ପାଇଁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ

## ପ୍ରତି ୱାର୍ଡରୁ ବଛାଯିବ ୫ ଜଣ ଗ୍ରାମ ସ୍ୱରାଜ ସାଥୀ

ଭୁବନେଶ୍ୱର,୨୬ା୨ (ନି.ପ୍ର): ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ଜାତୀୟ ଆବାହକ କୁନାଲ୍ ବାନାର୍ଜୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଗଠନର ଅଧକ୍ଷ ସୁଦର୍ଶନ ଦାସଙ୍କ ଉପସ୍ଥିତିରେ ବିଭିନ୍ନ ଜିଲ୍ଲା ଓ ଆଂଚଳିତ ସଂଯୋଜକମାନେ ଯୋଗଦେଇ ସଂଗଠନର କାର୍ଯ୍ୟାବଳୀକୁ ସମୀକ୍ଷା କରିବା ସହିତ ଆଗାମୀ ଦିନର କାର୍ଯ୍ୟଖସଡା ପ୍ରସ୍ତୁତ କରିଥିଲେ। ପଂଚାୟତ ବ୍ୟବସ୍ଥାକୁ ସଶକ୍ତ କରାଇ ଗ୍ରାମ ସ୍ୱରାଜ ଦିଗରେ ଆଗୁସାର ହେବା ପାଇଁ ଆଜି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ଆସନ୍ତା ମାର୍ଚ୍ଚ ମାସ ଶେଷସୁଦ୍ଧା ରାଜ୍ୟର ସମସ୍ତ ବ୍ଲକ ଏବଂ ଜିଲ୍ଲାପରିଷଦ ଜୋନ୍‌ଗୁଡିକରେ ସଂଯୋଜକ ନିଯୁକ୍ତି, ପ୍ରତି ଜିଲ୍ଲାରେ ଜିଲ୍ଲାସ୍ତରୀୟ ସମ୍ମିଳନୀ ଆୟୋଜିତ ହେବ। ପ୍ରତି ୱାର୍ଡରୁ ୫ ଜଣ ଲେଖାଏଁ "ଗ୍ରାମ ସ୍ୱରାଜ ସାଥୀ" ଚୟନ କରାଯାଇ ଲୋକଙ୍କ ସହିତ ସିଧାସଳଖ ସଂପର୍କ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିଲା। ଆଜିର ବୈଠକରେ ରାଜ୍ୟ ଯୁଗ୍ମ ସଂଯୋଜକ ବିଜୟ ପ୍ରଧାନ, ଆଂଚଳିକ ସଂଯୋଜକ ନିରୋଜ ଲୋଚନ ଦାସ, ଅଖିଳ ଭଦ୍ରା, ବିସ୍ମୟ ମହାପାତ୍ର, ନରହରି ବାଗ୍ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# କେନ୍ଦ୍ର ଜଳ ଆୟୋଗକୁ ୮ ଜଳ ପ୍ରକଳ୍ପ ରିପୋର୍ଟ ଅନୁମୋଦନ ପାଇଁ ପ୍ରେରଣ କରାଯାଇଛି: ଜଳ ସମ୍ପଦ ମନ୍ତ୍ରୀ

ଭୁବନେଶ୍ୱର,୨୬ା୨ (ନି.ପ୍ର): କେନ୍ଦ୍ର ଜଳ ଆୟୋଗକୁ ୮ଟି ଜଳ ପ୍ରକଳ୍ପର ଏବଂ ଅନ୍ୟ ୭ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଅନୁମୋଦନ ପାଇଁ ପ୍ରେରଣ କରାଯାଇଅଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଆଜି ବିଧାନସଭାରେ ପ୍ରକାଶ କରିଛନ୍ତି। ଶାସକ ବିଜେଡି ସଭ୍ୟ ଭୁପିନ୍ଦର ସିଂଙ୍କର ମୂଳ ପ୍ରଶ୍ନ ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟ, ନରସିଂହ ମିଶ୍ର, ପ୍ରଦୀପ ଅମାତ, ସୁରେଶ କୁମାର ରାଉତରାୟଙ୍କ ଅତିରିକ୍ତ ପ୍ରଶ୍ନର ଉତର ଦେଇ ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ଯେ, ଡିପିଆର୍ ପଠାଯାଇଥିବା ଜଳ ପ୍ରକଳ୍ପଗୁଡ଼ିକ ହେଲା ଉଦନ୍ତୀ, ମିଡିଲ୍ କୋଲାବ, ଖୈରୀ ବନ୍ଧନ, ଅପର ବଂଶଧାରା, ଲୋୟର ବଂଶଧାରା, ତେଲ୍-ଇଂଟିଗ୍ରେଟେଟ୍, ଲକ୍ଷ୍ମୀ ପଥର ଓ ନବରଙ୍ଗପୁର। ସେହିପରି ଫିଜିବିଲିଟି ରିପୋର୍ଟ ଦିଆଯାଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅପର ସାମାକୋଇ, ଚନ୍ଦ୍ରିନଳା, କଟାଙ୍ଗୀ, ତେଲିଜୋର, ଖଡ଼ାଗୋ, ଲୋୟର ଉଦନ୍ତୀ, ସତୀଘାଟ, ତେଲ୍-ଇଂଟିଗ୍ରେଟେଟ୍, ଲକ୍ଷ୍ମୀପଥର, ତେଲିଜୋର, ଖଡ଼ାଗୋ ଓ ସତୀଘାଟ ପ୍ରକଳ୍ପଗୁଡ଼ିକର ମହାନଦୀ ଜଳବିବାଦ ମାମଲା ଚୂଡ଼ାନ୍ତ ନିଷ୍ପତି ପ୍ରାପ୍ତ ହେଲା ପର୍ଯ୍ୟନ୍ତ ଅନୁମୋଦନ ପ୍ରକ୍ରିୟାକୁ ସ୍ଥଗିତ ରଖି ଫେରସ୍ତ କରିଛନ୍ତି। କଟାଙ୍ଗୀ ଓ ଲୋୟର ଉଦନ୍ତୀ ଓ ଅପର ଉଦନ୍ତୀ ପ୍ରକଳ୍ପର ଅନୁମୋଦନ ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି। ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ୍‌ର ଚୂଡ଼ାନ୍ତ ନିଷ୍ପତି ପରେ ଏଗୁଡ଼ିକୁ ପୁନର୍ବାର କେନ୍ଦ୍ରୀୟ ଜଳ ଆୟୋଗକୁ ପ୍ରେରଣ କରିବା ପାଇଁ ଜଣାଇଛନ୍ତି। ଅନ୍ୟ ପ୍ରକଳ୍ପଗୁଡ଼ିକର ଡିପିଆର୍ ଓ ଏଫ୍‌ଆର୍ ବିଭିନ୍ନ କାରଣ ପାଇଁ ଜଳ ଆୟୋଗ ଠାରେ ପଡ଼ିରହିଛି। ରାଉଲ ଉତେଇ ପ୍ରକଳ୍ପର ସର୍ଭେ ଅନୁସନ୍ଧାନ କାର୍ଯ୍ୟ ଚାଲୁଥିବାରୁ ଏବଂ ଅପର ଉଦନ୍ତୀ ପ୍ରକଳ୍ପ ଜଳଆୟୋଗର ଅନୁମୋଦନ ପାଇନଥିବାରୁ ବର୍ତମାନ ଏହାର ଟେଣ୍ଡର ଡକାଯିବାର ପ୍ରସ୍ତାବ ନାହିଁ। ଲୋୟର ସୁକତେଲର କାର୍ଯ୍ୟ ଚାଲୁରହିଛି। ଠିକ୍ ସମୟରେ ଏହାର କାର୍ଯ୍ୟ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ମନ୍ତ୍ରୀ ଆହୁରି କହିଥିଲେ ଯେ, ରାଜ୍ୟର ହିତ ଦୃଷ୍ଟିରୁ ମହାନଦୀ ଅବବାହିକାରେ ବିଭିନ୍ନ ଜଳ ସଂରକ୍ଷଣ ପ୍ରକଳ୍ପର ବ୍ୟବସ୍ଥା କରିବା ପାଇଁ ବଜେଟ୍‌ରେ ୧୧ହଜାର ୭୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

## ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ - ନିରଂଜନ ପଟ୍ଟନାୟକ

ଭୁବନେଶ୍ୱର, ୨୫ ଫେବୃଆରୀ – କଂଗ୍ରେସ ଭବନରେ ଦୁଇ ଗୋଷ୍ଠି ମଧ୍ୟରେ ହୋଇଥିବା ବିବାଦକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି ପିସିସି ସଭାପତି ନିରଂଜନ ପଟ୍ଟନାୟକ। ଏହି ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ ଦଳ ବିରୋଧୀ କାମ ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ହେବ। ଯିଏ ବିଶୃଙ୍ଖଳା କରିଥିବ ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। କାହାର ଅଭିଯୋଗ ଥିଲେ ଏଆଇଆଇସିସିକୁ ଜଣାନ୍ତୁ ବୋଲି ସେ କହିଥିଲେ।

## କ୍ଷେତରେ ଜୈବିକ ଓ ରାସାୟନିକ ସାର ପ୍ରୟୋଗ ପାଠଶାଳା

କଣାସ,୨୬ା୨ (ନି.ପ୍ର): କୃଷକ ଭାରତୀ କୋପରେଟିଭି ଲିମିଟ୍ରେଡ୍ ଓଡିଶା ଓ କୃଷି ବୈଜ୍ଞାନିକ କେନ୍ଦ୍ର ପୁରୀ ଆନୁକୂଲ୍ୟରେ ଗତକାଲି ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଗଡସାନପୁଟ ଗ୍ରାମପଚାଂୟତର ଲୋକାପାଳ ଗ୍ରାମ ପର୍ଣ୍ଣିମାମୁଖୀ ଠାକୁରାଣୀ ପ୍ରାଙ୍ଗଣ ପରିସର ମଧ୍ୟରେ କୃପାସିନ୍ଧୁ ବିଶ୍ୱାଳଙ୍କ ଅଧକ୍ଷତାରେ କୃଷି କ୍ଷେତ୍ରରେ ଜୈବିକ ଏବଂ ରାସାୟନିକ ସାର ପ୍ରୟୋଗ ପାଠଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ପାଠଶାଳାରେ ଲୋକପାଳ, ହଳଦୀଆପଡା, ଢୋଲପାଟଣା, ଛୋଟିଯୋଡି, ତିମେଇଁପୁର, ଝାଡକଟା, କଂଟାବଣିଆ, ଗଡବଡପୁଟ ଓ ବଗିପଡା ଗ୍ରାମର ୨୫୦ ଜଣ ପୁରୁଷ ଓ ମହିଳା ଚାଷୀ ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ ଏହି ପାଠଶାଳାରେ ବୈଜ୍ଞାନିକ ସଞ୍ଜୟ କୁମାର ମହାନ୍ତି, ପ୍ରତିଶୀ କୁମାର ମିଶ୍ର, ସୁନିତା ସେଠୀ, ଡଃ. ମାନସ ରଞ୍ଜନ ବେହେରା ଓ ସୌମ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ପିଜୁଳି, ଆମ୍ବ, ବେଲ ଚାରା ବିତରଣ କରିଥିଲେ। ମଂଚ ପରିଚାଳନା କରିଥିଲେ ରବିନ୍ଦ୍ରନାଥ ରାଉତରାୟ ଓ ସଂଯୋଜନା କରିଥିଲେ ରାଧାଶ୍ୟାମ ବିଶ୍ୱାଳ।

# 'ପ୍ରଜ୍ୱାଳା ହ୍ୟାଣ୍ଡବୁକ୍ସ ଅନ ହ୍ୟୁମାନ ଟ୍ରାଫିକିଂଗ୍' ଉନ୍ମୋଚିତ

## ଅଧ୍ୟାତ୍ମ ଭାବରେ ଅଭାବ ହିଁ ଅପରାଧର କାରଣ: ରାଜ୍ୟପାଳ

ଭୁବନେଶ୍ୱର,୨୬ା୨ (ନି.ପ୍ର): ମାନବ ତସ୍କରି ପୃଥିବୀରେ ଭୟଙ୍କର ଭାବରେ କାୟା ବିସ୍ତାର କରିଚାଲିଛି। ଏହା ମାନବ ସଭ୍ୟତା ପାଇଁ ଏକ ଲଜ୍ଜା ଓ କଳଙ୍କ। ଏହାର ମୂଳୋତ୍ପାଟନ ନିମନ୍ତେ ସଂପୃକ୍ତ ସମସ୍ତ ଅଂଶୀଦାରମାନଙ୍କର ସମନ୍ୱିତ ଓ ସମ୍ମିଳିତ ଉଦ୍ୟମ ଦରକାର ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ରାଜଭବନର ଅଭିଷେକ କକ୍ଷରେ ଆୟୋଜିତ ଏକ ଉତ୍ସବରେ ମାନବ ତସ୍କରି ନିବାରଣ କ୍ଷେତ୍ରରେ କର୍ତବ୍ୟରତ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟବହାର ଉପଯୋଗୀ ୫ଟି ବହିର ଏକ ସେଟ୍ 'ପ୍ରଜ୍ୱାଳା ହ୍ୟାଣ୍ଡବୁକ୍ସ ଅନ ହ୍ୟୁମାନ ଟ୍ରାଫିକିଂଗ୍' କୁ ଉନ୍ମୋଚନ କରି ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ଅଧ୍ୟାତ୍ମ ଭାବର ଅଭାବ ହିଁ ଏହି ଜଘନ୍ୟ ଅପରାଧର କାରଣ। ପ୍ରତ୍ୟେକ ମଣିଷ ମଧ୍ୟରେ ଭଗବାନ ବିଦ୍ୟମାନ। ପ୍ରତ୍ୟେକ ଭଗବାନଙ୍କ ଅଂଶବିଶେଷ। ମାନବ ତସ୍କର ପ୍ରତ୍ୟକ୍ଷ ଭାବରେ ଭଗବାନଙ୍କ ବିରୋଧରେ ହେଉଥିବା ଅପରାଧ। ସମାଜର ଆଧ୍ୟାତ୍ମିକ ଭିତିକୁ ଦୃଢ଼ କରିବା ସହ ଅପରାଧୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଡ଼. ଅଚ୍ୟୁତ ସାମନ୍ତ ମାନବ ତସ୍କରିକୁ ଏକ ସଂଗଠିତ ଅପରାଧ ବୋଲି ଅଭିହିତ କରି ଏହାର ଅଂତର୍ଜାତୀୟ ବ୍ୟାପ୍ତିକୁ ଦୃଷ୍ଟିରେ ରଖି ନିରାକରଣ ନିମନ୍ତେ ଆବଶ୍ୟକ ସୁଂସହତ କାର୍ଯ୍ୟପନ୍ଥା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପ୍ରଜ୍ୱାଳାର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ ପଦ୍ମଶ୍ରୀ ସୁନୀତା କ୍ରିଷ୍ଣନ୍ କହିଲେ ଯେ ଏହି ଅପରାଧକୁ ରୋକିବା ପାଇଁ ଅନେକ ସରକାରୀ ଓ ଆଇନଗତ ବ୍ୟବସ୍ଥା ରହିଛି। ସଂପୃକ୍ତ ସଂସ୍ଥା ଓ ଅନୁଷ୍ଠାନ ମଧ୍ୟରେ ସମନ୍ୱୟ ମାଧ୍ୟମରେ ଏହାର ଫଳପ୍ରଦ ପ୍ରୟୋଗ ହୋଇପାରିବ। ହାଇଦ୍ରାବାଦସ୍ଥିତ ଆମେରିକା ବାଣିଜ୍ୟ ଦୂତାବାସର ସାର୍ବଜନୀନ ବ୍ୟାପାର ଅଧିକାରୀ ଡ୍ରେଭିଡ୍ ମୋୟେର ଏହି ବିଶ୍ୱିକ ଅପରାଧର ମୁକାବିଲା ନିମନ୍ତେ ଭାରତ- ଆମେରିକାର ମିଳିତ ଉଦ୍ୟମକୁ ଆହୁରି ଜୋରଦାର କରିବାକୁ ପ୍ରସ୍ତାବ ଦେଇଥିଲେ। ଓଡ଼ିଶା ସରକାରଙ୍କ ବିଭିନ୍ନ ନୀତି ଓ କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଆଧାରରେ ପ୍ରଜ୍ୱାଳା ପକ୍ଷରୁ ପ୍ରସ୍ତୁତ ଓ ପ୍ରକାଶିତ ଏହି ହ୍ୟାଣ୍ଡବୁକ୍ସ ବିଚାର ବିଭାଗୀୟ ଅଧିକାରୀ, ଶ୍ରମ ଅଧିକାରୀ, ଶିଶୁ କଲ୍ୟାଣ ଅଧିକାରୀ, ଅଭିଯୋଜନ ଅଧିକାର, ନାଗରିକ ସମାଜ ପାଇଁ ଉପାଦେୟ ହୋଇଛି। ଆମେରିକା ବାଣିଜ୍ୟିକ ଦୂତାବାସ ହାଇଦ୍ରାବାଦ, କଳିଙ୍ଗ ଫେଲୋସିପ୍, ଇଂଟରନ୍ୟାସନାଲ ଜଷ୍ଟିସ୍ ମିଶନ ସହାୟତାରେ ପ୍ରଜ୍ୱାଳା ପକ୍ଷରୁ ପୁସ୍ତକଟି ପ୍ରକାଶିତ ହୋଇଛି। ଉନ୍ମୋଚନ ଉତ୍ସବରେ ଆଇନ ବିଭାଗର ପ୍ରମୁଖ ସଚିବ ଶଶୀକାନ୍ତ ମିଶ୍ର, ନିର୍ଦ୍ଦେଶକ, ସମାଜ କଲ୍ୟାଣ ଅରବିନ୍ଦ ଅଗ୍ରୱାଲ, ନିର୍ଦ୍ଦେଶକ, ଅଭିଯୋଜନ ତାରାପ୍ରସାଦ ରଥ, ସଭ୍ୟ-ସଚିବ, ଷ୍ଟେଟ୍ କୋର୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ରାଜେଶ ଦାଶ, ଇଂଟରନ୍ୟାସନାଲ ଜଷ୍ଟିସ୍ ମିଶନର ମେଲିତା ଫର୍ଣ୍ଣାଡ଼େଜ୍, ସମାଜସେବୀ ମମତା ବର୍ଗୟାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖଣିଭିତକ ଅଂଚଳରେ ଥିବା ଟ୍ରଷ୍ଟବୋର୍ଡ଼ରେ ବିଧାୟକମାନେ ସଭ୍ୟ ଭାବେ ରହିବାର ବ୍ୟବସ୍ଥା ନାହିଁ: ମନ୍ତ୍ରୀ ପଦ୍ମନାଭ ବେହେରା

ଭୁବନେଶ୍ୱର,୨୬ା୨ (ନି.ପ୍ର): ଖଣିଭିତିକ ଅଂଚଳରେ ଥିବା ଟ୍ରଷ୍ଟବୋର୍ଡ଼ରେ ବିଧାୟକମାନେ ସଭ୍ୟଭାବେ ରହିବା କେନ୍ଦ୍ର ସରକାରଙ୍କ ଆକ୍ଟରେ ବ୍ୟବସ୍ଥା ନାହିଁ ବୋଲି ଯୋଜନା ଓ ସଂଯୋଜନା ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ବିଧାନସଭାରେ ପ୍ରକାଶ କରିଛନ୍ତି। ବିଧାୟକ ମୋହନ ଚରଣ ମାଝୀଙ୍କ ମୂଳ ପ୍ରଶ୍ନ, ବିଷ୍ଣୁ ସେଠୀ, ଭାଗିରଥୀ ସେଠୀ, ପ୍ରୀତିରଞ୍ଜନ ଘଡ଼େଇ ଓ ବଦ୍ରିନାରାୟଣ ପାତ୍ରଙ୍କ ଅତିରିକ୍ତ ପ୍ରଶ୍ନର ଉତର ଦେଇ ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ ଯେ, ଏହି ଟ୍ରଷ୍ଟବୋର୍ଡ଼ରେ ବଜେଟ୍, ଆକ୍ସନ ପ୍ଲାନ୍, ପ୍ରସ୍‌ପେକ୍ଟିଭ୍ ପ୍ଲାନ୍, ମାଷ୍ଟର ପ୍ଲାନ୍ ଓ ଆନୁଆଲ୍ ରିପୋର୍ଟ ପ୍ରସ୍ତୁତ କରାଯାଇ ଅନୁମୋଦନ କରାଯାଇଥାଏ। କେନ୍ଦୁଝର ଜିଲ୍ଲାରେ ଥିବା ଟ୍ରଷ୍ଟବୋର୍ଡ଼ର ବୈଠକ ୯ଥର ବସିଛି। ୨୦୧୯ରେ ବୈଠକ ବସିନଥିବା ମନ୍ତ୍ରୀ ସ୍ୱୀକାର କରିଥିଲେ। କେନ୍ଦୁଝର ଭଳି ପାଂଚଟି ଜିଲ୍ଲା ଯାଜପୁର, ସୁନ୍ଦରଗଡ଼, ଅନୁଗୁଳ, ଝାରସୁଗୁଡ଼ାରେ ଏହି ଟ୍ରଷ୍ଟବୋର୍ଡ଼ ରହିଛି। ଖଣିଭିତିକ ୧୦ କିଲୋମିଟର ଭିତରେ ପାରିପାର୍ଶ୍ୱିକ ଉନ୍ନତିରେ ଡିଏମ୍‌ଏଫ୍‌ର ପାଣ୍ଠି ଖର୍ଚ୍ଚ କରାଯାଇଥାଏ। କେନ୍ଦୁଝରରେ ୧୯୮୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲାବେଳେ ଯାଜପୁରରେ ୩୭.୨୦କୋଟି, ସୁନ୍ଦରଗଡ଼ରେ ୧୧୨୮କୋଟି, ଅନୁଗୁଳରେ ୯୯୬କୋଟି, ଝାରସୁଗୁଡ଼ାରେ ୫୬୩କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ମନ୍ତ୍ରୀ ଗୃହକୁ ଜଣାଇଥିଲେ। ଅନ୍ୟ ଖଣିଭିତିକ ରାଜ୍ୟମାନଙ୍କରେ ଥିବା ଟ୍ରଷ୍ଟବୋର୍ଡ଼ମାନଙ୍କରେ ବିଧାୟକମାନଙ୍କୁ ସଭ୍ୟ ଭାବେ ନିଆଯିବା ସମ୍ପର୍କରେ ବିଧାୟକମାନେ ଯାହା କହିଛନ୍ତି ତାହା ଉପରେ ତର୍ଜମା କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

## କାର୍ଯ୍ୟଦକ୍ଷତା ହ୍ରାସ କରେ ବ୍ୟବହାର



ନିଜର ଆଚାର ବ୍ୟବହାର ଉପରେ ନିଜ କାର୍ଯ୍ୟଦକ୍ଷତା ଅନେକାଂଶରେ ନିର୍ଭର କରିଥାଏ । ହୁଏତ କେତେକ କହିପାରନ୍ତି ସେ କାର୍ଯ୍ୟଦକ୍ଷତା ନିଜ ସାମର୍ଥ୍ୟ ଏବଂ ଦକ୍ଷତା ଉପରେ ନିର୍ଭ କରେ । କିନ୍ତୁ ନିଜ ବ୍ୟବହାର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପ୍ରକାଶ କରିଛନ୍ତି ଇଂଲର୍ଡର ମନୋବିଜ୍ଞାନୀମାନେ । କାର୍ଯ୍ୟ କରିବା ସମୟରେ କାହାର ବ୍ୟବହାର କିପରି ରହୁଛି ଏବଂ ତାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହା ଅନୁଧ୍ୟାନ କରାଯାଇଥିଲା । କାମ କରିବା ସମୟରେ କେତେକଙ୍କର ସ୍ୱାଭାବ ଚିଡ଼ିଚିଡ଼ା ହୋଇଥାଏ । ଏହାଦ୍ୱାରା ସେମାନଙ୍କ ମାନସିକ ସ୍ଥିତି ସ୍ଥିର ରହିନଥାଏ । ତେଣୁ ଏଭଳି ପରିସ୍ଥିତିରେ କାମକୁ ଠିକ୍ ଭାବରେ କରିବା ସମ୍ଭବ ହୋଇନଥାଏ । କାମ କରିବା ସମୟରେ ଟେନସନ କିମ୍ବା କିଛି କାରଣରୁ କେତେଜଣଙ୍କର ମାନସିକତାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ । ଏହାଦ୍ୱାରା ସେମାନଙ୍କ ବ୍ୟବହାର ମଧ୍ୟ ପ୍ରଭାବିତ ହୋଇଥାଏ । ଫଳରେ ସେମାନେ ଠିକ୍ ଭାବରେ କାମଟିକୁ କରିପାରି ନଥାନ୍ତି । ତେଣୁ କାମ କରିବା ସମୟରେ ନିଜ ବ୍ୟବହାର ସମ୍ପର୍କରେ ସଚେତନ ରହିବା ଦରକାର ବୋଲି ପ୍ରକାଶିତ ରିପୋର୍ଟରେ ପରାମର୍ଶ ଦିଆଯାଇଛି ।

## ୨.୬୧ କୋଟିରେ ନିଲାମ ହେଲା ଗାଈ, ଭାଙ୍ଗିଲା ବିଶ୍ୱ ରେକର୍ଡ



ସେଣ୍ଟ୍ରାଲ ଇଂଲଣ୍ଡରେ ଏକ ଗାଈ ୨.୬୧ କୋଟି ଟଙ୍କାରେ ନିଲାମ ହୋଇଛି । ପୋଶ ସ୍ୱାଇସ୍ ନାମକ ଏହି ନିଆରା ଗାଈର ବୟସ ୧୪ ମାସ । ବହୁ ମୂଲ୍ୟବାନ ଲିମୋସିନ୍ ପ୍ରଜାତି ପାଇଁ ଏହା ବିଶ୍ୱ ରେକର୍ଡ ସୃଷ୍ଟି କରିଛି । ଶ୍ରପ୍‌ଶାୟାର ସ୍ଥିତ ଲଜ୍ ଫାର୍ମଠାରେ ଏହାର ଲାଳନପାଳନ ହେଉଥିଲା । ଏହା ପୂର୍ବରୁ ଶ୍ରେଷ୍ଠ ପ୍ରଜାତି ଭାବେ ନିଲାମ ହୋଇଥିବା ଗାଈଠାରୁ ଦୁଇଗୁଣ ମୂଲ୍ୟରେ ଗତ ମାସ ଏହାର ନିଲାମ ହୋଇଛି । ୨୦୧୪ ମସିହାରେ କାର୍ଲିସଠାରେ ଉକ୍ତ ପ୍ରଜାତିର ଗାଈର ନିଲାମ ୧,୩୧,୨୫୦ ପାଉଣ୍ଡରେ ହୋଇଥିଲା । ତେବେ ପୋଶ ସ୍ୱାଇସ୍ କେବଳ ପୂର୍ବ ରେକର୍ଡ ଭାଙ୍ଗିଛି ତାହା ନୁହେଁ, ବରଂ ଇଂଲଣ୍ଡ ଓ ୟୁରୋପର ସବୁଠୁ ମହଙ୍ଗା ଗାଈର ମାନ୍ୟତା ମଧ୍ୟ ପାଇଛି । ପ୍ରଜନକ ତଥା ପଶୁପାଳକ ଖ୍ରୀଷ୍ଟିନ୍ ୱିଲିୟମ୍‌ସ ଏହି ଗୋବଂଶ ପ୍ରତିଷ୍ଠା କରିଥିଲେ । ନିଲାମରେ ପୋଶ ସ୍ୱାଇସ୍ ରେକର୍ଡ ଭଙ୍ଗ କରିବା ପରେ ସେମାନେ ଖୁବ୍ ଖୁସି ହୋଇଥିଲେ ।

## ରବିବାର ଆମିଷ କିଣିଲେ ଜୋରିମାନା !

ରବିବାର ହେଉଛି ଛୁଟିଦିନ, ଏଣୁ ଅଧିକାଂଶ ଏଇ ଛୁଟିଦିନରେ ଆମିଷ ରନ୍ଧା ପସନ୍ଦ କରନ୍ତି । ପାଠକେ ବନ୍ଧୁ ଜାଣିଛନ୍ତି କି, ରବିବାରରେ ଆମିଷ କିଣିଲେ ବି ଜୋରିମାନା ଦେବାକୁ ପଡ଼ିବ । ଅବିଶ୍ୱାସ ହେଉଥିଲେ ମଧ କଥାଟି ସତ, ଆମେରିକାର ୱାଶିଂଟନ୍‌ରେ ଏହି ନିୟମ କାର୍ଯ୍ୟକାରୀ ହୋଇଆସୁଛି । ଏବେ ମଧ ପୁଲିସ୍‌ର ଦୃଷ୍ଟିକୁ ଆସିଲେ, ଆମିଷ ନେଉଥିବା ବ୍ୟକ୍ତିକୁ ଦେବାକୁ ପଡ଼େ ଜୋରିମାନା । ଆଜିକାଲିର ଅନ୍-ଲାଇନ୍ ଯୁଗରେ ଲୋକେ ପୂର୍ବରୁ ବରାଦ୍ କରିଦେଉଛନ୍ତି । ୧୯୮୦ ବେଳକୁ ସେଠା ଟେଲିଭିଜନ ବିଜ୍ଞାପନରେ ଦର୍ଶକଙ୍କୁ ବାରମ୍ବାର ସତର୍କ କରାଯାଉଥିଲା,ରବିବାରରେ ଆମିଷ କିଣିବା ମନା । ଏହା ପଛର କାରଣ ଜଣାପଡ଼ିନାହିଁ, କିନ୍ତୁ ୧୮୦୦ ଶତାବ୍ଦୀବେଳକୁ ତତ୍କାଳୀନ ମେୟର୍ ଏହି ନିୟମ ପ୍ରଣୟନ କରିଥିଲେ । ଗତ କିଛି ବର୍ଷ ମଧ୍ୟରେ ଏହି ନିୟମକୁ ନେଇ ପୁଲିସ୍ ସେଭଳି କଡ଼ାକଡ଼ି ପଦକ୍ଷେପ ନେଉନାହିଁ । ୧୯୮୦ ବେଳକୁ ରବିବାରେ ଆମିଷ କିଣୁଥିବା ଲୋକେ ଧରାପଡ଼ିଲେ ସେମାନଙ୍କୁ ଆମିଷ ମୂଲ୍ୟର ୫ ଗୁଣ ରାଶି ଜୋରିମାନା ଭାବେ ଦେବାକୁ ପଡୁଥିଲା ।

## ସୁନ୍ଦର ତ୍ୱଚା ପାଇଁ ଘରୋଇ ଉପଚାର

ଦାମୀ କ୍ରିମ କି ଲୋସନ ନୁହେଁ କି କସ୍ମେଟିକ୍ ସର୍ଜରୀ ବି ନୁହେଁ ଆପଣମି ଘରୋଇ ବ୍ୟବହୃତ ଜିନିଷରେ ଆପଣଙ୍କ ସ୍ୱାସ୍ଥ୍ୟ ଓ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ ।





### କାକୁଡ଼ି:


ଏହା ଜାଣିବା ଉଚିତ୍ ଯେ କାକୁଡ଼ି ଏକ ବିଶେଷ ଫଳ ଚର୍ମ ପାଇଁ ଆଣ ସହଜରେ ବ୍ୟବହାର କରିପାରିବେ । କଳା ଦାଗକୁ ଲାଘବ କରିବା ପାଇଁ । ଆଖିର ତଳ ଭାଗରେ ଥିବା କଳା ଦାଗରେ କାକୁଡ଼ି କାଯି ରଖିଲେ ଦାଗ ଦୂର ହୋଇଥାଏ । ତ୍ୱଚା ଉଜ୍ଜ୍ୱଳ ଦିଶିବା ସାଙ୍ଗକୁ କଳା ଦାଗ ଦୂର ହୋଇଥାଏ । ଏହାକୁ ଆଖି ଓ ମୁହଁରେ କୋଡ଼ିଏ ମିନିଟ୍ ପାଖାପାଖି ରଖିବା ଉଚିତ ।

### ମହୁ

ଚର୍ମ ଉପର ଦାଗ ଦୂର କରିବା ପାଇଁ ଦୁଇରୁ ତିନି ଚାମଚ ମହୁ ଆଠରୁ ଦଶମିନିଟ୍ ଯାଏ ଲେପ ଦିଅନ୍ତୁ ଦେଖିବେ ଆପଣଙ୍କ ମୁହଁ ଉଜ୍ଜ୍ୱଳ ଦିଶିବା ସଙ୍ଗେସଙ୍ଗେ ପ୍ରଶମିତ ହେବ । ଦାଗ ରହିଥିବା ବୀଜାଣୁକୁ ମଧ ଦୂର କରି ପାରିବ ।

### ଅଣ୍ଡା:


ଶୁଷ୍କ ଏବଂ କୁଞ୍ଚନ ଚର୍ମ ପାଇଁ ଆପଣ ଅର୍ଣ୍ଡାକୁ ବ୍ୟବହାର କରିପାରିବେ । ଅଣ୍ଡାର ଧଳା ଅଂଶକୁ ଏକ ପାତ୍ରରେ ୩୦ ମିନିଟ୍ ପର୍ଯ୍ୟନ୍ତ ମୁଖରେ ଲେପ ଦିଅନ୍ତୁ ଦେଖିବେ ଶୁଷ୍କ ତ୍ୱଚା କିପରି ଉଜ୍ଜ୍ୱଳ ଦିଶିବ ।



### ଅମୃତଭଣ୍ଡା:

ଅମୃତଭଣ୍ଡାରେ ଭିଟାମିନ ଏ ଥାଏ । ଏକ ଗ୍ଲାସ ଅମୃତଭଣ୍ଡାର ଜୁସ୍ ପିଇବା ଦ୍ୱାରା ମୁଖ ବ୍ରଣ ଦୂର ହେବା ସଙ୍ଗେ ସଙ୍ଗେ ଆପଣଙ୍କ ମୁଖର ଉଜ୍ଜ୍ୱଳତା ଦୃଶ୍ୟମାନ ହୋଇଥାଏ । ଅମୃତଭଣ୍ଡାର ଚୋପାକୁ ମୁହଁରେ ୫ମିନିଟ୍ ଯାଏ ଘଷନ୍ତୁ ଓ ଥଣ୍ଡା ଜଳରେ ଧୋଇ ଦିଅନ୍ତୁ ଦେଖିବେବେ ତ୍ୱଚାର ଚମକତା ।





### ହଳଦୀ:

ହଳଦୀ କେବଳ ରଙ୍ଗ ପାଇ ନୁହେଁ ଖାଦ୍ୟର ସ୍ୱାଦ ପାଇଁ ମଧ ବ୍ୟବହାର ହୋଇଥାଏ । କାକୁଡ଼ି ଓ ଲେମ୍ବୁ ଜୁସ୍ ସହ ହଳଦୀ ମିଶାଇ ଆପଣଙ୍କ ଚର୍ମରେ ବ୍ୟବହାର କରିପାରିବେ ଆପଣଙ୍କ ଚର୍ମର ରଙ୍ଗ ବଦଳିବା ସଙ୍ଗେସଙ୍ଗେ ଉଜ୍ଜ୍ୱଳ ଦିଶିବ ।

### ମଇଦା:

ମଇଦା ଶୁଷ୍କ ତ୍ୱଚାର ଦାଗ ଦୂର କରିଥାଏ । ଏହା ଯଦିଓ ପାରମ୍ପାରିକ ବ୍ୟବହାର କରାଯାଉଥିଲା ସୌନ୍ଦର୍ଯ୍ୟ ପାଇଁ କିନ୍ତୁ ଲେମ୍ବୁ ରସ ମଇଦା ମିଶ୍ରଣ କରି କ୍ଷୀର ସହ ୨୦ରୁ ୩୦ ମିନିଟ୍ ଯାଏ ଲଗାଇଲେ ତ୍ୱଚା ଚିକ୍କଣ ଦିଶିଥାଏ ।



### ଡାଲଚିନି:

ଡାଲଚିନି ଗୁଣ୍ଡ ମଧ ମୁଖର ଦାଗ, ବ୍ରଣ ଦୂର କରିଥାଏ । ମହୁ ସହ ମିଶ୍ରଣ କରି କିଛି ଡାଲଚିନି ଗୁର୍ଡକୁ ମୁହଁରେ ଲଗାଇବା ଫଳରେ ମୁହଁର ଚମକ ଆସିଥାଏ ।



### ଲେମ୍ବୁ:

ଲେମ୍ବୁ ମୁଖ ବ୍ରଣକୁ ଦୂର କରିବାରେ ସହାୟ ହୋଇଥାଏ । ଏହାକୁ ମୁହଁରେ ଘଷିଲେ ଦାଗ, ବ୍ରଣ ଦୂର ହୋଇଥାଏ ।



## ପୁରୁଷଙ୍କ ମଧ୍ୟରେ କସମେଟିକ୍ ସର୍ଜରୀର ଲୋକପ୍ରିୟତା




କସମେଟିକ୍ ସର୍ଜରୀର ଆଦର ଯେ କେବଳ ମହିଳାଙ୍କ ମଧ୍ୟରେ ଅଛି, ତା ନୁହେଁ । ବର୍ତ୍ତମାନ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏଇ ଦୌଡ଼ରେ ପୁରୁଷମାନେ ସବୁଠୁ ଅଧିକ ଆଗରେ । ଏଇ ଚିକିତ୍ସା ମହଙ୍ଗା ହେବା ସତ୍ତ୍ୱେ ଲୋକେ ଏସବୁ କରିବାରେ ଖୁବ୍ ଆଗ୍ରହ ପ୍ରକାଶ କରୁଥିବାର ଦେଖାଯାଉଛି । ବିଶ୍ୱର ପ୍ରମୁଖ ରାଷ୍ଟ୍ରର ପୁରୁଷଙ୍କ ପ୍ରଥମ ସମସ୍ୟା ହେଲା ଅକାଳରେ କେଶ ପାଚିବା ଓ ଖୁବ୍ ମାତ୍ରାରେ ଝଡ଼ିବା । ପର୍ବ ଏସବୁର ଦେଶୀ ଚିକିତ୍ସା କରାଯାଉଥିବା ବେଳେ ଲୋକଙ୍କ ମତ ହେଲା, ଏସବୁ ସମୟସାପେକ୍ଷ । ଏଣୁ ଶୀଘ୍ର ଉପଚାର ନିମେନ୍ତ ସେମାନେ ହଜାରହଜାର ଟଙ୍କା ଖର୍ଚ୍ଚ କରି ‘ହେୟାର ଟ୍ରାନ୍ସପ୍ଲାଣ୍ଟ‘ କରାଉଛନ୍ତି । ବିଦେଶୀ ରାଷ୍ଟ୍ରରେ ଏଇ କେଶ ଚିକିତ୍ସା ନିମନ୍ତେ ଲୋକେ ବର୍ଷକୁ ୫-୭ଲକ୍ଷ ଯଙ୍କା ଖର୍ଚ୍ଚ କରିବାକୁ ମନ ଉଣା କରୁନାହାନ୍ତି । ଭାରତରେ ମଧ ନାମୀ ବ୍ୟୁଟି ପାର୍ଲର ବ୍ରାଣ୍ଡ ‘ହେୟାର ଟ୍ରାନ୍ସପ୍ଲାଣ୍ଟ‘ ନିମନ୍ତେ ପ୍ରତି ଥର ପିଛା ୨୦-୨୨ ହଜାର ଟଙ୍କା ଦେୟ ନେଉଥିବାର ପ୍ରକାଶ ପତଳା ଶରୀର ସମସ୍ତଙ୍କୁ ପସନ୍ଦ । ଖାଦ୍ୟପାନୀୟ ପ୍ରତି ଲୋଭ ବଢ଼ିଲେ ଶରୀରର ଓଜନ ବଢ଼ିବା ସ୍ୱାଭାବିକ । ଓଜନକୁ ନିୟନ୍ତ୍ରଣ କରିବା ଏତେ ସହଜ ବ୍ୟାପାର ନୁହେଁ । ଅଧିକାଂଶ ଲୋକ ବ୍ୟାୟାମ, କସରତ ଓ ଖାଦ୍ୟପାନୀୟ ପ୍ରତି ସଜାଗ ରହିନପାରି ଏବେ ଲିପୋସକ୍ସନ କରାଉଛନ୍ତି । ହଲିଉଡ ଓ ବଲିଉଡ କଳାକାରଙ୍କୁ ଦେଖି ଏବେ ସଂଖ୍ୟାଧିକ ଲୋକ ନିଜର ‘ସିକ୍ସ ପ୍ୟାକ୍ ଏବ୍ସ’ ଫିଗର କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏଇ ଲିପୋସକ୍ସନ ଅପରେସନ୍ ଦ୍ୱାରା ହି ଶରୀରର ଓଜନ କମ କରାଯିବା ସହ ଫିଗର ସୁନ୍ଦର କରାଯାଇଥାଏ ।

## ମଜାଦାର କାର୍ଯ୍ୟାଳୟ

ପ୍ରାୟ ପ୍ରତ୍ୟେକ କାର୍ଯ୍ୟାଳୟର ନିୟମାନୁସାରେ କାର୍ଯ୍ୟ କରିବାର ସମୟ ସ୍ଥିର କରାଯାଇଛି । କର୍ମଚାରୀମାନେ ସେହି ଅନୁସାରେ ଯାଇଥାନ୍ତି । ଇନ୍ଦୋରର ଏକ ଆଇଟି କମ୍ପାନୀ କିନ୍ତୁ କର୍ମଚାରୀମାନଙ୍କ ଲାଗି ଏପରି କାର୍ଯ୍ୟାଳୟ ବ୍ୟବସ୍ଥା କରିଛି ଯାହା ଏବେ ଚର୍ଚ୍ଚାରେ । ନ୍ୟୁ ଆଇଟି ପାର୍କରେ ଆରମ୍ଭ ହୋଇଥିବା ଏହି ଆଇଟି କମ୍ପାନୀରେ କର୍ମଚାରୀଙ୍କ ଯିବା ଆସିବା ପାଇଁ କୌଣସି ଧର୍ଯ୍ୟ ସମୟ ନାହିଁ । କେବଳ ଥରେ ଲଗଇନ କରିବା ପରେ ଆଠଘଣ୍ଟା କାମ କରିବାକୁ ହୁଏ । କମ୍ପାରନୀରେ କାମ କରୁଥିବା ଆଇଟି ବିଶେଷଜ୍ଞମାନଙ୍କ ଲାଗି କ୍ଲାନ୍ତି ଏବଂ ଟେନସନ ଦୂର କରିବା ପାଇଁ ସମସ୍ତ ବ୍ୟବସ୍ଥା ରହିଛି । ରାଜ୍ୟରେ ପ୍ରଥମଥର ପାଇଁ ମହିଳା କର୍ମଚାରୀମାନେ ସେମାନଙ୍କ ଶିଶୁର ଯତ୍ନ ନେଇପାରିବା ଲାଗି ନିଃଶୁଳ୍କ କ୍ରେଚ୍ ସୁବିଧା କରାଯାଇଛି । ଏଠାରୁ ସିସି ଟିଭିର ସିଧା ପ୍ରସାରଣ ସେମାନଙ୍କ ମୋବାଇଲରେ ହୋଇଥାଏ । ଫଳରେ ଯେକୌଣସି ସମୟରେ ପିଲା କ’ଣ କରୁଛି ତାହା କାର୍ଯ୍ୟରତ ମା’ ମାନେ ଦେଖିପାରିବେ । ଏହା ପାଖରେ ସେମାନେ ପିଲାଙ୍କୁ ଖୁଆଇ ପାରିବା ଲାଗି କକ୍ଷ ରହିଛି । କାମ ବେଳେ କର୍ମଚାରୀମାନେ ନିଜକୁ ସତେଜ କରିବା ଲାଗି ଟେବୁଲ ଟେନିସ ବ୍ୟାଡମିଣ୍ଟନ ଆଦି ଖେଳିପାରିବେ । ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ସେଠାରେ ଜିମ ରଖାଯାଇଛି । ହସିବା ଏବଂ ଗୀତ ଶୁଣିବା ପାଇ ବି ହଲ ରହିଛି । ମୋବାଇଲରେ କଥା ହେବା ତଥା ଚାଲବୁଲ କରିବା ଲାଗି କାର୍ଯ୍ୟାଳୟ ପରିସରରେ ବଗିଚା କରାଯାଇଛି । କୌଣସି କର୍ମଚାରୀ ଅଧିକ କ୍ଲାନ୍ତ ଅନୁଭବ କରୁଥିଲେ ସେଠାରେ ଥିବା ବିଶ୍ରାମ କକ୍ଷକୁ ଯାଇ ଶୋଇପାରିବେ । ଭେଟିବାକୁ ଆସୁଥିବା ଆଗନ୍ତୁକମାନଙ୍କ ସହ ସାକ୍ଷାତ ପାଇଁ ସ୍ୱତନ୍ତ୍ର ସ୍ଥାନ ମଧ ରହିଛି । ଇନ୍ଦୋରର ତିନିବନ୍ଧୁ ଅମିତ ଅଗୱାଲ, କଲଦୀପ କୁଣ୍ଡଲ ,ବଂ ଅଭିଷେକ ପାରିଖ ୧୫ବର୍ଚ୍ଚ ତଳେ ରେସକୋର୍ସ ରୋଡସ୍ଥିତ ଶ୍ଟକ ଫ୍ଲାଟରେ ତିନିଜଣ କର୍ମଚାରୀଙ୍କୁ







ନେଇ ଏହି କମ୍ପାନୀ ଆରମ୍ଭ କରିଥିଲେ । ଏବେ ୪୦ ପାଖାପାଖି ଦେଶରେ ଏହାର ବ୍ୟବସାୟ ଚାଲିଥିବାବେଳେ ଚାରୋଟି ଦେଶରେ କାର୍ଯ୍ୟାଳୟ ରହିଛି । ୨୦୦ରୁ ଅଧିକ କମ୍ପାନୀ ଏହି ଆଇଟି ଫାର୍ମର ସେବା ନେଉଛନ୍ତି । ଏବେ ଇନ୍ଦୋରରେ ଆଠଶହ କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ୨୦୦୦ ବେକାରଙ୍କୁ ନିଯୁକ୍ତି ଦେବା ଲାଗି ଲକ୍ଷ୍ୟ ରଖିଛି କମ୍ପାନୀ ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କରୋନା ଟିକାର ଦ୍ୱିତୀୟ ପର୍ଯ୍ୟାୟ ...

କେନ୍ଦ୍ର ସରକାର ଗତ ବୁଧବାର ଦିନ ଘୋଷଣା କରିଛନ୍ତି ଯେ ମାର୍ଚ୍ଚ ପହିଲାରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ୪୫ ବର୍ଷରୁ ଉର୍ଦ୍ଧ୍ୱ ବିବିଧରୋଗରେ ପୀଡ଼ିତ ଅସୁସ୍ଥ ଲୋକମାନଙ୍କୁ କରୋନା ପ୍ରତିଷେଧକ ଟିକାଦାନ ଆରମ୍ଭ ହେବ। ଫଳରେ ଏହି ଦିନଠାରୁ କୋଭିଡ୍ ପ୍ରତିଷେଧକ ଟିକା ପ୍ରଦାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ ବୋଲି କୁହାଯାଇପାରେ। ଜାନୁଆରୀ ମାସରୁ ଆରମ୍ଭ ହୋଇଥିବା ପ୍ରତିଷେଧକ ଟିକାଦାନର ପ୍ରଥମ ପର୍ଯ୍ୟାୟରେ ଏ ପର୍ଯ୍ୟନ୍ତ ପ୍ରାୟ ୧ କୋଟି ୨୬ ଲକ୍ଷରୁ ଅଧିକ ଲୋକଙ୍କୁ ଏହି ଟିକା ଦିଆଯାଇସାରିଛି। ପ୍ରଥମ ପର୍ଯ୍ୟାୟରେ ଟିକା ଗ୍ରହଣ କରିଥିବା ହିତାଧିକାରୀମାନଙ୍କ ମଧ୍ୟରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରର ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ତଥା ଛାମୁଆ କରୋନା ଯୋଦ୍ଧାମାନେ ଅଛନ୍ତି। ଭାରତରେ କରୋନା ସଂକ୍ରମଣର ମାତ୍ରାକୁ ଦେଖି ଏହା ବିରୋଧରେ ଯେଉଁଭଳି ଭାବେ ସଂଗ୍ରାମ ଆରମ୍ଭ ହୋଇଥିଲା ଏବଂ ଏବେସୁଦ୍ଧା ତାହା ଜାରି ରହିଛି ତାହା ଅଭୂତପୂର୍ବ। ଏଥିରେ ସରକାରଙ୍କଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ହୋଇଥିଲେ। ସତର୍କତା ଅବଲମ୍ବନଠାରୁ ଆରମ୍ଭ କରି କଠୋର ଆତ୍ମଶୃଙ୍ଖଳା ହିଁ ଭାରତରେ କରୋନାର ଭୟାବହତାକୁ ନିୟନ୍ତ୍ରଣ କରିପାରିଥିଲା। ଏହି ସମୟ ମଧ୍ୟରେ ଦେଶ ଏତେ ମାତ୍ରାରେ ସଚେତନ ହୋଇଛି ଏବଂ ଏବେ ଦ୍ୱିତୀୟ ପର୍ଯ୍ୟାୟ କରୋନା ଲହରର ଲକ୍ଷଣ ଅନୁଭୂତ ହେବାବେଳେ ସେଥିପ୍ରତି ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତାହା ବିଶ୍ୱବ୍ୟାପୀ ପ୍ରଶଂସା ଲାଭ କରିଛି। ଜରୁରୀ ବ୍ୟବହାର ନିମନ୍ତେ ସରକାର ଅନୁମତି ପ୍ରଦାନ କରିଥିବା ଦୁଇଟିଯାକ ପ୍ରତିଷେଧକ ଟିକା- କୋଭାସିଲ୍ଡ ଏବଂ କୋଭାକ୍ସିନ୍ ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇଛି ବୋଲି କୁହାଯାଇପାରେ। ଏହାର କାର୍ଯ୍ୟକାରୀତାକୁ ନେଇ ଯେଉଁ ଅମୂଳକ ଆଶଙ୍କା ପ୍ରକାଶ ପାଉଥିଲା ତାହା ମଧ୍ୟ ଇତି ମଧ୍ୟରେ ଦୂର ହୋଇଛି। ଏପରିକି ଏହାର ପ୍ରାୟତଃ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ଟିକା ଗ୍ରହଣ କରିଥିବା ଅଧିକାଂଶ ହିତାଧିକାରୀ କହିଛନ୍ତି। ତେଣୁ ଚିକିତ୍ସା ସେବା ସହିତ ଜଡ଼ିତ ସ୍ୱାସ୍ଥ୍ୟକର୍ମୀ ଓ ଛାମୁଆ ଯୋଦ୍ଧାଙ୍କ ପରେ ଏବେ ଟିକାଗ୍ରହଣ ପାଳି ବୟସ୍କଙ୍କ ପାଇଁ ଆସିଛି। ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ପ୍ରାୟ ୨୭ କୋଟି ଲୋକଙ୍କୁ ଏହି ଟିକାଦାନରେ ସାମିଲ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରର ପ୍ରାୟ ୧୦,୦୦୦ରୁ ଅଧିକ ସରକାରୀ କେନ୍ଦ୍ର ଏବଂ ୨୦ ହଜାରରୁ ଅଧିକ ଘରୋଇ ଚିକିତ୍ସାକେନ୍ଦ୍ରରେ ଏଭଳି ଟିକା ବିନାମୂଲ୍ୟରେ ବୟସ୍କ ଓ ଅସୁସ୍ଥ ହିତାଧିକାରୀଙ୍କୁ ଯୋଗାଇ ଦେବାର ସୁବନ୍ଦୋବସ୍ତ ହୋଇଛି। ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ର ସକାଶେ ପ୍ରତିଷେଧକ ଟିକା ଯେତିକି ଜରୁରି ଟିକାକରଣର ସୁବନ୍ଦୋବସ୍ତ କରିବା ମଧ୍ୟ ସେତିକି ଦୁରୂହ ବ୍ୟାପାର। ତଥାପି ପ୍ରଥମ ପର୍ଯ୍ୟାୟ ଟିକାଦାନ ନିମନ୍ତେ ଯେଉଁ ବ୍ୟାପକ ପରିଚାଳନା କାର୍ଯ୍ୟକ୍ରମ ସାକାର କରାଯାଇଛି ତାହା ଅଭୂତପୂର୍ବ। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଦୁର୍ଗମ ଗ୍ରାମାଂଚଳରେ କାର୍ଯ୍ୟରତ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହଯୋଗ ଓ ନିଷ୍ଠାପର ପ୍ରୟାସ ବାସ୍ତବିକ ପ୍ରଶଂସନୀୟ। ଏବେ ଯେତେବେଳେ ଦେଶର ବିଭିନ୍ନ ରାଜ୍ୟରେ ପୁଣିଥରେ କରୋନା ତା'ର ଭୟଙ୍କର କାୟା ବିସ୍ତାର କରିବା ସୂଚନା ମିଳିଲାଣି, ସେପରି ସ୍ଥିତିରେ ସତର୍କତା ଅବଲମ୍ବନ ସହିତ ବ୍ୟାପକ ଟିକାକରଣର ଆବଶ୍ୟକତା ପୂର୍ବାପେକ୍ଷା ଅଧିକ ମାତ୍ରାରେ ଅନୁଭୂତ ହେଉଛି। ଏହି ମର୍ମରେ କେନ୍ଦ୍ର ସରକାର ମଧ୍ୟ ରାଜ୍ୟମାନଙ୍କୁ ସତର୍କ କରାଇଛନ୍ତି ଓ ଟିକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। କେବଳ ଭାରତ ପାଇଁ ନୁହେଁ, କରୋନା ମହାମାରୀ ଏବେ ଏକ ଜାଗତିକ ସଂକଟରେ ପରିଣତ ହୋଇଛି। ପ୍ରତ୍ୟେକ ରାଷ୍ଟ୍ର ନିଜ ନିଜ ଟିକା ପ୍ରସ୍ତୁତି ଅବା ସଂଗ୍ରହ ଓ ପ୍ରଦାନ କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି। ଆମର ସୌଭାଗ୍ୟ ଯେ ପ୍ରତିଷେଧକ ଟିକା ପ୍ରସ୍ତୁତିରେ ଭାରତ ଏବେ ସାରା ବିଶ୍ୱରେ ନେତୃତ୍ୱ ନେବାକୁ ଯାଉଛି। ଭାରତର ଟିକାକୁ ଶତାଧିକ ରାଷ୍ଟ୍ର ଚାତକ ପରି ଅନାଇ ବସିଛନ୍ତି। ସେପରିସ୍ଥଳେ ସରକାର ଦେଶର ୨୭ କୋଟି ବରିଷ୍ଠ ଓ ୪୫ ବର୍ଷରୁ ଉର୍ଦ୍ଧ୍ୱ ଅସୁସ୍ଥ ନାଗରିକଙ୍କ ପାଇଁ ତାହା ସହଜରେ ଉପଲବ୍ଧ କରାଇବା ବାସ୍ତବିକ୍ ମହନୀୟ କାର୍ଯ୍ୟ। ଏଥିରେ ସମସ୍ତଙ୍କ ସହଯୋଗ କରୋନାକୁ ପ୍ରତିହତ କରିବା ଦିଗରେ ଆଉ ଏକ ବଳିଷ୍ଠ ପଦକ୍ଷେପ ହେବ।

# ତେଲର ଖେଳ



**ଗୋପାଳ ମହାପାତ୍ର**

କରୋନା ମହାମାରୀ ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ବ୍ୟାପକ ଭାବେ ପ୍ରଭାବିତ କରିଥିଲା। ଲକଡାଉନ୍ ଖୋଲିବା ପରଠାରୁ ଦେଶରେ ଦରଦାମର ବଢ଼ି ଚାଲିଛି। ଖାଦ୍ୟ ପଦାର୍ଥର ମୂଲ୍ୟ ବଢ଼ିବାରେ ଲାଗିଛି। ଏଥି ସହିତ ପେଟ୍ରୋଲ, ଡିଜେଲ ଏବଂ ରୋଷେଇ ଗ୍ୟାସର ମୂଲ୍ୟ ମଧ୍ୟ ବଢ଼ିଛି। ଏହା ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇଁ ତୈଳ ଉତ୍ପାଦନାରୀ ରାଷ୍ଟ୍ରମାନଙ୍କର ଉତ୍ପାଦନ କମ୍‌କୁ କାରଣ ବୋଲି କୁହାଯାଉଛି। କିନ୍ତୁ ଟିକେ ନିରିଖେଇ ଦେଖିଲେ କେନ୍ଦ୍ର ଓ ରାଜ୍ୟ ସରକାର ଏହି ମୂଲ୍ୟ ବୃଦ୍ଧି ପାଇଁ ମଧ୍ୟ ଦାୟୀ ବୋଲି କୁହାଯାଇପାରିବ। ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। କାରଣ ହେଉଛି ଡଲାର ତୁଳନାରେ ଟଙ୍କାର ବିନିମୟ ଦର ହ୍ରାସ ପାଇଛି। ଏହା ଉପରେ କେନ୍ଦ୍ର ସରକାରଙ୍କର ନିୟନ୍ତ୍ରଣ ମଧ୍ୟ ନାହିଁ। ଏହାକୁ ମୁଖ୍ୟ କାରଣ ବୋଲି ମଧ୍ୟ କୁହାଯାଇପାରେ। ଏସବୁ ପରେ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଏହି ତେଲର ଖେଳକୁ ବୁଝିବା ଆବଶ୍ୟକ। ଭାରତରେ ଉଦାରବାଦ ବ୍ୟବସ୍ଥା ଆରମ୍ଭ ହେବା ପରଠାରୁ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟକୁ ଆଧାର କରି ସ୍ଥିର କରାଯାଉଛି। ତୈଳ ବିପଣନ କମ୍ପାନୀମାନେ ଏହି ମୂଲ୍ୟ ସ୍ଥିର କରୁଛନ୍ତି। ବିପଣନ କମ୍ପାନୀମାନଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ପରେ କେନ୍ଦ୍ର ସରକାରଙ୍କ ଟିକସ, ରାଜ୍ୟ ସରକାରଙ୍କ ଟିକସ, ଡିଲରମାନଙ୍କ କମିଶନ ଓ ପରିବହନ ବାବଦ ଖର୍ଚ୍ଚ ବ୍ୟତୀତ ଅନ୍ୟ କର ତଥା ସେସ୍‌କୁ ଯୋଡି ଦିଆଯାଉଛି।

ତୈଳ (ପେଟ୍ରୋଲ, ଡିଜେଲ) ଉପରେ କେନ୍ଦ୍ର ସରକାରଙ୍କର ଏକ ସାଇଜ୍ ଡ୍ୟୁଟି ତଥା ରାଜ୍ୟମାନଙ୍କର ଭାଟ ରାଜସ୍ୱ ଆୟର ଏକ ପ୍ରମୁଖ ପନ୍ଥା। କେନ୍ଦ୍ର ଓ ରାଜ୍ୟମାନଙ୍କର ଟିକସ ତଥା ସେସ୍ କାରଣରୁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଅଧିକ ଭାବରେ ବଢ଼ିଯାଉଛି। ଏବେ ଅନ୍ୟ ପଡୋଶୀ ଦେଶମାନଙ୍କ ତୁଳନାରେ ଭାରତରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଅଧିକ ରହିଛି। ଏହାର କାରଣ ହେଉଛି ପେଟ୍ରୋଲ ଓ ଡିଜେଲର ପ୍ରକୃତ ମୂଲ୍ୟ ଠାରୁ ଅଧିକ ଅର୍ଥ ଟିକସ ବାବଦରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆଦାୟ କରୁଛନ୍ତି। ତଥ୍ୟ ଅନୁସାରେ କରୋନା ମହାମାରୀ ସମୟରେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ କମି କମିଯାଇଥିଲା। କିନ୍ତୁ ସାଧାରଣ ଜନତାଙ୍କୁ ଏହାର ଫାଇଦା ମିଳିନଥିଲା। କେନ୍ଦ୍ର ସରକାର ପେଟ୍ରୋଲ ଭିତରେ ୧୦ଟଙ୍କା ଏବଂ ଡିଜେଲ ଉପରେ ୧୩ ଟଙ୍କା ଏକସାଇଜ ଡ୍ୟୁଟି ବଢ଼ାଇ ଦେଇଥିଲେ ଯେଉଁଥିରେ ରୋଡ୍ ତଥା ଇନଫ୍ରାଷ୍ଟ୍ରକଚର ସେମ୍ ୮ଟଙ୍କା ଥିଲା। ରାଜ୍ୟ ସରକାରମାନେ ମଧ୍ୟ ଭାଟ୍ ବଢ଼ାଇ ଦେଇଥିଲେ। ଗତବର୍ଷ ଜୁନ ମାସରେ ଅଶୋଧିତ ତୈଳର ଦର ଦୁଇଗୁଣ ବଢ଼ିଯାଇଥିଲା। ସେତେବେଳେ ପେଟ୍ରୋଲ ଓ ଡିଜେଲର ଲିଟର ପ୍ରତି ମୂଲ୍ୟ ମଧ୍ୟ ପାଖାପାଖି ୮୦ ଟଙ୍କାକୁ ଆସିଯାଇଥିଲା। ଏବେ ପୁଣି ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପ୍ରତି ମୂଲ୍ୟ ବଢ଼ିବାରେ ଲାଗିଛି। ଏବେ କେନ୍ଦ୍ର ସରକାର ପେଟ୍ରୋଲ ଉପରେ (ଲିଟର ପ୍ରତି) ୩୨ଟଙ୍କା ୯୮ପଇସା ଓ ଡିଜେଲ ଉପରେ ୩୧ଟଙ୍କା ୮୩ପଇସା ଏକ ସାଇଜ୍ ଡ୍ୟୁଟି ଅସୁଲ କରୁଛନ୍ତି। ରାଜ୍ୟମାନେ ମଧ୍ୟ ଏହାବାଦ୍ ଭାଟ ଅସୁଲ କରୁଛନ୍ତି। ରାଜସ୍ଥାନରେ ସର୍ବାଧିକ ୩୮ପ୍ରତିଶତ ଭାଟ୍ ଲଗାଯାଇଥିବାବେଳେ ମଣିପୁରରେ ୩୬.୫, ତେଲେଙ୍ଗାନାରେ ୩୫.୨, ମଧ୍ୟପ୍ରଦେଶରେ ୩୩ପ୍ରତିଶତ ଭାଟ୍ ଲଗାଯାଉଛି। ଓଡ଼ିଶାରେ ଏହିପରି ଭାଟ୍ ରହିଛି। ସାଧାରଣ ଭାବେ ଦେଖିବାକୁ ଗଲେ ରାଜ୍ୟ ସରକାର ମାନେ ପେଟ୍ରୋଲ ଉପରେ ୨୦ରୁ ୩୮ ପ୍ରତିଶତ ଭାଟ୍ ଲଗାଉଥିବାବେଳେ ଡିଜେଲ ଉପରେ ବିଭିନ୍ନ ରାଜ୍ୟରେ ଭାଟ୍ ମଧ୍ୟ ଭିନ୍ନଭିନ୍ନ। ଡିଜେଲ ଉପରେ ରାଜସ୍ଥାନ ଓ ଓଡ଼ିଶାରେ ଅଧିକ ଭାଟ୍ ୨୮ପ୍ରତିଶତ ଲଗାଯାଉଥିବାବେଳେ କର୍ଣ୍ଣାଟକ ଓ ତେଲେଙ୍ଗାନାରେ ଏହା ୨୭ପ୍ରତିଶତ ଅଟେ।

କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କର ରାଜସ୍ୱ ଆୟର ଏକ ସିଂହ ଭାଗ ପେଟ୍ରୋଲ ଓ ଡିଜେଲରୁ ଆସିଥାଏ। ସରାକରୀ ତଥ୍ୟ ଅନୁସାରେ ୨୦୧୪-୧୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ତୈଳ ଉପରେ ଆଦାୟ କରୁଥିବା ଟିକସ ବାବଦରେ ୧ଲକ୍ଷ ୭୨ହଜାର କୋଟି ଟଙ୍କା ପାଇଥିଲେ। ୨୦୧୮-୧୯ ବେଳକୁ ଏହା ଦୁଇଗୁଣ ବଢ଼ିଯାଇଥିଲା ଓ ୩ଲକ୍ଷ ୪୮ହଜାର କୋଟି ଟଙ୍କାରେ ପହଞ୍ଚିଥିଲା। ରାଜ୍ୟ ସରକାରମାନେ ମଧ୍ୟ ଏହିଭଳି ରାଜସ୍ୱ ପାଉଛନ୍ତି। ଆନ୍ତର୍ଜାତୀୟ ବଜାରରେ ତୈଳ ଦର ବଢ଼ିଲେ ଦେଶରେ ମଧ୍ୟ ବଢ଼ୁଛି ହେଲେ ଆନ୍ତର୍ଜାତୀୟ ବଜାରରେ ଭାଉ କମିଲେ ସେହି ପରିମାଣରେ ଦେଶରେ ଦର କମୁ ନାହିଁ। ତୈଳ ଦର ଲଗାତର ଭାବେ ବୃଦ୍ଧି ପାଇବା ଚିନ୍ତାର କାରଣ ପାଲଟିଛି। ପଡୋଶୀ ଦେଶମାନଙ୍କ ତୁଳନାରେ ଭାରତରେ ତୈଳ ଦର ମଧ୍ୟ ମହଙ୍ଗା। କିନ୍ତୁ ଜାପାନ ଓ ଅନ୍ୟ କେତେକ ବିକଶିତ ଦେଶମାନଙ୍କ ତୁଳନାରେ ଶସ୍ତା। ଏକ ତଥ୍ୟ ଅନୁସାରେ ଦେଶର ସମୁଦାୟ ମାଲ ପରିବହନ ମଧ୍ୟରୁ ୧୪ ପ୍ରତିଶତ ହେଉଛି ଜରୁରୀ ଉପଭୋଗ ବସ୍ତୁ। ଭାରତକୁ ଅଧିକ ପରିମାଣର ତୈଳ ଆମଦାନୀ କରୁଥିବାରୁ ଅଧିକ ଅର୍ଥ ମଧ୍ୟ ଦେବାକୁ ପଡୁଛି। ତୈଳ ଉପରେ ଅଧିକ ନିର୍ଭରତା କାରଣରୁ ଆମଦାନୀ ବୃଦ୍ଧି ପାଉଛି ଓ ଏହାର ପ୍ରଭାବ ଭାରତର ଅର୍ଥବ୍ୟବସ୍ଥା ଉପରେ ପଡୁଛି। ଅନ୍ୟପକ୍ଷରେ ଅଧିକ ମାତ୍ରାରେ ପେଟ୍ରୋଲ ଓ ଡିଜେଲ ଗାଡିମଟର ମାନଙ୍କର ଇନ୍ଧନ ଭାବରେ ବ୍ୟବହୃତ ହେଉଥିବା ଯୋଗୁଁ ପରିବେଶ ମଧ୍ୟ ପ୍ରଦୂଷଣ ହେଉଛି ଯାହା ଚିନ୍ତାର କାରଣ ମଧ୍ୟ। ଏଣୁ ଅନେକ ଏଭଳି ସମସ୍ୟାର ଦୂର କରିବାକୁ ହେଲେ ଡିଜେଲ ପେଟ୍ରୋଲର ବ୍ୟବହାର ମଧ୍ୟ ହ୍ରାସ କରିବା ଜରୁରୀ।

ଏବେ ପେଟ୍ରୋଲ ଡିଜେଲ ପରିବର୍ତ୍ତେ ବିକଳ୍ପ ଇନ୍ଧନ କଥା ଚିନ୍ତା କରାଯାଉଛି। କେନ୍ଦ୍ର ସରକାର ଏପରିକି ଦିଲ୍ଲୀର ରାଜ୍ୟ ସରକାର ଇଲେକଟ୍ରିକ୍ ବାହାନକୁ ଅଧିକ ପ୍ରୋତ୍ସାହିତ କରୁଛନ୍ତି। ଏହାଦ୍ୱାରା ମଧ୍ୟ ପରିବେଶର ପ୍ରଦୂଷଣ କମିବ। ପୂର୍ବରୁ ଡିଜେଲ ଉପରେ ସରକାର ସବସିଡି ଦେଉଥିଲେ। ତାର କାରଣ ଥିଲା କୃଷି କ୍ଷେତ୍ରରେ ଜଳସେଚନ ପାଇଁ ପମ୍ପ ଚଳାଇବା ଓ ଋଷ ପାଇଁ ଟ୍ରାକ୍ଟରର ବ୍ୟବହାର। ସବସିଡି କାରଣରୁ ସେତେବେଳେ ଡିଜେଲର ମୂଲ୍ୟ ପେଟ୍ରୋଲ ଠାରୁ ବହୁତ କମ୍ ଥିଲା। କିନ୍ତୁ ଶସ୍ତା ଡିଜେଲର ଫାଇଦା ସମସ୍ତେ ଉଠାଇଲେ। ଡିଜେଲ ମଧ୍ୟ ପେଟ୍ରୋଲ ତୁଳନାରେ ଅଧିକ ବାୟୁ ପ୍ରଦୂଷଣ କରିଥାଏ। ତୈଳ ଉପରେ ଲଗାଯାଉଥିବା ଟିକସ ଯଥା ଏକସାଇଜ୍ ଡ୍ୟୁଟି ଓ ଭାଟ ହେଉଛି ଅପ୍ରତ୍ୟକ୍ଷ କର (ଟିକସ)। ଏହା ଯୋଗୁଁ ଅପେକ୍ଷାକୃତ ଗରୀବ ଓ ସାଧାରଣ ଲୋକମାନେ କ୍ଷତିଗ୍ରସ୍ତ ହୋଇଥାନ୍ତି। ଆମ ଦେଶରେ ଟିକସ ବ୍ୟବସ୍ଥାକୁ ସୁଧାରିବା ପାଇଁ ଏକଦେଶ - ଏକ ଟିକସ ବ୍ୟବସ୍ଥା (ଜିଏସଟି) ପ୍ରଚଳନ କରାଯାଇଛି। କିନ୍ତୁ ପେଟ୍ରୋଲ ଓ ଡିଜେଲ ଏହି ଜିଏସଟିର ପରିସରଭୁକ୍ତ ନୁହେଁ। କାରଣ ହେଉଛି କେନ୍ଦ୍ର ବା ରାଜ୍ୟ ସରକାରମାନେ ଏଥିରୁ ପାଉଥିବା ରାଜସ୍ୱକୁ ହରାଇବାକୁ ଚାହୁଁନାହାଁନ୍ତି। ଏକଥା ମଧ୍ୟ ସତ୍ୟ ଯେ, ଦେଶର ବା ରାଜ୍ୟର ବିକାଶ ପାଇଁ ଅଧିକ ରାଜସ୍ୱ ଆୟ ଜରୁରୀ କିନ୍ତୁ ଦେଶର ସାଧାରଣ ଲୋକଙ୍କ କଥା ମଧ୍ୟ ସରକାର ଚିନ୍ତା କରିବା ଆବଶ୍ୟକ। ଏବେ ଦେଖିବାକୁ ବାକି ରହିଲା ଯେ, ପେଟ୍ରୋଲ ଡିଜେଲକୁ ଜିଏସଟି ପରିସରଭୁକ୍ତ ନକରି ଏହାର ମୂଲ୍ୟ ହ୍ରାସ କରାଯିବା କିପରି? ଏଣୁ ଜରୁରୀ ଯେ ସରକାର ରାଜସ୍ୱ ବୃଦ୍ଧି କଥା ଦେଖନ୍ତୁ କିନ୍ତୁ ଲୋକଙ୍କ କଥା ମଧ୍ୟ ଚିନ୍ତା କରନ୍ତୁ। ଏମିତି ନହେଉ ଯେ ସରକାର ରାଜସ୍ୱ ବୃଦ୍ଧି ପାଇଁ ସାଧାରଣ ଲୋକଙ୍କୁ କାଙ୍ଗାଳ କରିନଦିଅନ୍ତୁ। ଯଦି ଏପରି ହୁଏ ତେବେ ଅର୍ଥବ୍ୟବସ୍ଥା ପାଇଁ ଏହା ଶୁଭଙ୍କର ହେବ ନାହିଁ। ପେଟ୍ରୋଲ ଡିଜେଲର ମୂଲ୍ୟ ବୃଦ୍ଧି ଉତ୍ପାଦନକୁ ପ୍ରଭାବିତ କରେ ଓ ଉତ୍ପାଦର ବର୍ଦ୍ଧିତ ମୂଲ୍ୟ ସିଧାସଳଖ ଭାବରେ ପ୍ରତିଦ୍ୱନ୍ଦ୍ୱିତାର କ୍ଷମତାକୁ ପ୍ରଭାବିତ କରେ। ଦେଶର ୭୦ପ୍ରତିଶତରୁ ଅଧିକ ପରିବହନ ଏହି ପେଟ୍ରୋଲ ଡିଜେଲ ଉପରେ ନିର୍ଭରଶୀଳ। ଏଣୁ ପେଟ୍ରୋଲ ଡିଜେଲର ମୂଲ୍ୟବୃଦ୍ଧିର ପ୍ରଭାବ ପରିବହନ ଉପରେ ପଡିବ ଓ ପରିବହନ ଖର୍ଚ୍ଚ ବଢ଼ିବ ଫଳରେ ଜିନିଷ ପତ୍ରର ମୂଲ୍ୟ ମଧ୍ୟ ବଢ଼ିବ ଓ ଲୋକେ ହନ୍ତସନ୍ତ ହେବେ। ଏବେ ପେଟ୍ରୋଲ ଓ ଡିଜେଲର ଲିଟର ପ୍ରତି ଦର ଶହେ ଟଙ୍କା ଛୁଇଁବାକୁ ବସିଲାଣି। ଏଣୁ ଦରଦାମ ବୃଦ୍ଧି ସ୍ୱାଭାବିକ। ସେହିପରି ବିଗତ ୬ମାସ ମଧ୍ୟରେ ରୋଷେଇ ଗ୍ୟାସ ସିଲେଣ୍ଡର ପିଛା ମୂଲ୍ୟ ପାଖାପାଖି ୧୭୫ ଟଙ୍କା ବଢ଼ିଛି। ଅର୍ଥଶାସ୍ତ୍ରୀମାନଙ୍କ ମତରେ ପେଟ୍ରୋଲ ଡିଜେଲର ମୂଲ୍ୟ ବୃଦ୍ଧିର ପ୍ରଭାବରୁ ଜିନିଷ ପତ୍ରର ଦର ମଧ୍ୟ ବଢ଼ିଥାଏ ଓ ଆବଶ୍ୟକତା ହ୍ରାସ ପାଇଥାଏ। ସାଧାରଣ ଲୋକମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହୋଇଥାନ୍ତି। ସରକାର ଏସବୁକୁ ଧ୍ୟାନ ଦିଅନ୍ତୁ।

+ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ଗଣତନ୍ତ୍ରରେ କ୍ଷମତା ଲୋଭ

**ଶ୍ରୀକୃଷ୍ଣ ସାମଲ**

ଗଣତନ୍ତ୍ରରେ କ୍ଷମତା ଲୋଭ ଲୋକ ପ୍ରତିନିଧିଟିକୁ କିପରି ହିଂସ୍ର ଓ ଭ୍ରଷ୍ଟାଗ୍ରହୀ କରିଦିଏ ତାର ଏକ ଜ୍ୱଳନ୍ତ ଉଦାହରଣ ଆମେରିକାରେ ପରାଜିତ ହୋଇଥିବା ଟ୍ରମ୍ପ ଶାସନ । ଟ୍ରମ୍ପ ଓ ତାଙ୍କର ସହଯୋଗୀ ଲୋକ ପ୍ରତିନିଧିମାନେ ନିର୍ବାଚନରେ ପରାଜୟ ବରଣ କଲାପରେ ନିଜ ନିଜକୁ ବୁଝାଇ ପାରିଲେନି ଯେ ଗଣତନ୍ତ୍ରରେ ଏହା ନିଶ୍ଚିତ ଘଟିବ । ବିଜୟ ପରାଜୟକୁ ମୁଣ୍ଡପାତି ସହିନେବାକୁ ପଡିବ । କିନ୍ତୁ ଏକଥା ଟ୍ରମ୍ପ ଓ ତାଙ୍କ ସହଯୋଗୀ ମାନେ ବିଶ୍ୱାସ କରି ପାରିଲେନି । ପୁଣି ଥରେ ସେମାନେ କ୍ଷମତାକୁ ଆସିବା ପାଇଁ ପ୍ରୟାସ କରି ବିଭିନ୍ନ ଫନ୍ଦିଫିକର କରି ଶେଷରେ ଆଇନର ଆଶ୍ରୟ ନେଇ ବିଫଳ ହେବା ପରେ ରକ୍ତମୁଖା ହୋଇ ଉଠିଲେ । ଅଗତ୍ୟା ଆମେରିକାର ସଂସଦ ଭବନ ଉପରେ ଆକ୍ରମଣ କରି ସମସ୍ତଙ୍କୁ ଲହୁଲୁହାଣ କରିନେଲେ । ହ୍ୱାଇଟ ହାଉସ ରକ୍ତରିତ ହୋଇଗଲା । ଦୋହଲି ଗଲା ୱାସିଂଟନ ଡିସି, ସ୍ତବ୍ଧ ହୋଇଗଲା ସାରା ବିଶ୍ୱ । ଆମେରିକା ଭଳି ଏକ ଶକ୍ତିଶାଳି, ଉନ୍ନତ ଓ ମାର୍ଜିତ ଗଣତନ୍ତ୍ର ରାଷ୍ଟ୍ରରେ ଯେ ଏଭଳି ଘୃଣ୍ୟ ଓ ଅମାନବୀୟ କାର୍ଯ୍ୟ ଶୈଳୀ ପରିଲକ୍ଷିତ ହେବ ଏକଥା ସହଜରେ କେହି ବିଶ୍ୱାସ କରି ପାରିଲେନି । ଯାହା ହେଉ ଗଣତନ୍ତ୍ରରେ କ୍ଷମତା ଲୋଭ ପାଇଁ ତାହା ହିଁ ଘଟିଗଲା । ଏଭଳି ଏକ ଅଭାବନୀୟ ଘଟଣା ଆମ ଭାରତବର୍ଷରେ ବି ଏହି ଜନରାଜ୍ୟ ଦିବସରେ ଘଟି ଯାଇଛି । କୃଷକ ଆନ୍ଦୋଳନ ଆଳରେ ଟ୍ରାକ୍ଟର ରାଲି ଛଳରେ କିଛି ବିଚ୍ଛିନ୍ନତାବାଦୀ ଖଲିସ୍ଥାନୀ ନେତା ଧସେଇ ପଶି ଦିଲ୍ଲୀର ଲାଲକିଲ୍ଲା ଉପରକୁ ଚଢି ଭାରତୀୟ ଜାତୀୟ ପତାକା ତ୍ରିରଙ୍ଗାକୁ ଅବତରଣ କରି ଖଲିସ୍ଥାନୀ ପତାକାକୁ ଉଡାଇଦେଲେ । କେବଳ ଅନ୍ୟ କୃଷକ ସଂଗଠନ ଗୁଡିକ ମନରେ ସାନ୍ତ୍ୱନା ଦେବା ପାଇଁ କୃଷକ ସଂଗଠନର ପତାକାକୁ ମଧ୍ୟ ଉଡାଇଥିଲେ । ଏକଥା ଦେଶବାସୀ ଭଲ ଭାବରେ ହୃଦୟଙ୍ଗମ କରିପାରିଛନ୍ତି । ଏହା ଯେ ଖଲିସ୍ଥାନୀ ବିଚ୍ଛିନ୍ନତାବାଦୀ ମାନଙ୍କ ଖେଲ୍ ଏକଥା ଦେଶବାସୀ ଭଲ ଭାବରେ ବୁଝି ପାରିଛନ୍ତି । ଯଦି ଖାଲି କୃଷକ ସଂଗଠନର ପତାକା ଉଡିଥାନ୍ତା ତାହା ହେଲେ ଦେଶବାସୀ ଧରି ନେଇଥାନ୍ତେ ଯେ କୃଷକ ମାନଙ୍କ ମନରେ ଗଭୀର କ୍ଷତ ଯୋଗୁଁ ଏହା ଘଟି ଯାଇଛି । କୃଷକମାନଙ୍କ ଆନ୍ଦୋଳନ ପ୍ରତି ଦେଶବାସୀ ବେଶ ସଚେତନ । ଯଦି ଏନ୍‌ଡିଏ ସରକାରଙ୍କ ନୂଆ କୃଷି ନୀତି କୃଷକ ମାରଣ ହୋଇଥାଏ ତେବେ ଦେଶବାସୀ ଏନ୍‌ଡିଏ ସରକାରଙ୍କୁ ଆଦୌ କ୍ଷମା ଦେବେ ନାହିଁ । ନାଇଁ ଏହା ଯଦି ଦୁଇଦୁଇଟି ନିର୍ବାଚନରେ ବିରୋଧି ଦଳମାନେ ପରାଜିତ ହୋଇ କୃଷକମାନଙ୍କୁ ଉସ୍‌କାଇ ଏହା କରାଉଚନ୍ତି ତାହା ହେଲେ ଏହା ଦେଶପ୍ରତି ଘୋର ବିପଦ । ଏକଥା କୃଷକ ସଂଗଠନ ଗୁଡିକ ଭଲ ଭାବରେ ହୃଦୟଙ୍ଗମ କରିବା ଉଚିତ୍ । ଅଥବା ଏହା ଖଲିସ୍ଥାନୀ ବିଚ୍ଛିନ୍ନତାବାଦୀଙ୍କର ଷଡଯନ୍ତ୍ର ତାହା ମଧ୍ୟ ବୁଝିବାର ଅଛି । ଖାଲି ଉପର ଠାଉରିଆ ଭାବେ କୌଣସି ଧ୍ୱଂସାତ୍ମକ କାର୍ଯ୍ୟରେ ଆଦୌ ଲିପ୍ତ ହେବା ଉଚିତ୍ ନୁହେଁ । ଯାହା ମନେ ହୁଏ ଜନରାଜ୍ୟ ଦିବସ ଦିନ ଭାରତ ବର୍ଷରେ ଯେଉଁ କାଣ୍ଡ ଘଟିଗଲା ତାହା ଗଣତନ୍ତ୍ରରେ କ୍ଷମତା ଲୋଭ ଓ ବିଚ୍ଛିନ୍ନତାବାଦୀ ମାନଙ୍କ ଷଡଯନ୍ତ୍ର ଦ୍ୱାରା ହିଁ ଏହା ଘଟି ଯାଇଛି । ଏହା ଦେଖି ସାରା ବିଶ୍ୱ ସ୍ତବ୍ଧ ହୋଇଯାଇଛି । ଏକ ସର୍ବ ବୃହତ ଗଣତନ୍ତ୍ର ରାଷ୍ଟ୍ରରେ ଏଭଳି ଉଶୃଙ୍ଖଳତାକୁ ସାରା ବିଶ୍ୱ ଆଦୌ ଭଲ ଦୃଷ୍ଟିରେ ଦେଖି ନାହିଁ ।

+ଶ୍ରୀକୃଷ୍ଣ ନିବାସ
କରଂଜିଆ, ମୟୂରଭଂଜ
ମୋ-୯୪୩୭୩୨୦୬୭୯

# ଇତି ମାଡ଼ି ଆସୁଛି

**ଅଜୟ କୁମାର ବେହେରା**

ଯହାଁପନା, ଆପକୋ କବରଖାନା, ଯାନେ ହୋଗା। ମଞ୍ଚରେ ପଛ ପଟ ପରଦାରେ ରହି ଅଭିନେତାର ବକ୍ତବ୍ୟ ସ୍ମରଣ କରାଇଦେବା ପରି, ସିଂହାସକ ବାଦଶାଙ୍କ କାନ ପାଖରେ କୌଣସି ଗୁରୁତ୍ୱପୂର୍ଣ୍ଣ ଭବିଷ୍ୟତ ସ୍ୱପ୍ନର ଯୋଜନା ପ୍ରସ୍ତୁତ ବେଳେ କାନକୁହାଟି ବାଦଶାହାଙ୍କୁ ଶୁଣାଇ କହିଦେଉଥାଏ। ବାଦଶା ପ୍ରକୃତିସ୍ଥ ହୁଅନ୍ତି, ଯୋଜନାକୁ କାଲି ପାଇଁ ନୁହେଁ ଆଗକୁନୁହଁ ପଇସା ରାଜକର ଆଦାୟ ହୋଇ ହୋଇ ନୁହଁ, ଆଜି ଆଜିର ଗଛିତ ରାଜ ଭଣ୍ଡାର ଅର୍ଥରେ ହିଁ କାମ ଫତେ, ହେବା ପରିକାମ ଶେଷ ହେବା ଆଦେଶ ସଇ ମୋହର ଲଗାନ୍ତି।

ଲଙ୍କାର ରାଜା ରାବଣ ନିଶ୍ଚେ ଜଣେ ପ୍ରଗତିଶୀଳ ଚିନ୍ତନ ରାଜା ଥିଲେ, ସୁନାର ଲଙ୍କା ସମୁଦ୍ର ଟାପୁରେ ଗଢ଼ିଥିଲେ। ସୁଲଭରେ ସୁନା ମିଳୁଥିଲା। ଆଉ ସୁନା ଛାଉଣୀରେ ଘରଦ୍ୱାର ପାଚେରୀ ଝଲସୁ ଥିଲା। ରାଜା ମୁଣ୍ଡରେ ବହୁମୂଲ୍ୟ ସୁନାରେ ମଣି ମାଣିକ୍ୟ ଖଚିତ ମୁକୁଟ ପ୍ରଜାଙ୍କର ଧନରୁ ହିଁ ଆଦାୟ ଧନରେ ନିର୍ମିତ ଅତଏବ ରାଜ୍ୟର ଏତେ ସୁନା କେମିତି ଆସିଛି? ପ୍ରଜା କଣ ଏତେ ସମୃଦ୍ଧ ଥିଲେ? ଯଦି ପ୍ରଜା ଏତେ ସମୃଦ୍ଧ ରାଜାଙ୍କର ତ ସମସ୍ତେ ରାଜବନ୍ଧୁ ହୋଇଥାନ୍ତେ? ରାଜ କାର୍ଯ୍ୟ ପାଇଁ ଦରମା ଦିଆ କର୍ମଚାରୀ ଆବଶ୍ୟକ ନଥାନ୍ତେ? ଲଙ୍କାରେ ବନ୍ଦୀ ଚିନ୍ତନ ନଥାନ୍ତା। ରାଜାର ପେଷଣ କର୍ମଚାରୀ ପାଖ ରାଜ୍ୟରେ ସୀମା ଡେଇଁ ଉତ୍ପାତ କରୁନଥାନ୍ତେ। ନିଜେ ରାଜାର ଚୌର୍ଯ୍ୟ ସ୍ୱଭାବ ନଥାନ୍ତା। ଲୁଣ୍ଠନକାରୀ ଭାବ ନଥାନ୍ତା। ଏକ ଦେଶର ପ୍ରଗତିର ଅର୍ଥ ନୁହଁ, ଅନ୍ୟ ଦେଶର ଦୁର୍ଗତି ସୃଷ୍ଟି କରିବା। ଯଦି ଏପରି ତେବେ ସେ ରାଜା ଅବଶ୍ୟ ଦୈବଶକ୍ତିର ବିରୁଦ୍ଧାଚାରୀ ତାକୁ ଦେବଦଣ୍ଡ ଭୋଗିବାକୁ ପଡ଼ିପାରେ। ନିଜର ରାଜ୍ୟ ବିସ୍ତାର ଆଶା ନିଜ ରାଜ୍ୟରେ ଅନେକ ନାରୀ ମାନଙ୍କର ଶୋକ ଦୁଃଖ ସୃଷ୍ଟି କରାଇବା ପଥ ଉନ୍ମୁକ୍ତ କରାଇବା। କାହାର ଭେଣ୍ଡିଆ ପୁଅ ଅକାଳରେ ଖସିବ, ତ କାହାର ସ୍ୱାମୀ ବୀରଗତି ପ୍ରାପ୍ତ ହେବ। ଯୁଦ୍ଧ ଫେରନ୍ତାଙ୍କ ମଧ୍ୟରେ କିଏ ଯେ ବିକଳାଙ୍ଗ ନହୋଇଥିବ ଏହା ମଧ୍ୟ ଅସମ୍ଭବ ନୁହଁ। ପ୍ରଜାଧନରେ ଅନ୍ୟ ଦେଶର ପ୍ରଜାଙ୍କର ବହୁନାଶ ଚିନ୍ତନ କଣ ଦେବୋପର ରାଜାର ମାନସ ହୁଏ କି? ହୁଏତ ଏପରି ରାଜକୁ ରାକ୍ଷସ, ଅସୁର ଦୈତ୍ୟ ନାମରେ ଲୋକେ ମନେରଖି ନିନ୍ଦନୀୟ ଇତିହାସରେ ନାମ ଭରି ଭବିଷ୍ୟତକୁ ପଠନ ବିଷୟ ରଖିଥାନ୍ତି। ଯିଏ ଯେତେ ଦୁର୍ଦ୍ଧାନ୍ତ, ବିସ୍ତାରବାଦୀ, ଲୁଣ୍ଠନକାରୀ ହେଉ ଯଦି ସୁନା ଗୁଡ଼ାଏ ସଂଗ୍ରହ କରିଥିବ ସେ ସୁନା ଯେ ପରର ଏକଥା ନିଶ୍ଚେ ସମସ୍ତେ ଭାବିପାରିବେ। ଯଦି ବଂଶାନୁକ୍ରମିକ ଶାସନ ଚାଲୁ ରହିଥିବ ତେବେ ପର ରାଜାର ବଡ଼ିମା ଥିବ ସିନା ବିକ୍ରମ ସେପରି ଯେ ହେବ ଏମିତି କିଛି କହିହେବନାହିଁ। ଆଗ ରାଜାର ଧନ ହୁକାଟଣା ବାଇ ନାଚରେ ଅୟସ ହେବ। ମୋଗଲ ତାମସା ଚାଲିବ। ପୂର୍ବେ ଲୋକେ ମନୋରଞ୍ଜନକାରୀ ସୁଆଙ୍ଗ ଥିଲା। ଏବେ ପ୍ରତ୍ୟେକ ରାଜା ମୁକୁଟ ହୀନ ହେଲେ ବି ରାଜ ଗଦିରେ ରାଜ କରୁଛନ୍ତି। ସେ ଏପରି ସୁଆଙ୍ଗ ଦେଖୁଛନ୍ତି ପୁଣି ସୁଆଙ୍ଗ ନିଜେ କରିବା ବୋଧ ହେଉଛି। ସୁଆଙ୍ଗ ଏବେ ବହୁଜନ ମନୋରଞ୍ଜନ ଉଦ୍ଦିଷ୍ଟ ନୁହଁ ବହୁଜନ ଶୋଷଣ ଓ ବହୁଜନ ପୋଷଣରେ ଲାଗୁଛି। ଆମ ରାଜ୍ୟର ଗୀତିକାର ସ୍ୱପ୍ନର କବିତା ଲେଖୁଛନ୍ତି। ଗାୟକ ଦ୍ୱାରା ବୋଲାଇଛନ୍ତି। ପାରାଦ୍ୱୀପ ଯିବା ଚିଙ୍ଗୁଡ଼ି ଧରିବା, କିଛି ନ ମିଳିଲେ ବଜା ଖଜଣୀ। ଏମିତି ଭାବନାରେ ମୂର୍ତ୍ତ ହୋଇ ଲୋକେ ଓ ଲୋକ ପ୍ରତିନିଧିମାନେ କ'ଣ କରିବାକୁ ଯାଉଛନ୍ତି ହୁଏତ ଜାଣି ପାରୁନାହାଁନ୍ତି।

ଧର୍ମ! ଧର୍ମ! ଧର୍ମ! ଏମିତି ପ୍ରଚାରରେ କେତେ ବଡ଼ ବୋଲା ଗର୍ଜନ ତର୍ଜନ ଚାପ ସୃଷ୍ଟି କରୁଛନ୍ତି।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

### ହୃଦୟହୀନ...

**ନିରଂଜନ ସାହୁ**


ଏବେ ବେଳେବେଳେ ମନେପଡ଼େ ସିଏ
କ'ଣ କରୁଥିବ ଏଇନେ ?
ସିଏ ଏବେ ଜୀବନରେ
ବଂଚିକି ଅଛି ତ ?
ଭଗବାନ ନକରନ୍ତୁ
ଏମିତି ଅବସ୍ଥା ଆସି ନ ଥାଉ ତା
ଜୀବନରେ ।
ହେଲେ କେମିତି ବୁଝିବି ତା ଖବର ?
କାହାକୁ ପଚାରିଲେ କିଏ କହିପାରିବ ?
କାହାକୁ ଅବା ପଚାରିବି ଯେ... ?
ଏମିତି ଏକ ଗୋଳମାଳିଆ
ଚିନ୍ତାଧାରାରେ
ଭାରାକ୍ରାନ୍ତ ହୋଇଯାଏ ମନ
ଭାଙ୍ଗିଯାଉଥାଏ ହୃଦୟ।
ପଛକୁ ଫେରିଚାହିଁଲେ ଆଖିପାଏନା
ତା କଥା ଭାବିବସିଲେ
ପାଉଁଶ ତଳର ନିଆଁ ପରି
ଦିକ ଦିକ କରୁଥାଏ ସ୍ମୃତି
ଆଖି ଲୁହରେ ଟଳମଳ ହୁଏ
ଛାତି କୋହରେ ପୁରିଯାଏ
ଅଥଚ ତା'ର ଖବରଅନ୍ତର
କିଛି ମିଳେନା।
ମନେପଡ଼େ ତା ସହିତ ସାକ୍ଷାତ
ସାକ୍ଷାତରୁ ଚିହ୍ନାଜଣା
କଥାବାର୍ତ୍ତାରୁ ଭଲପାଇବା
ଭଲପାଇବାରୁ ପ୍ରେମ।
ଆଉ ତା'ପରେ...
ତା'ପରେ ପଟ୍ଟ ପରିବର୍ତ୍ତନ
ସିଏ ମହାସାଗରର ଅତଳ ଗର୍ଭରେ
ଆଉ ମୁଁ ମରୁଭୂମିର
ଉତ୍ତପ୍ତ ବାଲୁକା ଶଯ୍ୟାରେ।
ନା ମୋ ପାଖରେ ଅଛି ତା ଠିକଣା
ନା ତା ପାଖରେ ଥିବ
ମୋ ଫୋନ୍ ନମ୍ବର।
ହେ ସମୟ !
ତୁମେ ଏମିତି କାହିଁକି କର
ସବୁକିଛି ଛଡ଼ାଇନେଇ ତୁମେ କି
ଆନନ୍ଦ ପାଅ ?
ମୁଁ ଜାଣେ ତୁମେ ଉତ୍ତର ଦେବନି
କାରଣ ତୁମେ ଆମ ପାଇଁ
ପାଲଟିଯାଇଛ ହୃଦୟହୀନ।

+ନିହଲପ୍ରସାଦ, ଗନ୍ଦିଆପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ: ୯୯୩୮୭୪୧୫୮୩

## କବିତା କୋଣାର୍କ

### କବିତା ପରି କିଛି..

**ସୁଶାନ୍ତ କୁମାର ଦାସ**



କେଉଁଠୁ ଆରମ୍ଭ ହୁଏ ଏ କବିତା
ଶେଷ ତା'ର ହୁଏ କେଉଁଠାରେ,
କେମିତି କହିବି ଯେ
ଉଇ ଚରି ଯାଇଥିବା ବହିର ଶବ୍ଦ ସବୁ
କେମିତି ଜୀର୍ଣ୍ଣ (ହଜମ )
ହେଉଥିବେ ଏବେ
ଉଇର ପେଟ ଭିତରେ।

ଉଲକା ହୋଇ
ଛିଟିକି ପଡ଼ିଥିବା ତାରାଟି
ଛୁଇଁ ପାରିନି ଏଯାଏଁ ମାଟି
ପବନ ଅଣ୍ଡାଳି
ଧାଇଁଛି ଶବ୍ଦଙ୍କ ପଛରେ ଯେ
କାହିଁ ଖୋଜ ଖବର ନାହିଁ
ଭୁଲି ଯାଇନି ତ ସିଏ
ମୋ କବିତା ପାଇଁ
ଶବ୍ଦଙ୍କୁ ତୋଳି ଆଣିବ ବୋଲି
ଦେଇଥିବା ତା'ର ପ୍ରତିଶ୍ରୁତି।

କବିତା ଲେଖିବି ବୋଲି ବସିଗଲି
ହାତରେ ଶାଣ ଦିଆ କଲମ,
ଧୋବ ଫରଫର କାଗଜ
ଶବ୍ଦଙ୍କୁ କୋଳେଇବ ବୋଲି
ଅପେକ୍ଷା କରିଛି କଲମ ମୁନକୁ,
ହେଲାନାହିଁ,
ଖିଆଲ ଭିତରେ ମୋଡି ଚାଲିଲି
କାଗଜହେଲା କାଗଜର ଡ଼ଙ୍ଗା
ଭସେଇ ଦେଲି
ବାଥରୁମ ପାଣିଭର୍ତ୍ତି ଟବରେ
ଶୋଇଗଲି ଚୁପଚାପ,
ପାହାନ୍ତାରୁ ଉଠି
ବାଥରୁମ ଯାଇ ଦେଖିଲି
କବିତାଟିଏ ଗୀତ ଗାଇ ଗାଇ
ଆହୁଲା ମାରୁଥିଲା କାଗଜ ଡଙ୍ଗାରେ।

ମାଂସ ତରକାରୀ ଗିନାରେ
ପାଞ୍ଚ ଆଙ୍ଗୁଳିକୁ ଏକାଠି କରି
ମୋ ଝିଅ ଖୋଜୁଛି ଫୁଟେ କଲିଜା
ସେ ଅଲିନ୍ଦ ହେଉ କି ନିଳୟ
ଏତେ କଥା ଜାଣିବା ବି ତାର
ଲୋଡ଼ା କଣ ଯେ
ମୁଁ କିନ୍ତୁ ନଖୋଜିଲେ ବି
ବେଳେବେଳେ
ପହଁରି ଆସନ୍ତି ଶବ୍ଦମାନେ
ସେ ଝୋଳ ଉପରେ ଭାସୁଥିବା
ତେଲ ଚିକ୍ ଚିକ୍ ଭାବର
ଭୋକିଲା ବାସ୍ନାରେ
ଆଙ୍ଗୁଠି ସନ୍ଧିରେ ଲଟକିଥାଏ କବିତା
ଚାହୁଁଥାଏ ଜୁଳୁଜୁଳୁ
ମୁଁ କି ତାକୁ ସାଉଁଟି ନିଏ ବୋଲି
ନିଃସର୍ତ୍ତ ରାଗରେ।

ମକର୍ଲା ଜାଲରେ ଫସିଥିବା ମାଛି ବି
ଏବେ ଶେଷ ଇଛା ରୂପେ
ବରିନେଉଛି କବିତାକୁ
ମକର୍ଲା ବି ଶୁଣୁଛି ଘଡ଼ିଏ
ତା'ର ଶେଷ କବିତାର ଉଚ୍ଚାରଣ
କେମିତି କହିବି ଯେ
କେଉଁଠୁ ଆରମ୍ଭ ହୁଏ
ଶେଷ ହୁଏ କେଉଁଠାରେ
ଏ କବିତାର ଉତ୍ତରଣ।

+ଅମୂର୍ତ୍ତା, ଉଲୁଣ୍ଡା , ସୁବର୍ଣ୍ଣପୁର
ସମ୍ପର୍କ - ୭୦୭୭୬୫୭୫୭୫

### ତୁମ ବିନା ଏଠି ସାଥି...

**ବାଳକୃଷ୍ଣ ଜେନା**

ତୁମ ଆଡ଼େ ଶୀତ କେମିତି କେଜାଣି
କିଏ ବା ପାଣିବ ଜାଣି
ଆମ ଆଡ଼େ ଶୀତ କେଇ ମୁଠା ପ୍ରେମ
ତୁମ ପାଇଁ ଗଲା ବୁଣି।

ଭିଜା ବଉଳର ଭୁରୁଭୁରୁ ବାସ
ସକାଳକୁ କରେ ତାଜା
ତୁମ ଶୂନ୍ୟତାରେ ସୁନେଲି ସପନ
ପାହାନ୍ତାକୁ ଭିଜାଭିଜା।

ସୋରିଷ କ୍ଷେତରୁ ମଧୁ ସିହରଣ
ଛୁଇଁଲେ ମହୁଲ ବନ
ଶେଯରୁ ସପନ ଯାଏଁ ସଜ କରେ
ଦୂରଦେଶୀ ନୀଳଜହ୍ନ।

ସଂଜ ସଜ ହୁଏ ଗେରୁଆ ଗେଣ୍ଡୁରେ
ଗେଣ୍ଡାଳିଆ ଗଲେ ଉଡ଼ି
ଶୀତୁଆ ରାତିର ପରିଭାଷା ସାଥି
କିଏ ବା ପାରିବ ପଢ଼ି।

ଶେଫାଳୀର ସବୁ ପଣତ କାନିରେ
ମୁହଁ ଲୁଚାଇଲେ ରାତି
ମଧୁ ଯନ୍ତ୍ରଣାରେ ଛଟପଟ ହୁଏ
ତୁମ ବିନା ଏଠି ସାଥି।

+ଅଳଗୁମ୍ଫ, ସତ୍ୟବାଦୀ,
ପୁରୀ-୭୫୨୦୧୪
ମୋ: ୯୯୩୮୬୯୯୯୫

# ॥ ନଦୀ ଆଉ ଚଢେଇ ॥



**ବିନୟ କୁମାର ଦାସ**



ନଦୀ ଉପରେ ଉଡୁଥିଲା ଚଢେଇଟିଏ । ବାରମ୍ବାର ତଳକୁ ଅନେଇ ଆଶ୍ଚର୍ଯ୍ୟ ହେଉଥିଲା ଆଉ ମନେ ମନେ କିଛି ଖୋଜୁଥିଲା ସେ ବିକଳ ହୋଇ । କିଛି ସମୟ ସେମିତି ଚକ୍କର ମାରିବା ପରେ ମନ ଦୁଃଖରେ ଆସି ବସିପଡିଲା ନଦୀ ହୁଡାରେ ।

“ ଚଢେଇରେ ... ତୁ ବୋଧେ ଏ ଅଂଚଳକୁ ପ୍ରଥମ କରି ଆସିଛୁ । ମୁଁ ତ କାହିଁ ତୋତେ ଆଗରୁ କେବେ ବି ଦେଖିନି ।” ଏତକ ଶୁଣିବା ପରେ ଚଢେଇଟି ଏ ପାଖ ସେପାଖକୁ ଅନାଇଲା । କାହିଁ କେହି ଏଠି ନାହାଁ । କିଏ ତେବେ ତାକୁ ପଚାରୁଥିଲା ତା କଥା ।

“କିଏ ତୁମେ..କିଏ ମୋତେ କହୁଚ ମୁଁ ଏଠାରେ ନୂଆ ବୋଲି ?”

“ମୁଁ ନଦୀ । ମୁଁ ତୋତେ ପଚାରୁଥିଲି ।”

“ନଦୀ ? କିନ୍ତୁ ତୁ ଶୁଖିଲା କଣ ପାଇଁ ? ଏଇ କେଇଟା ବର୍ଷ ତଳେ ତୁ କଳକଳ ନାଦରେ ଛଳଛଳ ଛନ୍ଦରେ ଢଳଢଳ ହୋଇ ପ୍ରବାହିତ ହେଉଥିଲୁ , ଅଥଚ ଆଜି ଏ କି ରୂପ ତୋର ?”

“ତାମାନେ..ତୁ ମୋତେ ଆଗରୁ ଦେଖିଛୁ ?”

“ତୋ କୂଳରେ ଏଠି ଯେଉଁ ଝଂକାଳିଆ ଗଛଟିଏ ଥିଲା..କାହିଁ ସେଇଟାକୁ ତ ମୁଁ ଦେଖିପାରୁନି । କୁଆଡେ ଗଲା ସେ ଗଛ ?”

“ତୁ ଆଗ କହିଲୁ ତୁ କିଏ ? ଏତେ କଥା ତୁ କେମିତି ଜାଣିଲୁ ?”

“ମୁଁ ପରା ସେଇ ଗଛର ଏକ ବସାରେ ଜନ୍ମ ହୋଇଥିଲି । ଆମେ ଚାରି ଭାଇଭଉଣୀ ଥିଲୁ ।”

“ଓହୋ..ତୁ ତାହେଲେ ସେଇ ଟିକି ଚଢେଇ..ଥରେ ଝଡ ବର୍ଷାରେ ତୁ ବସାରୁ ତଳକୁ ଖସି ପଡିଥିଲୁ ।”

“ହଁ , ମୁଁ ସେଇ ଚଢେଇ । ତୁ ଠିକ୍ ଚିହ୍ନି ପାରିଛୁ ।”

“ତେବେ ତୋ ବାପା ମା ଭାଇ ଭଉଣୀ ସବୁ ଗଲେ କୁଆଡେ ?”


“ମୋ ବାପାକୁ ଜଣେ ବାଣୁଆ ତୀର ମାରିଦେଲା ଯେ..ସେ ସେଇଠି ଛଟପଟ ହୋଇ ମରିଗଲା । ମାଆ ବିଚାରି ବାପାକୁ ଝୁରିଝୁରି ଖାଇବା ପିଇବା ଛାଡିଦେଲା ଆଉ ଶେଷରେ ଆମକୁ ବି ଛାଡି ଆର ପୁରକୁ ଚାଲିଗଲା । ଆମେ ସମସ୍ତେ ଯିଏ ଯାହାର ସୁବିଧା ଦେଖି ବିଭିନ୍ନ ସ୍ଥାନରେ ବସା କରି ରହିଛୁ । ଆଜି ମୋ ଜନ୍ମସ୍ଥାନ କଥା ଆଉ ତୋ କଥା ବହୁତ ମନେ ପଡିଲା । ଭାବିଲି ଯାଏ , ସେ ଜାଗା କୁ ଆଉ ଥରେ ଦେଖି ଆସେ । ହେଲେ ଏଠି ଆସି ମୁଁ କଣ ଦେଖୁଚି...ସବୁ କିଛି ତ ଉଭାନ୍ । ଏତେ ସବୁ ପରିବର୍ତ୍ତନ କେମିତି କଣ ହୋଇଗଲା ନଦୀ ?”

“କହିବି ଚଢେଇ..ସବୁ କହିବି । ମୋ ଦୁଃଖ ଆଜି ଯାଏ କେହି ମୋତେ ପଚାରି ବୁଝି ନାହାନ୍ତି । ତୁ ଆଜି ପ୍ରଥମ କରି ପଚାରୁଚୁ ଯେତେବେଳେ , ତୋତେ ସବୁ କହିବି । ମନ ଟିକେ ହାଲୁକା ହୋଇଯିବ ମୋର । ମୋତେ ଖୁବ୍ ଖୁସି ଲାଗୁଛି ତୁ ତୋ ଜନ୍ମସ୍ଥାନ ଦେଖିବାକୁ ମନ କରିଛୁ..ଏଠାକୁ ଫେରିଛୁ..ଏମିତି କେହି କରୁ ନାହାନ୍ତି ଆଜିକାଲି । ଏଇଟା ଖୁବ୍ ବଡ କଥା । ହଁ ଶୁଣ୍..ଏଇ କେଇଟା ବର୍ଷ ଭିତରେ ଏଠାରେ ସବୁ କିଛି ଓଲଟପାଲଟ ହୋଇଯାଇଛିରେ । ପ୍ରଥମେ ଲୋକମାନେ ମୋ କୂଳରେ ବଢୁଥିବା ଗଛ ସବୁ କାଟି ଯିଏ ଯାହାର ଘରକୁ ନେଇଗଲେ । ଦୁଇ କୂଳରେ ଯୋଉ ଧାନ ଆଉ ପନିପରିବା ଚାଷ ହେଉଥିଲା ସେଥିପ୍ରତି କେହି ଆଗ୍ରହ ପ୍ରକାଶ କଲେ ନାହିଁ । ତେଣୁ ସେ ସବୁ କ୍ଷେତ ଦେଖ୍ କେମିତି ଶୁଖିଲା ପଡିଛି । ପୁଣି କଣ ନା..ଏଟି କେତେ ପ୍ରକାରର କଳ କାରଖାନା ଗଢି ଉଠିଲା । ସେଥିରୁ ବାହାରୁଥିବା ଦୂଷିତ ଜଳ ମୋ ଦେହକୁ ଛଡା ହେଲା । ଫଳରେ ମୋ ଜଳ ବି ଦୂଷିତ ହୋଇଗଲା । ତାହାକୁ ଆଉ କେହି ବ୍ୟବହାର କରି ପାରିଲେ ନାହିଁ । ଗାଈଗୋରୁ ଛେଳି କେହି ବି ସେ ପାଣି ପିଇପାରିଲେ ନାହିଁ । ତେଣେ ମୁହାଣ ପାଖ ଶୁଖି ଶୁଖି ଆସିଲା । ମୋ ପ୍ରବାହରେ ବାଧା ଆସିଲା । ବାଲି ମାଫିଆମାନେ ଏଠାରୁ ବାଲି ଉଠାଇ ନେଇଗଲେ । ମୋ ଦେହ ଶୁଖି ଆସିଲା । ମୁଁ ଏବେ ନିଜେ ତ ଶୋଷିଲା..କାହାକୁ ଜଳ ଦେବି କଣ ? ଆଉ କେଇଟା ଦିନ ପରେ ମୋ ଅସ୍ତିତ୍ୱ ହଜିଯିବ । ଏଠାରେ କୋଠାବାଡି ନିର୍ମାଣ ହୋଇଯିବ । ଏଠି ଯେ ନଦୀଟିଏ ଥିଲା , ତାହା କେହି ଜାଣି ପାରିବେ ନାହିଁ । ଯଦି ତୁ ଆଉ କେବେ ଆସୁ, ତେବେ ଦେଖିପାରିବୁ ମୋ କଥା ସତ କି ମିଛ ।”

ଚଢେଇ ଆଖିରୁ ଧାରଧାର ହୋଇ ଲୁହ ବହି ଆସିଲା । ସେ ଏକ ଦୀର୍ଘଶ୍ୱାସ ଛାଡି କହିଲା, “ତୁ ସତ କହିଲୁ ନଦୀ । ଏ ମଣିଷକୁ ବିଶ୍ୱାସ ନାହିଁ । ସେ ଯାହା ଠାରୁ ଉପକାର ପାଏ , ତାହାକୁ ପ୍ରଥମେ ଶେଷ କରିଦିଏ । ସେମିତି ସବୁ ଅପକର୍ମ କରି ସେ ତାର ପରିଣିତି ବି ଭୋଗୁଛି । ପ୍ରକୃତି ସହିତ ବଦ ସାଧୁଛି । କହିଛି କଣ ନା..ମଣିଷ ସୃଷ୍ଟିର ଶ୍ରେଷ୍ଠ ଜୀବ । ହଉ , ସେମିତି କେତେଦିନ ଚାଲିବ ଚାଲୁ । ତୋର ଦିନକାଳ ସରିଗଲା । ମୁଁ ବି ଆଉ କେତେଦିନ ବା ବଂଚିବିଯେ । ତେବେ ଦୁଃଖ ଲାଗୁଛି ଏ ମନିଷ ଏତେ ହୀନିମାନ ହେଲା ପରେ ବି ନିଜର ଭୁଲ ବୁଝି ପାରୁନି । ମୁଁ ଫେରି ଯାଉଛି ନଦୀ, ବିଦାୟ ।”

ଏତକି କହି ସେ ମନଦୁଃଖରେ ସେଠାରୁ ତା ବସା ଅଭିମୁଖେ ଉଡିଗଲା ଆଉ ଶୁଖିଲା ନଦୀ ତା ଗତିପଥକୁ ବିକଳ ହୋଇ ଚାହିଁ ରହିଥିଲା ଖାଲି ।


+ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

**କାର୍ତ୍ତିକ ସାହୁ**

## ବିଜ୍ଞାନ ଟୁଙ୍ଗି - ୩୩

# ଆପୋଲା ପ୍ରୋଗ୍ରାମ(ଙ)



ମଣିଷର ଅଦମ୍ୟ ସାହାସ ଓ ଉତ୍ସାହ ତାକୁ ସାହାଯ୍ୟ କରିଛି ପ୍ରକୃତିର ରହସ୍ୟକୁ ଉନ୍ମୋଚନ କରି ତାର ଜ୍ଞାନର ପରିସୀମାକୁ ବୃଦ୍ଧି କରିବାକୁ । ତାର ଅନୁସଂଧାନ ଓ ଅନ୍ୱେଷଣ ତାକୁ ଦେଇଛି ଅନେକ ସଫଳତା ।

ମେ ମାସ ୩୦ ତାରିଖ ୨୦୨୦। ଆମେରିକାର କେନେଡ଼ି ମହାକାଶ କେନ୍ଦ୍ରରୁ ଏଲନ୍ ମସ୍କଙ୍କ ସ୍ପେସ୍ଏକ୍ସ (Spacex) ଓ ନାସାର ମିଳିତ ଉଦ୍ୟମରେ ଫାଲ୍‌କନ-୯ ରକେଟ୍ ଦୁଇଜଣ ମହାକାଶ ଯାତ୍ରୀଙ୍କୁ ନେଇ ମହାକାଶକୁ ଗଲା । ସେହି ମହାକାଶ ଯାତ୍ରୀଙ୍କ ନାମଥିଲା ଦାଉଗ୍ ହର୍ଲେ ଓ ବବ୍ ବେଙ୍କେନ୍ । ଏମାନେ ଆଗରୁ ନାସାର ସ୍ପେସ୍ ସଟଲ୍‌ରେ ମହାକାଶ ଯାତ୍ରା କରିଛନ୍ତି । ୨୦୧୧ ମସିହା ପରେ ଏହି ରକେଟ୍ ଉତ୍‌କ୍ଷେପଣରେ ଆମେରିକା ମାଟିରୁ ଦୁଇଜଣ ମହାକାଶ ଯାତ୍ରୀ ମହାକାଶକୁ ଗଲେ ।

ମହାକାଶ ସବୁବେଳେ ମଣିଷ ପାଇଁ ରହସ୍ୟର ଗନ୍ତାଘର ହୋଇ ରହିଛି । ଆମେରିକା ଓ ଋଷିଆର ବୈଜ୍ଞାନିକମାନେ ଏହି ରହସ୍ୟର ଉନ୍ମୋଚନ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ଆପୋଲେ କାର୍ଯ୍ୟକ୍ରମ ଏ ଦିଗରେ ଗୋଟିଏ ପରେ ଗୋଟିଏ ସଫଳତା ପାଇ ଚାଲିଥିଲା । ମଣିଷକୁ ଚନ୍ଦ୍ରପୃଷ୍ଠକୁ ପଠାଇବା ଆଗରୁ ବୈଜ୍ଞାନିକମାନେ ଏକଥାକୁ ଦୃଢ଼ କରିବାକୁ ଚାହୁଁଥିଲେ ଯେ ସେମାନେ ସୁରକ୍ଷିତ ଭାବରେ ଯିବେ, ଚନ୍ଦ୍ରପୃଷ୍ଠରେ ଅବତରଣ କରିବେ ଓ ପୁଣି ସୁରକ୍ଷିତ ଭାବରେ ପୃଥିବୀକୁ ଫେରି ଆସିବେ ।

ଆମେରିକାର ଅନ୍ତରୀକ୍ଷ ଗବେଷଣା ସଂସ୍ଥା ନାସା ଆପୋଲୋ-୭ ପର୍ଯ୍ୟନ୍ତ ବିଭିନ୍ନ ପରୀକ୍ଷଣ କରି ସେଥିରେ ବହୁତ ସଫଳତା ପାଇଥିଲା ଓ ଆବଶ୍ୟକ ଆତ୍ମବିଶ୍ୱାସ ଦୃଢ଼ କରିଥିଲା । ତେଣୁ ଆପୋଲୋ-୮ରେ ପ୍ରଥମଥର ପାଇଁ ଚନ୍ଦ୍ରକକ୍ଷକୁ ମଣିଷକୁ ପଠାଇ ସେମାନଙ୍କୁ ସୁରକ୍ଷିତ ଭାବରେ ପୃଥିବୀକୁ ଫେରାଇ ଆଣିବା କାର୍ଯ୍ୟରେ ବୈଜ୍ଞାନିକ ଓ ଇଂଜିନିୟରମାନେ ଲାଗି ପଡ଼ିଥିଲେ ।

ଆପୋଲୋ-୮ହେଉଛି ପ୍ରଥମ ମହାକାଶ ଯାନ ଯିଏ ପ୍ରଥମଥର ପାଇଁ ମହାକାଶଯାତ୍ରୀଙ୍କୁ ନେଇ ଚନ୍ଦ୍ରର କକ୍ଷକୁ ଯେଉଁଥିରେ ମହକାଶଯାତ୍ରୀ ଥିଲେ । ଡିସେମ୍ବର ମାସ ୨୧ ତାରିଖ, ୧୯୬୮ ମସିହା... ଆପୋଲୋ-୮ ତିନିଜଣ ମହାକାଶ ଯାତ୍ରୀଙ୍କୁ ନେଇ ପୃଥିବୀ ଛାଡ଼ିଲା । ଏହି ତିନିଜଣ ସାହାସୀ ମହାକାଶଯାତ୍ରୀମାନେ ହେଉଛନ୍ତି ଫ୍ରାଙ୍କ ଏଫ, ବରମାନ-II, ଜେମ୍ସ ଏ. ଲୋଭେଲ୍ ଜୁନିୟର ଓ ଉଇଲିୟମ ଏ.ଆଣ୍ଡରସ୍ । ଏହି ମିସନ୍ ଛଅଦିନ ତିନିଘଣ୍ଟା ୪୭ ସେକେଣ୍ଡ ଲାଗି ରହିଥିଲା ।


ଚନ୍ଦ୍ରକକ୍ଷରେ ପହଞ୍ଚିବାକୁ ଆପୋଲୋ-୮କୁ ୬୮ଘଣ୍ଟା ଲାଗିଲା । ଏହି ମହାକାଶ ଯାତ୍ରୀମାନେ କୋଡ଼ିଏ ଘଣ୍ଟାରେ ଚନ୍ଦ୍ର ଚାରିପଟେ ଦଶଥର ବୁଲିଲେ । ଖ୍ରୀଷ୍ଟମାସ ପୂର୍ବଦିନ ଏମାନେ ଖ୍ରୀଷ୍ଟିଆନଙ୍କ ଧର୍ମଗ୍ରନ୍ଥ ‘ବୁକ୍ ଅଫ ଜେନେସିସ୍’ର ପ୍ରଥମ ଦଶ ପଦ୍ୟାଂଶ ପଢ଼ିଲେ ଓ ଏହାକୁ ଆମେରିକାରେ ଲୋକମାନେ ନିଜ ନିଜ ଟେଲିଭିଜନ୍‌ରେ ଦେଖିପାରିଥିଲେ । ଚନ୍ଦ୍ରକକ୍ଷରେ ବୁଲି ମହାକାଶ ଯାତ୍ରୀମାନେ ଆଗରୁ ଯୋଜନା କରାଯାଇଥିବା ପରୀକ୍ଷଣ କରିଥିଲେ । ଏହି ମିସନ୍‌ର ସଫଳତା । ଆପୋଲେ-୧୧ ଲାଗିଏକ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିଥିଲା । ଏହି ଯାନର ମହାକାଶ ଯାତ୍ରୀମାନେ ଡିସେମ୍ବର ମାସ ୨୭ ତାରିଖ, ୧୯୬୮ ମସିହାରେ ପୃଥିବୀକୁ ଫେରିଥିଲେ ଓ ଯାତ୍ରୀ ମଡ୍ୟୁଲ ପ୍ରଶାନ୍ତ ମହାସାଗରରେ ଅବତରଣ କରିଥିଲା ।

ମେ ମାସ ୨୫ ତାରିଖ, ୧୯୬୧ । ଆମେରିକାର କଙ୍ଗ୍ରେସ୍‌ରେ ରାଷ୍ଟ୍ରପତି କେନେଡ଼ି ଆମେରିକାକୁ ଚନ୍ଦ୍ରପୃଷ୍ଠକୁ ୯୦ ଦଶକ ସରିବା ଆଗରୁ ନେବାକୁ ଆହ୍ୱାନ ଦେଇଥିଲେ । ଆପୋଲୋ-୮ ସେହି ଦିଗରେ ଏକ ମହାନ କୀର୍ତ୍ତିମାନ ସ୍ଥାପନ କରିଥିଲା ଓ ଆପୋଲୋ-୧୧ ଲାଗି ଯାତ୍ରାପଥ ସୁନିର୍ଣ୍ଣୟ କରିଥିଲା । ଏହା ବୈଜ୍ଞାନିକ ଓ ଇଂଜିନିୟରମାନଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା ।


ଭ୍ରାମ୍ୟ: ୯୯୮୦୩୦୦୭୫୧


# ବଡ଼ଙ୍କ ବଡ଼ କଥା: ଏପରି ଭୁଲ କରିବୁନି

**ଯଜ୍ଞଦତ୍ତ ସାମନ୍ତରାୟ**



ସ୍କୁଲଟିଏ । ସେହି ସ୍କୁଲରେ ଅନେକ ପିଲା ପଢୁଥିଲେ । ସେହି ପିଲାଙ୍କ ଭିତରେ ଥିଲା ପିଲାଟିଏ । ସେ ପିଲାଟି ସବୁ ପିଲାଙ୍କଠୁଁ ଭାରି ବୁଦ୍ଧିଆ ଥିଲା ।

ଥରେ ସେ ସ୍କୁଲରେ କାହାଣୀ ପ୍ରତିଯୋଗିତାର ଆୟୋଜନ ହେଲା । ସବୁ ପିଲାଙ୍କୁ ପନ୍ଦରଦିନ ଭିତରେ କାହାଣୀ ଲେଖି ଦେବାପାଇଁ କୁହାଗଲା ।

ସବୁ ପିଲାଙ୍କ ପରି ଏହି ପିଲାଟି ମଧ୍ୟ କାହାଣୀ ପ୍ରତିଯୋଗିତାରେ ଭାଗ ନେଲା । ପନ୍ଦରଦିନ ପୂରିବାକୁ ମାତ୍ର ଦି’ଦିନ ବାକିଅଛି, ପିଲାଟି ତା’ କାହାଣୀ ଲେଖି ସ୍କୁଲରେ ଦାଖଲ କଲା ।

ପ୍ରତିଯୋଗିତାର ଫଳ ବାହାରିଲା । ସ୍କୁଲର ସମସ୍ତେ ଭାବିଥିଲେ, ଏ ବୁଦ୍ଧିଆ ପିଲାଟି ପୁରସ୍କାର ଜିତିବ । ହେଲେ ଏ କ’ଣ ? ପ୍ରଥମ ପୁରସ୍କାର ଆଉ ଜଣେ ପାଇଲା । ପୁରସ୍କାର ଘୋଷଣା ହେଲା ଦିନ ଏ ପିଲାଟି ମଧ୍ୟ ସ୍କୁଲରେ ଉପସ୍ଥିତ ଥିଲା । ପୁରସ୍କାରର ଫଳ ଶୁଣି ତା’ ମନ ଉଦାସ ହୋଇଗଲା ।

ପିଲାଟି ଉଦାସ ମନରେ ଘରକୁ ଫେରି ନିଜ କୋଠରି ଭିତରେ ଚୁପ୍‌ଚାପ୍ ବସିଲା ।

ପିଲାଟିର ଜଣେ ବଡ଼ ଭଉଣୀ ଥିଲେ । ସେ ତା’ ମନ କଥା ବେଶ୍ ଠଉରେଇ ନେଇ କହିଲେ- “ଆରେ, ଉଦାସ ହୋଇକି କାହିଁକି ବସିଛୁ ? ଏମିତି ହେବ ବୋଲି ତ ମୁଁ ଆଗରୁ ଜାଣିଥିଲି । କାରଣ ତୋର ପୁରୁଣା ଅଭ୍ୟାସ ତୁ ଠିକ୍ ସମୟରେ କାମ ନ କରି ଶେଷ ଦିନରେ କରିବୁ । ତା’ ଫଳ ତୁ ଭୋଗିବୁନି ତ ଆଉ କିଏ ଭୋଗିବ ? ହଁ ନିଜର ବିଫଳତା ପାଇଁ ଯଦି ଏତେ କଷ୍ଟ ହେଉଛି, ତେବେ ଆଜିଠୁଁ ଶପଥ କର ଏମିତି ଭୁଲ ଆଉ ଜୀବନରେ କେବେ କରିବୁ ନାହିଁ । ସବୁ କାମ ଠିକ୍ ସମୟରେ କରିବୁ ।”

ଭଉଣୀର ଏଇ କିଛି ପଦ କଥା ପିଲାଟିର କଅଁଳ ମନକୁ ଢ଼େର ପ୍ରଭାବ ପକାଇଲା । ତାପରଠୁଁ ପିଲାଟି ପୂରାପୂରି ବଦଳିଗଲା । ଆଉ ନିଜ କାମକୁ ଠିକ୍ ସମୟରେ କରିବାକୁ ଭୁଲିଲା ନାହିଁ ।

ପିଲାମାନେ, ଭବିଷ୍ୟତରେ ବଡ଼ ହୋଇ ଏହି ପିଲାଟି ଜଣେ ମହାନ୍ ସାହିତ୍ୟିକ ହେଲା । ଉତ୍ତମ ସାହିତ୍ୟ ରଚନା ପାଇଁ ନୋବେଲ ପୁରସ୍କାର ପାଇଲା । ହଁ, ସେଦିନ କାହାଣୀ ପ୍ରତିଯୋଗିତାରେ ହାରି ଭଉଣୀର ଉପଦେଶରେ ନିଜ ଜୀବନକୁ ପୂରା ବଦଳେଇ ଦେଇଥିବା ପିଲା ଜଣକ ହେଉଛନ୍ତି ଆମେରିକାର ସାମ୍ବାଦିକ, ଲେଖକ ଓ କ୍ରୀଡ଼ାବିତ୍ ଅର୍ନେଷ୍ଟ ମିଲର ହେମିଙ୍ଗ ଓ୍ୱେ ।


+ସଂପାଦକ “ଗୁଂଜନ”
ସାମନ୍ତରାୟ ଭବନ, କବିସୂର୍ଯ୍ୟନଗର,
ଗଂଜାମ-୭୬୧୧୦୪
ମୋ: ୯୩୩୭୪୪୪୯୨୪


## ଆମ ଗାଆଁ ରେ ସଞ୍ଜ

**ସୁଶାନ୍ତ କୁମାର ପଣ୍ଡା**



ଗାଆଁ ମୁଣ୍ଡରେ ଶିବ ମନ୍ଦିରେ
ଶୁଭଇ ଶଙ୍ଖ ଭେରି
ଗାଈ ପଲଟି ଫେରନ୍ତି ଘରେ
ଉଡାଇ ଦାଣ୍ଡ ଧୂଳି
ପାହାଡ ଉହାଡେ ସୂରୁଜ ଦେବ
ଯାଆନ୍ତି ଅସ୍ତ ହୋଇ
ସେହି ସମୟେ ଆମ ଗାଆଁକୁ
ସଞ୍ଜ ଆସେ ନଇଁ ।

ନଈ ତୁଠରେ ସୂରୁଜ ବୁଣେ
ତା’ର ରକ୍ତିମ ଆଭା
ସୁଲୁ ସୁଲିଆ ପବନ ବାଜି
ମନକୁ କରେ ଲୋଭା
ଚାଷୀ ଭାଇଟି ଘରକୁ ଫେରେ
ହାତେ କୋଦାଳ ନେଇ
ସେହି ସମୟେ ଆମ ଗାଆଁକୁ
ସଞ୍ଜ ଆସେ ନଇଁ ।

ଚଉରା ମୂଳେ ସଞ୍ଜ ସଳିତା
ଜାଳଇ ଜେଜି ମାଆ
ଘର ଭିତରେ ଠାକୁର ଘରେ
ଆଳତୀ କରେ ମାଆ
ପିଲା ମାନେତ ପଢନ୍ତି ବସି
ହାତ ଗୋଡକୁ ଧୋଇ
ସେହି ସମୟେ ଆମ ଗାଆଁକୁ
ସଞ୍ଜ ଆସେ ନଇଁ ।

ବୁଢା ବୁଢୀଏ ଗାଆଁ ଟୁଙ୍ଗିକୁ
ଯାଆନ୍ତି ନଇଁ ନଇଁ
ମିଶ୍ର ଭାଇନା ଭାଗବତକୁ
ବୁଝାନ୍ତି ବିହ୍ୱଳ ହୋଇ
ହୁଳହୁଳିରେ ଗଗନ କମ୍ପେ
ଡାକନ୍ତି ତ୍ରାହି ତ୍ରାହି
ସେହି ସମୟେ ଆମ ଗାଆଁକୁ
ସଞ୍ଜ ଆସେ ନଇଁ ।

କାମ ଶେଷକରି ଫେରନ୍ତି ଲୋକେ
ହାଟରୁ ପରିବା ଧରି
ପିଲାଙ୍କ ପାଇଁ ନାନା ଜିନିଷ
ଆଣନ୍ତି ସାଇତି କରି
ସାଇକେଲ ଘଂଟି ବାଜିଲେ
ଦୁଆରେ ଯାଅନ୍ତି ପିଲାଏ ଧାଇଁ
ସେହି ସମୟେ ଆମ ଗାଆଁକୁ
ସଞ୍ଜ ଆସେ ନଇଁ ।


+ ଆଠଗଡ ପ୍ରଧାନ ଡାକଘର, ଆଠଗଡ,
କଟକ
ମୋ-୯୮୫୩୯୭୫୮୫୪


**କବିତା**
ତୁମ ପାଇଁ



## ବୁଦ୍ଧି ଟିକେ ତୋର ନାହିଁ କି ?..

**ଧିରେନ୍ଦ୍ର ମଲ୍ଲିକ**



ଜେଜେ ବାହାରିଲେ ଝୁମ୍ପୁରି ହାଟକୁ
କୁନାକୁ ସାଙ୍ଗରେ ନେଇକି,
ମୁନା କାନ୍ଦିବାରୁ ହାତରେ ତାହାର
କୋଡ଼ିଏଟି ଟଙ୍କା ଦେଇକି ।

ବଡ଼ ଆନନ୍ଦରେ ସାଇକେଲ ଚଢ଼ି
ପହଞ୍ଚିଲେ ଯାଇ ହାଟରେ,
ପରିବା ସଉଦା କିଣିସାରି ଦୁହେଁ
ଆସିଲେ ଆପଣା ବାଟରେ ।

କିଛିବାଟ ଯିବାପରେ ଜେଜେଙ୍କର
କଥାଟେ ପଡ଼ିଲା ମନରେ,
କହିଥିଲା ବୁଢ଼ୀ ଗୁଆ ପାନ ପାଇଁ
ଧିର କଣ୍ଠେ ତାଙ୍କ କାନରେ ।

କହିଲେ ରାଗରେ ନିଆଁଲଗା ମନ
ସବୁକଥା ଭୁଲି ଯାଉଛି,
ହେବା କାମକୁ ମୋ ଅଧାରେ ରଖିକି
କି ଲାଭ ସତେକି ପାଉଛି ।

ଯାଉଛି ଯିବି ମୁଁ ଆଉଥରେ ପୁଣି
କୁନା ରହିଥାଉ ଏଇଠି,
ପଳେଇ ଆସିବି ବହୁତ ଶିଘିର
ଆଉ ରହିବିନି କୋଉଠି ।

କହିଲେ କୁନାକୁ ଯିବୁନି କୁଆଡ଼େ
ଥିବୁ ଏଇଠାରେ ଚାହିଁକି,
ଏକାମୁଁ ଯାଉଛି ଆସିଯିବି ବେଗି
ଦୁଇଜଣ ଯିବା କାହିଁକି ?

ଏହା କହି ଜେଜେ ସାଇକେଲ ଚଢ଼ି
ପୁଣି ଚାଲିଗଲେ ହାଟକୁ,
କୁନା ସେଇଠାରେ ଅପେକ୍ଷା କରିଲା
ଜେଜେଙ୍କ ଫେରିବା ବାଟକୁ ।

କୌଣସି କାରଣ ପାଇଁ ଜେଜେଙ୍କର
ଡେରି ଟିକେ ହୋଇ ଯିବାରୁ,
ପଳେଇଲା କୁନା ଏକା ଏକା ଚାଲି
ବ୍ୟସ୍ତ ଭୟ ମନେ ଥିବାରୁ ।

ଜେଜେ ପହଞ୍ଚିକି ଦେଖିଲେ ସେଠାରେ
ମିଳିଲାନି କୁନା କୋଉଠି,
ଅଧର୍ଯ୍ୟ ଅସ୍ଥିର ହୋଇକି ଖୋଜିଲେ
ସନ୍ଦେହ ହୋଇଲା ଯୋଉଠି ।

ଉଦାସ ମନରେ ଭାବିଲେ ନାତିଆ
ଯାଇଥିବ କାଳେ ଘରକୁ,
ଯାଇ ଦେଖି ଆସେ ମୁହିଁ ତ ଚଣ୍ଡାଳ
ଦୋଷ ଦେବି କାହିଁ ପରକୁ ।

ଘରେ ପହଞ୍ଚିକି ଦେଖିଲେ କୁନାକୁ
ଖେଳୁଥିଲା ସାଙ୍ଗ ମେଳରେ,
କହିଲେ ହଇରେ ବଦମାସ ଟୋକା
ମାତିଛୁ ଏଠିତୁ ଖେଳରେ ।

ମନା କରିଥିଲି ଆସିବାକୁ ଏକା
କହ ତୁ ଆସିଲୁ କାହିଁକି ?
ପଡ଼ିଥାନ୍ତୁ ଯଦି ଚୋରଙ୍କ ହାବୁଡ଼େ
ବୁଦ୍ଧି ଟିକେ ତୋର ନାହିଁକି ?

କିଛି ଅଘଟଣ ଘଟି ଯାଇଥିଲେ
ଦାୟୀ ମତେ କରି ଥାଆନ୍ତେ,
ଯାହା ହେଉ ଭଲେ ଆସି ପହଞ୍ଚିଛୁ
ସାହା ହୋଇଛନ୍ତି ସାଆନ୍ତେ ।

ଜେଜେକଥା ଶୁଣି କୁନା ନେଲା ଜାଣି
ଜେଜେଙ୍କୁ କ୍ଷମା ସେ ମାଗିଲା,
ସେବେଠାରୁ ବ୍ୟସ୍ତ ଭୟ ମନୁ ତେଜି
ସାହସୀ ହେବାକୁ ଲାଗିଲା ।


+ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ଫୋନ-୭୯୦୪୩୯୨୬୮୬


## ଝୁମୁକୁ ଝାଇଁ-୫...

**ଅଶୋକ କୁମାର ପ୍ରଧାନ**



ଝୁମୁକୁ ଝାଇଁ ଝୁମୁକୁ ଝାଇଁ
ସୁନାଝିଅଟିଏ ତୁମର ମୁହିଁ
କରନି କେ ମନ ଦୁଃଖ
ଝିଅର ପାଖରେ ରହିଅଛି ଭରି
ଜୀବନର ସବୁ ସୁଖ ।

ଝୁମୁକୁ ଝାଇଁ ଝୁମୁକୁ ଝାଇଁ
ଝିଅ ବୋଲି ଘୃଣା କରନି କେହି
ଝିଅଟି ସମାଜେ ସାର
ଝିଅ ବିନା କୁହ ସୃଷ୍ଟିର ସର୍ଜନ
କେମିତି ହୋଇବ ସ୍ଥିର ।

ଝୁମୁକୁ ଝାଇଁ ଝୁମୁକୁ ଝାଇଁ
ଝିଅକୁ ଆଦରେ ନିଅ କୋଳେଇ
କରରେ ତାହାର ଯତ୍ନ
ଝିଅ ପରା ଅଟେ ସମାଜ ହାରର
ଅମୂଲ୍ୟ ଅତୁଲ୍ୟ ରତ୍ନ ।

ଝୁମୁକୁ ଝାଇଁ ଝୁମୁକୁ ଝାଇଁ
ଝିଅକୁ ନିଉନ ମଣନି କେହି
କରନାହିଁ ତାକୁ ଘୃଣା
ପୁଅ ପରି ଝିଅ ଅଟଇ ସବଳ
ନୁହେଁ ସେ ପୁଅଠୁ ଊଣା ।

ଝୁମୁକୁ ଝାଇଁ ଝୁମୁକୁ ଝାଇଁ
ଝିଅକୁ ସମ୍ମାନ ଦିଅରେ ଭାଇ
ଝିଅଟି ସାକ୍ଷାତ ଦେବୀ
କେତେ ସୁର ନର ଦେବ ତା ଗର୍ଭରୁ
ଜନ୍ମିଛନ୍ତି ପାଦ ସେବି ।

ଝୁମୁକୁ ଝାଇଁ ଝୁମୁକୁ ଝାଇଁ
ଝିଅ ଗୃହଲକ୍ଷ୍ମୀ ଜାଣିଥ ଭାଇ
ଝିଅ ବିନା ନାହିଁ ଗତି
ଝିଅର ଆଦର କରିଲେ ସଭିଏଁ
ସମାଜେ ବଢିବ ଶାନ୍ତି ।


+ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦




## କରୋନା କଟକଣା ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ଯୋରନ୍ଦା ମେଳା

### ◆ପୀଠକୁ ଆସୁଥିବା ସମସ୍ତ ସାଧୁ ସନ୍ଥଙ୍କ କୋଭିଡ୍ ଟେଷ୍ଟ
### ◆ଶ୍ରଦ୍ଧାଳୁଙ୍କ ସମାଗମ ଉପରେ କଟକଣା

ଢେଙ୍କାନାଳ,୨୬।୨ (ନି.ପ୍ର): କରୋନା କଟକଣା ମଧ୍ୟରେ ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ସ୍ଥିତ ମହିମା ଗାଦି ଠାରେ ଆଜିଠୁ ଆରମ୍ଭ ହେବାକୁ ଯାଉଛି ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ସାଧୁସନ୍ଥଙ୍କ ମେଳା ଯୋରନ୍ଦା ମେଳା । ପ୍ରତିବର୍ଷ ଏହି ମେଳା ପାଂଚ ଦିନ ବ୍ୟାପୀ ଚାଲୁଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ । ହେଲେ ଚଳିତ ବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନିରାଡ଼ମ୍ବର ଭାବେ ଆୟୋଜିତ ହେବାକୁ ଯାଉଛି ଏହି ମେଳା । ସଂକ୍ରମଣକୁ ଏଡାଇବାକୁ ଭକ୍ତଙ୍କ ଦର୍ଶନକୁ ବାରଣ କରିଛି । ଭକ୍ତଙ୍କ ଆସିବା ଉପରେ କଟକଣା ଜାରୀ କରାଯାଇଛି । କେବଳ ସାଧୁସନ୍ଥ ମାନେ ଏଠାକୁ ଆସିପାରିବେ । ମହିମା ଗାଦିକୁ ଆସୁଥିବା ପ୍ରତ୍ୟେକ ସାଧୁସନ୍ଥଙ୍କ କୋଭିଡ୍ ଟେଷ୍ଟ କରାଯାଉଛି । କୋଭିଡ୍ ଟେଷ୍ଟ ପରେ ଭିତରକୁ ଯିବାକୁ ଅନୁମତି ଦିଆଯାଉଛି । କୋଭିଡ୍ କଟକଣାକୁ ଅନୁପାଳନ କରି ସମସ୍ତ ନୀତିକାନ୍ତି ଅଗେଇ ଚାଲିଛି ।

ଏଠାରେ ଉଲ୍ଲେଖଯୋଗ୍ୟ, ଯୋରନ୍ଦା ସ୍ଥିତ ମହିମା ଗାଦି ଠାରେ ପ୍ରତ୍ୟେକ ବର୍ଷ ପାଂଚ ଦିନ ବ୍ୟାପୀ ଏହି ମେଳା ଅନୁଷ୍ଠିତ ହୋଇଥାଏ । ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ସାଧୁସନ୍ଥ ମାନଙ୍କ ଆଗମନ ହୋଇଥାଏ । ଗାଦି ଦର୍ଶନ, ସାଧୁଙ୍କ ସାନ୍ନିଧ ପାଇବା ପାଇଁ ଏଠାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ହେଲେ ଚଳିତ ବର୍ଷ କରୋନା କଟକଣା ପାଇଁ ସବୁକିଛି ଫିକା ପଡିଛି । ନା ଅଛି ଶ୍ରଦ୍ଧାଳୁଙ୍କ ଭିଡ଼ ନା ଅଛି ମେଳା, ଦୋକାନ ବଜାର, କୋଳାହଳ ।

## ପାଣି ପାଇଁ ରାଜପଥ ଅବରୋଧ

ଢେଙ୍କାନାଳ,୨୬।୨ (ନି.ପ୍ର): ପାଣି ସମସ୍ୟା ନେଇ ୫୩ ନଂ ଜାତୀୟ ରାଜପଥ ଭୁବନ-ପର୍ଜଙ୍ଗ ରାସ୍ତାର ମୁକ୍ତାପଶି ଛକ ନିକଟରେ ଆଜି ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ ପଥର ଖମ୍ଭ ଗ୍ରାମବାସୀ । ଖରାଦିନ ଆରମ୍ଭ ନହେଉଣୁ ଅଂଚଳରେ ପାନୀୟ ଜଳ ସଙ୍କଟ ଉତ୍କଟ ରୂପ ନେଲାଣି । ଆଗକୁ ସ୍ଥିତି ଅସମ୍ଭାଳ ହୋଇପଡିବାର ଆଶଙ୍କା କରାଗଲାଣି । ଅଧିକାରୀଙ୍କୁ ସମସ୍ୟା ବାବଦରେ ବାରମ୍ବାର ଜଣାଇଲେ ମଧ ସମସ୍ୟାର ସମାଧାନ ହୋଇପାରୁନାହିଁ । ଯାହାର ପ୍ରତିବାଦରେ ଶେଷରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହୋଇଥିଲେ ଗ୍ରାମବାସୀ ।

ଗରା ବାଲଟି ଧରି ରାସ୍ତା ଅବରୋଧ କରିଥିଲେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା । ପରେ ଖବର ପାଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଂଚି ସମସ୍ୟାର ତୁରନ୍ତ ସମାଧାନ କରାଯିବା ନେଇ ପ୍ରତିଶୃତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ଏବଂ ସମ୍ପୃକ୍ତ ରୁଟ୍ ରେ ଯାନବାହନ ଚଳାଚଳ ସ୍ୱାଭାବିକ୍ ହୋଇଥିଲା ।

## ପ୍ଲାଷ୍ଟିକ୍ ପାଣି ବୋତଲ ଫ୍ୟାକ୍ଟ୍ରି ସିଲ୍

ଗଞ୍ଜାମ,୨୫।୨ (ନି.ପ୍ର): ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରରେ ଗତ କିଛି ଦିନ ଧରି ଆବଶ୍ୟକ କାଗଜପତ୍ର ନଥାଇ ପ୍ଲାଷ୍ଟିକ୍ ପାଣି ବୋତଲ ପସ୍ତୁତ କରୁଥିବା ଫ୍ୟାକ୍ଟ୍ରିକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି । ଗାନ୍ଧି ନଗର ଦଶମ ଗଳିରେ ଚାଲିଥିବା ଏହି ଫ୍ୟାକ୍ଟ୍ରି ଗତ କିଛି ମାସ ତଳେ ଆରମ୍ଭ ହୋଇଥିବା ବେଳେ ଏହାର ଶବ୍ଦରେ ସ୍ଥାନୀୟ ଲୋକେ ବିରକ୍ତି ପ୍ରକାଶ କରିଥିଲେ । ପ୍ରତି ୧୦ ମିନିଟ୍ ରେ ପ୍ରଚଣ୍ଡ ଶବ୍ଦ ଶୁଣାଯାଉଥିବା ବେଳେ ଆଇନଜିବୀ ବିଜୟ ପଟ୍ଟନାୟକ ଓ ସାହି ବାସିନ୍ଦା ମାନେ ଏକତ୍ରିତ ହୋଇ ଉପଜିଲ୍ଲାପାଳ ଭି. କୀର୍ତିଭାସନଙ୍କ ନିକଟରେ ଏନେଇ ଅଭିଯୋଗ କରିଥିଲେ । ଏହାପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଉକ୍ତ ଫ୍ୟାକ୍ଟ୍ରି ଉପରେ ଚଢ଼ଉ କରି ଆବଶ୍ୟକ କାଗଜପତ୍ର ଯାଂଚ୍ କରିବା ବେଳେ ମାଲିକ ଏ ସମ୍ପର୍କିତ ସଠିକ୍ କାଗଜପତ୍ର ଦେଖାଇ ପାରିନଥିଲେ । ଏପରିକି ଯେଉଁ ଜମିରେ ଫ୍ୟାକ୍ଟ୍ରି ହୋଇଛି ତାହାର ପଟ୍ଟା ମଧ ଦେଖାଇ ପାରିନଥିଲେ ଫ୍ୟାକ୍ଟ୍ରି ମାଲିକ । ଏହାପରେ ଏହି ଟିମ୍ ଫ୍ୟାକ୍ଟ୍ରିକୁ ସିଲ୍ କରିଛନ୍ତି ।

## ଗଞ୍ଜେଇ ଚାଲାଣ ବେଳେ ପୋଲିସର ଚଢାଉ

ଜୟପୁର,୨୬।୨ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରିଛି । ଏହି ମାମଲାରେ ଉତର ପ୍ରଦେଶର ୩ ଜଣକୁ ଗିରଫ କରିଛି । ପୋଲିସ ସୁତ୍ରରୁ ପ୍ରକାଶ ଯେ କୋରାପୁଟ ଜିଲା ଲମତାପୁଟ ଠାରୁ ଉତର ପ୍ରଦେଶ ଚାଲାଣ ହେଉଥିବା ବେଳେ ଜୟପୁର ସଦର ପୋଲିସ ବାମୁଣି ଗାଁ ନିକଟରେ ଚଢାଉ କରିଥିଲା । ୟୁପି ୭୨ ଏଟି ୨୧୭୦ ନମ୍ବର ୧୨ ଚକିଆ ଟ୍ରକରେ ଉପରେ ଅଦା ଓ ଭିତରେ ଗଞ୍ଜେଇ ରଖି ଚାଲାଣ ହେଉଥିବା ବେଳେ ପୋଲିସ ଚଢାଉ କରିଥିଲା । ଚଢାଉ କରି ୩ ଜଣ କୁ ଗିରଫ କରିଛି । । ଗିରଫ ଅଭିଯୁକ୍ତମାନେ ହେଲେ ପନା ଲାଲା ବର୍ମା (୩୯), ରାମୁ ଗୁରୁ (୨୫) ଟ୍ରକର ମାଲିକ ରାଜେନ୍ଦ୍ର କୁମାର (୨୫) । ଏମାନଙ୍କ ଠାରୁ ୨୮୦ ପେକଟରେ ୭୩୮ କେଜି ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୁଲ୍ୟ ୭୦ ଲକ୍ଷ ହେବ । ଏହା ସହ ୪୦ ହଜାର ଟଙ୍କା ୧୨ ଚକିଆ ଟ୍ରକକୁ ଜବତ କରିଛି । ୩ ଅଭିଯୁକ୍ତ ନାମରେ ୩୨/୨୧ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ପ୍ରକାଶ କରିଛନ୍ତି ।

## ୮ କୁଇଂଟାଲ ଗଞ୍ଜେଇ ଜବତ : କନେଷ୍ଟବଳ ଗିରଫ

ମାଲକାନଗିରି,୨୬।୨ (ନି.ପ୍ର): ମାଲାକନଗିରି ଜିଲ୍ଲା ଅବକାରୀ ବିଭାଗକୁ ଆଜି ମିଳିଛି ଏକ ବଡ଼ଧରଣର ସଫଳତା ! ଚିତ୍ରକୋଣ୍ଡା ଅଳରୁ ଏକ ପଣସ ଓ ବୋଇତାଳୁ, ବୋଝେଇ ଟ୍ରକରେ ଚୋରା ଗଞ୍ଜେଇ ଚାଲାଣ ହେଉଥିବାର ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ଜିଲ୍ଲା ଅବକାରୀ ସୁପରିଟେଣ୍ଡେ ଅଶୋକକୁମାର ସେଠଙ୍କ ନେତୃତ୍ୱରେ ଅବକାରୀ ଇନିସପେକ୍ଟର ଗଙ୍ଗା ପାଇକରାୟଙ୍କ ସହ ଅବକାରୀ ବିଭାଗ କର୍ମଚାରୀ ମାନେ ମାଲକାନଗିରି ବାଲିମେଳା ମୁଖ୍ୟରାସ୍ତାରେ ଜଗିରହିଥିଲେ । କୋରକୁଣ୍ଡା - ପୋଟରେଲ ରାସ୍ତାରେ ଏକ ବୋଲେର ପିକଅପଭ୍ୟାନ ଦୃତଗତିରେ ମାଲକାନଗିରି ଅଭିମୁଖେ ପଳାଉଥିବାର ଦେଖୁ ତାଙ୍କୁ ଗୋଡାଇ ଧରିଥି ଲେ । ଉକ୍ତ ଗାଡିଟିକୁ ଅଟକାଇ ଯାଞ୍ଚ କରିବାରୁ ପଣସ ଓ ବୋଇତାଳୁ ତଳେ ପ୍ଲାଷ୍ଟିକ ଅଖା ବସ୍ତାରେ ଗଞ୍ଜେଇଥିବାର ଦେଖି ଥିଲେ । ଗାଡି ଓ ଗଞ୍ଜେଇ ଜବତ ସହିତ ଗାଡିଚାଳକଙ୍କୁ ଜିଲ୍ଲା ଅବକାରୀ ବିଭାଗ କାର୍ଯ୍ୟାଳୟକୁ ଆଣି ଡ୍ରାଇଭରଙ୍କୁ ଜେରା କରିବାରୁ ଜଣାପଡ଼ିଥିଲା ।ଗିରଫ ବ୍ୟକ୍ତି ଜଣେ ପୁଲିସ କନେଷ୍ଟବଳ ତାଙ୍କ ଘର ମାଲକାନଗିରି ଥାନାସ୍ତ ଏମଭି୭ ଗ୍ରାମରେ । ସେ ନିଜ ପିକଅପଭ୍ୟାନ ନମ୍ବର ଓଡି୩୦ସି୩୩୧୭ ରେ ଚିତ୍ରକୋଣ୍ଡା ର ଖଡ଼ିକଯୋଡି ଅଞ୍ଚଳ ଗଞ୍ଜେଇ ଆଣି ଛତିଶଗଡ ରାଇପୁର ଅଭିମୁଖେ ନେଉଥିଲେ । ଗାଡିରେ ପଣସ ଓ ବୋଇତାଳୁ ବୋଝେଇ କରି ତଳେ ଗଞ୍ଜେଇ ନେଉଥି.ବା ସେ ଜଣେ ପୁଲିସ କର୍ମଚାରୀ ହୋଇଥିବାରୁ ତାଙ୍କୁ ରାସ୍ତାରେ କେହି ସନ୍ଦେହ କରିନଥିଲେ କି ଅଟକାଇ ନଥିଲେ । ଗଞ୍ଜେଇ ଗୁଡିକୁ ମାଜିଷ୍ଟ୍ରେଟ ସମ୍ମୁଖରେ ଓଜନ କରାଯାଇଥିଲା, ୮କୁଇଟାଲ ଗଞ୍ଜେଇ ସେହି ଗାଡିରେ ଥିଲା । ଏହି ଗଞ୍ଜେଇର ସରକାରି ମୂଲ୍ୟ ପ୍ରାୟ ୪୦ଲକ୍ଷ ଟଙ୍କାରୁ ଉର୍ଦ୍ଧହେବବୋଲି ଜଣାପଡିଛି । ଏହି କନେଷ୍ଟବଳଙ୍କୁ ଅବକାରୀ ବିଭାଗ ପକ୍ଷରୁ ଜେରା କରିବାରୁ ଜଣାପଡିଛି ସେ ଏହା ପୁବ ରୁ ୪ ଥର ଗଞ୍ଜେଇ ଚୋରା ଚାଲଣ କରିଛନ୍ତି ଏହା ତାଙ୍କର ୫ ମ ଥର ଥିଲା । ଜଣେ ପୁଲିସ କର୍ମଚାରୀ ହୋଇ ଚୋରା ଗଞ୍ଜେଇ ଚାଲାଣ କରିବା ଘଟଣା ଜିଲ୍ଲାବାସୀଙ୍କ ମଧ୍ୟରେ ମୁଖ୍ୟଚର୍ଚ୍ଚାର ବିଷୟ ପାଲଟିଛି ।

## ସମ୍ବଲପୁର ରେଳ ମଣ୍ଡଳରେ ମହାନ୍ କବି ସୂର୍ଯ୍ୟକାନ୍ତ ତ୍ରିପାଠୀ (ନିରାଲା)ଙ୍କର ଜୟନ୍ତୀ ପାଳିତ

ସମ୍ବଲପୁର,୨୬।୨ (ନି.ପ୍ର): ସମ୍ବଲପୁର ରେଳ ମଣ୍ଡଳରେ ରାଜଭାଷା ବିଭାଗ ଦ୍ୱାରା ୨୪, ଫେବୃଆରୀ ୨୦୨୧ରେ ମଣ୍ଡଳ ସଭାକକ୍ଷରେ ମହାନ୍ କବି ସୂର୍ଯ୍ୟକାନ୍ତ ତ୍ରିପାଠୀ (ନିରାଲା)ଙ୍କର ୧୨୫ତମ ଜୟନ୍ତୀ ସମାରୋହ ଆୟୋଜନ ହୋଇଯାଇଅଛି । ଏହି ଅବସରରେ ମୁଖ୍ୟ ଅତିଥି, ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଏବଂ ବିଶିଷ୍ଟ ଅତିଥି ତଥା ବକ୍ତା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ହିନ୍ଦି ବିଭାଗରେ ଡିନ୍ ଡକ୍ଟର ମୁରଲୀ ଲାଲ ଶର୍ମା ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସରସ୍ୱତୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା । ରାଜଭାଷା ଅଧିକାରୀ ମୋହନୀଶ ବ୍ରହ୍ମାଙ୍କ ଦ୍ୱାରା ସ୍ୱାଗତ ଭାଷଣ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ସମକାଳୀନ ସାହିତ୍ୟରେ ନିରାଲାଙ୍କର ରଚନାର ଗୁରୁତ୍ୱତା ଏବଂ ତାଙ୍କର ସାହିତ୍ୟ ସମାଜ ନିର୍ମାଣରେ ଯୋଗଦାନ ଉପରେ ମତ ପ୍ରକାଶ କରିଥିଲେ । ବିଶିଷ୍ଟ ଅତିଥି ଏବଂ ବକ୍ତା ଡକ୍ଟର ମରାରୀଲାଲ ଶର୍ମା କବି ସୂର୍ଯ୍ୟକାନ୍ତ ତ୍ରିପାଠୀ (ନିରାଲା)ଙ୍କର ସାହିତ୍ୟ ଏବଂ ଜୀବନୀ ଉପରେ ବ୍ୟାଖ୍ୟା କରିଥିଲେ । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏବଂ ଅତିରିକ୍ତ ମୁଖ୍ୟ ରାଜଭାଷା ଅଧିକାରୀ ଏଲ.ଭି.ଏସ.ଏସ ପାତ୍ରୁଡୁଙ୍କ ଦବାରା ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ଏହି ଅବସରରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ରାଜଭାଷା ବିଭାଗର ବରିଷ୍ଠ ଅନୁବାଦକ ନବନୀତ ଶିବହରେ ଏବଂ ବିଜୟ ଚନ୍ଦ୍ରାକର କାର୍ଯ୍ୟକ୍ରମକୁ ସଫଳ ହେବାରେ ସହଯୋଗ କରିଥିଲେ ।

## କୁମୁରିସିଙ୍ଗା ଜଙ୍ଗଲରେ ଲାଗିଛି ନିଆଁ

ଭୁବନ,୨୬।୨ (ନି.ପ୍ର): ଭୁବନ ଫରେଷ୍ଟ ରେଞ୍ଜ ତଥା ଏହି ବ୍ଲକ ଅନ୍ତର୍ଗତ କୁନିନ୍ଦା ପଂଚାୟତର କୁମୁରିସିଙ୍ଗା ଜଙ୍ଗଲରେ ଆଜି ମଧ୍ୟାହ୍ନରେ କୌଣସି ଦୁର୍ବୃତ ନିଆଁ ଲଗାଇଦେଇ ଥିବାରୁ ଶହଶହ ମୂଲ୍ୟବାନ ଗଛ ପୋଡି ପାଉଁଶ ହୋଇଯାଇଛି । ଏ ସମ୍ପର୍କରେ ଖବର ପାଇ ଭୁବନ ଫରେଷ୍ଟ ରେଞ୍ଜ ଅଫିସ ତରଫରୁ ଦମକଳ ବାହିନୀ ଓ ଗ୍ରାମବାସୀଙ୍କ ସହାୟତାରେ ନିଆଁ ଲିଭାଇଥିଲେ ।

## ଯୁବ ରେଡ଼କ୍ରସର କ୍ଲଷ୍ଟରସ୍ତରୀୟ ଶିବିର ଉଦ୍‌ଘାଟିତ

ମାଲକାନଗିରି,୨୬।୨ (ନି.ପ୍ର): ସ୍ଥାନୀୟ ଘଢ଼େଇ ଆବାସିକ ମହାବିଦ୍ୟାଳୟ ଠାରେ ଯୁବ ରେଡ଼କ୍ରସ ରାଜ୍ୟ ଶାଖା ସହାୟତାରେ ଏକ କ୍ଲଷ୍ଟର ସ୍ତରିୟ ଶିବିରର ଆୟୋଜନ କରାଯାଇଛି । ଏହି ଶିବିରରେ ମାଲକାନଗିରି ଜିଲ୍ଲାର ୫ଟି ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧମିକ ବିଦ୍ୟାଳୟର ୨୦ ଜଣ ସ୍ୱେଚ୍ଛାସେବୀ ଏବଂ ପରାମର୍ଶଦାତା ଯୋଗ ଦେଇଛନ୍ତି । ଏହି ଶିବିରରେ ସ୍ୱେଚ୍ଛାସେବୀ ମାନେ ଯୁବ ରେଡ଼କ୍ରସର ଇତିହାସ, ପ୍ରାଥମିକ ଚିକିତ୍ସା, ଏଡ଼ସ୍ ସଚେତନତା, ରକ୍ତଦାନ ସଚେତନତା, ବିପର୍ଯ୍ୟୟ ପରିଚାଳନା, ସଡ଼କ ସୁରକ୍ଷା ଇତ୍ୟାଦି ବିଷୟରେ ତାଲିମ୍ ଗ୍ରହଣ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗନେବାର କାର୍ଯ୍ୟକ୍ରମ ରହିଛି । ତିନି ଦିନ ଧରି ଚାଲିବାକୁ ଥିବା ଏହି ଶିବିରର ଉଦଘାଟନ ମାଲକାନଗିରିର ପୂର୍ବତନ ବିଧାୟକ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ମାନସ ମାଡ଼କାମି କରିଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ରାମେଶ୍ୱର ପ୍ରଧାନ ଉଦବୋଧନ ଦେଇଥିଲେ । ସେବା ମନୋଭାବ ନେଇ ଆଗେଇ ଯାଇ ସମସ୍ତଙ୍କ ସେବା କରିବା ଏବଂ ସମସ୍ତଙ୍କ ସହିତ ବନ୍ଧୁତା ସ୍ଥାପନ ପାଇଁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମର ପରିଚାଳନା ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ସମ୍ପାଦକ ଡଃ. ରଞ୍ଜନ କୁମାର ସ୍ୱାଇଁ କରିଥିବା ବେଳେ ଜିଲ୍ଲା ଯୁବ ରେଡ଼କ୍ରସର ସଂଯୋଜକ ଡି. ଆଶିଷ ରାଠୋର ଏଥିରେ ସହଯୋଗ କରିଥିଲେ । ଘଢ଼େଇ ଆବାସିକ ମହାବିଦ୍ୟାଳୟର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଘଢ଼େଇ କାର୍ଯ୍ୟକ୍ରମରେ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷ ସୁଧାକର ପଟ୍ଟନାୟକ ଓ ସତ୍ୟବ୍ରତ ସାମଲ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏହି ସଭାରେ ଆଂଚଳିକ ମହାବିଦ୍ୟାଳୟ, ପଡ଼ିଆର ଅଧାପକ ଅମୂଲ୍ୟ ରତ୍ନ ଏବଂ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ପରାମର୍ଶଦାତା ଜିତେନ୍ଦ୍ର କୁମାର ରଣା ଉପସ୍ଥିତ ରହି ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ଜିଲ୍ଲା ଯୁବ ରେଡ଼କ୍ରସ୍ ତରଫରୁ ମହାବିଦ୍ୟାଳୟର ସମସ୍ତ କର୍ମକର୍ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି ।

## କମ୍ୟୁନିଟି ହଲର ଉଦ୍‌ଘାଟନ କଲେ ଜୁଏଲ ଓରାମ

ସୁନ୍ଦରଗଡ,୨୬।୨ (ନି.ପ୍ର): ଝକା ଝରଣ ଠାରେ ଏକ ସାମୁହିକ କେନ୍ଦ୍ରର ଉଦଘାଟନ କରିଛନ୍ତି ସାଂସଦ ଜୁଏଲ ଓରାମ । ଶ୍ରୀ ଓରାମ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଆଜି ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ର ଝକା ଝରଣ ଠାରେ ଏକ ସାମୁହିକ କେନ୍ଦ୍ରର ଶୁଭ ଉଦଘାଟନ କରିଥିଲି କ୍ଷ ଏହି କେନ୍ଦ୍ର ସ୍ଥାନୀୟ ଲୋକମାନଙ୍କର ବିଭିନ୍ନ ପ୍ରକାର ସାମାଜିକ, ସାଂସ୍କୃତିକ କାର୍ଯ୍ୟରେ ଲାଗିପାରିବ, ଯାହାର ସୁଫଳ ସ୍ଥାନୀୟ ଲୋକମାନେ ନେଇପାରିବେ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମମାନ କରିପାରିବେ । ଆଜି ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ପଙ୍କଡ଼ିହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଯୋଡ଼ା ଶିଶୁ ମନ୍ଦିର ଠାରେ ନୂତନ ଶ୍ରେଣୀ ଗୃହ ର ଶୁଭ ଉଦଘାଟନ କରିଥିଲି । ଏହା ବ୍ୟତୀତ ଶ୍ରୀ ଓରାମ ଆଜି ଆଜି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ,ଗୁରୁଣ୍ଡିଆ ପରିଦର୍ଶନ କଲି ଏବଂ ଛାତ୍ର ଛାତ୍ରୀ ଓ ଶିକ୍ଷକ ମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ ।

## ଆଇପିଏଲ୍‌ର ମୁଖ୍ୟ ବୁକି ଦିନେଶକୁ କୋଲକାତାରୁ ଗିରଫ କଲା ବ୍ରହ୍ମପୁର ପୋଲିସ

ଗଞ୍ଜାମ,୨୬।୨ (ନି.ପ୍ର): ଆଇପିଏଲ୍ ର ମୁଖ୍ୟ ବୁକି ଦିନେଶକୁ କୋଲକାତାରୁ ଧରିବାରେ ସଫଳ ହୋଇଛି ବ୍ରହ୍ମପୁର ପୋଲିସ । ବ୍ରହ୍ମପୁର ସାଇବର୍ ଥାନା ପୋଲିସ କୋଲକାତାରୁ ଦିନେଶକୁ ଧରିଥିବା ନେଇ ପୋଲିସର ଜଣେ ପଦସ୍ଥ ଅଧିକାରୀ ସୂଚନା ଦେଇଛନ୍ତି । ଦିନେଶର ଲିଙ୍କ୍ ଦୁବାଇ ସହ ରହିଛି । ଦିନେଶ ଦ୍ୱାରା ଏଠାକାର କିଛି ବୁକି ଲାଇନ୍ ଆଣି ବ୍ରହ୍ମପୁର ସହରରେ ଏହି ଖେଳ ଚଳାଇଥିଲେ । ପୋଲିସ ୪ ମାସ ପୂର୍ବେ ସହରର ଖାସ୍ ସବ୍ ବୁକି ଲାଲି ଆଚାରୀ ଏବଂ ପ୍ରଶାନ୍ତ କୁମାର ସୁବୁଦ୍ଧିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ୩୩ ଲକ୍ଷ ଟଙ୍କା ଜବତ କରିଥିଲା । ଏଥିସହ ପରେ ପୁଣି ୬ ଜଣ ବୁକି ଗିରଫ ହୋଇ ଜେଲ୍ ଯାଇଥିଲେ । ପରବର୍ତି ସମୟରେ ସେମାନେ ଜାମିନ୍ ରେ ଆସିଥିଲେ । ହେଲେ ଏବେ ମୁଖ୍ୟ ବୁକି ଦିନେଶ ଗିରଫ ହେବା ପରେ ପୋଲିସ ସମ୍ପୂର୍ଣ୍ଣ ମାମଲାର ଖୋଳତାଡ଼ ପୁଣି ଥରେ ଆରମ୍ଭ କରିଛି । ଆଇପିଏଲ୍ ଖେଳ ଆରମ୍ଭ ହେବାର ମାତ୍ର କିଛି ଦିନ ପୂର୍ବରୁ ଏହା ପୋଲିସ ପାଇଁ ଏକ ବଡ଼ ସଫଳତା ହୋଇଥିବା ବେଳେ ବୁକିଙ୍କ ପାଇଁ ଝଟକା ବୋଲି କୁହାଯାଉଛି ।

## କୋଭିଡ ନିୟମକୁ କଡାକଡି ପାଳନ ପାଇଁ ପ୍ରଶାସନର ଚଢାଉ

ଜୟପୁର,୨୬।୨ (ନି.ପ୍ର): କୋରନା ଦ୍ୱିତୀୟ ସଂକ୍ରମଣ ବ୍ୟାପିକା ଆଶଙ୍କା କରି ଜୟପୁର ସହରରେ କୋଭିଡ ନିୟମ କୁ କଡ଼ା କଡି ପାଳନ ପାଇଁ ୨ଟି ଟିମ୍ ଗଠନ କରାଯାଇଛି । ପୋଲିସ ତରଫରୁ ଡାକବାଜୀ ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି । ମଲ, କପଡା, ଏବଂ ଫାଷ୍ଟ ଫୁଡ଼ ଦୋକାନୀକୁ ଲୋକଙ୍କୁ ଭିଡ ନଖରିବା ସହ ମାସ୍କ ପିନ୍ଧା ଓ ସାନିଟାଇଜ କରିବାକୁ ପରାର୍ମଶ ଦିଆଯାଇଛି । ନ ମାନିଲେ ଜୋରିମାନା ଆଦାୟ କରାଯିବ ବୋଲି ମଧ୍ୟ ତାଗିଦ କରାଯାଇଛି । ମାସ୍କ ଚେକିଂ, ସାମାଜିକ ଦୁରତା ରକ୍ଷା ସାନିଟାଇଜର ବ୍ୟବହାର କରିବା ଏବଂ ବାରମ୍ବାର ହାତ ଧୋଇବା ପାଇଁ ଚଚେତନତା କରିବାକୁ କୁହାଯାଇଛି । ପ୍ରଥମେ ଲୋକଙ୍କୁ ସଚେତନ କରାଯାଇଛି । ଓ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ନିଷ୍ପତି ନେଇଥିବା ଜଣାଯାଇଛି । ଆଜି ଜୟପୁର ତହସିଲଦାର ପ୍ରଧାନ ଟୁଲି ଆମ୍ମାଙ୍କ ନେତୃତ୍ୱରେ ଟିମ ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ ମାସ୍କ ପିନ୍ଧୁଛନ୍ତି କି ନାହିଁ ତାହା ତର୍ଜମା କରି ସଚେତନ କରିବା ସହ ତାଗିଦ ମଧ୍ୟ କରିଛି । ଏହା ସହ ସହରର ମୁଖ୍ୟ ରାସ୍ତାରେ ମଧ୍ୟ ଯାଂଚ କରାଯାଇଛି । ପ୍ରଥମେ ଲୋକଙ୍କୁ ସଚେତନ କରାଯାଇଥିବା ବେଳେ ଆସନ୍ତା କାଲି ଠାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି ।ଏହି ଟିମରେ ଅତିରିକ୍ତ ତହସିଲଦାର ଅଶ୍ୱିନୀ ମହାପାତ୍ର. ପୌର କର୍ମଚାରୀ, ଟାଉନ ପୋଲିସ ପ୍ରମୁଖ ସାମିଲ ହୋଇଥିଲେ ।

## ବିଜେଡି ନେତା ବିଜେପିରେ ଯୋଗ ଦେଲେ

ସୁନ୍ଦରଗଡ,୨୬।୨ (ନି.ପ୍ର): ଭାରତୀୟ ଜନତା ପାର୍ଟି ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବଣାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତାମଡା ଗ୍ରାମ ପଞ୍ଚାୟତର ବିଜୁ ଜନତା ଦଳ ସଭାପତି ଶ୍ରୀ ଯୋଗେନ୍ଦ୍ର ପାଲ ତିର୍କୀ(ମନ୍ତ୍ରୀ) ଏବଂ ତାଙ୍କ ସହଯୋଗୀମାନେ ବିଜୁ ଜନତା ଦଳ ପରିତ୍ୟାଗ କରି ବିଜେପିରେ ବିଦ୍ଧିବଦ୍ଧ ଭାବେ ଯୋଗଦେଇଛନ୍ତି । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସାଂସଦ ଜୁଏଲ ଓରାମ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ନୂତନ ଭାବେ ଯୋଗଦେଇଥିବା ସମସ୍ତ ନେତୃତ୍ୱ ମାନଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ସମସ୍ତେ ମିଳିମିଶି ବଣାଇରେ ବିଜେପି ସଂଗଠନକୁ ଆହୁରି ମଜଭୁତ ଓ ସଶକ୍ତ କରିବା ପାଇଁ ଅନୁରୋଧ କରୁଛି ।

## ପ୍ରସ୍ତାବିତ ମଦ ଦୋକାନ ବିରୋଧରେ ମହିଳା ଓ ଛାତ୍ରଛାତ୍ରୀଙ୍କ ପ୍ରତିବାଦ

କେନ୍ଦ୍ରାପଡ଼ା,୨୬।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅଧିନ ଓସ୍ତର ହାଟ ଠାରେ ପ୍ରସ୍ତାବିତ ମଦ ଦୋକାନ ଖୋଲା ଯିବାକୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ନିଶା ନିବାରଣ ଅଭିଯାନର ସଂଯୋଜକ ଆଦିକନ୍ଦ ରାଉଳଙ୍କ ନେତୃତରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଗୋପେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟି ମାନେ ତୀବ୍ର ବିରୋଧ କରିଛନ୍ତି । ପ୍ରସ୍ତାବିତ ମଦ ଦୋକାନ ର ୧୦୦ମିଟର ପରିସୀମା ମଧ୍ୟୟରେ ବାଳିକା ଉଚ୍ଚ ବିଦ୍ୟାଳୟ, ସଂସ୍କୃତ ମହାବିଦ୍ୟାଳୟ, ହାଇସ୍କୁଲ, ଗ୍ରାମ୍ୟବ୍ୟାଙ୍କ, ମହାଦେବ ମନ୍ଦିର, ଯଜ୍ଞ ମଣ୍ଡପ, ହୋମିଓପାତିକ ଚିକିତ୍ସାଳୟ ଥିବା ସତ୍ୱେ ଏଠାରେ ଏକ ମଦ ଦୋକାନ କରିବା ପାଇଁ ପ୍ରଶାସନିକ ସ୍ତରରେ ଯୋଜନା କରାଯାଉ ଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ଦାବି କରି କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ତେବେ କୌଣସି ପ୍ରକାର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ପ୍ରଶାସନ ଦାୟୀ ରହିବ ବୋଲି ଅରକ୍ଷିତ ବେହେରା, ପୂର୍ବତନ ସମିତି ସଭ୍ୟ ପ୍ରମୋଦ ମଲିକ, ଦିବାକର ସାହୁ, ସବିତା ଚୌଧୁରୀ, ସୌଦାମିନୀ ସ୍ୱାଇଁ, ରଶ୍ମିବାଳା ସାହାଣୀ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ଜିଲ୍ଲାର ସମସ୍ତ ଚାଷୀଙ୍କଠାରୁ ଧାନ କ୍ରୟ କରିବାକୁ ଓଡିଶା କୃଷକ ସଭାର ଦାବି

କେନ୍ଦ୍ରାପଡ଼ା,୨୬।୨ (ନି.ପ୍ର): ଓଡିଶା କୃଷକ ସବା କେନ୍ଦ୍ରାପଡା ଜିଲ୍ଲା କମିଟି ତରଫରୁ ଧାନକ୍ରୟ ସମ୍ବନ୍ଧରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏକ ଦାବିପତ୍ର ପ୍ରଦାନ କରାଯାଇଚି । ଜିଲ୍ଲାରେ ଥିବା ମଣ୍ଡି ମାନଙ୍କରେ ପ୍ରାୟ ୭୦ ଭାଗ ଚାଷୀଙ୍କ ଧାନ ବିକ୍ରୟ ହୋଇ ନପାରି ମଣ୍ଡିରେ ଗଦା ହୋଇ ରହିଛି । ସରକାରୀ ଅବହେଳା ଓ ମଣ୍ଡିରେ ଥିବା କର୍ମଚାରୀଙ୍କ ମନମୁଖୀ ପରିଚାଳନା ଓ ଦୁର୍ନିତି ପାଇଁ ଧାନ କିଣାଯାଇ ନପାରି ନାନା ପ୍ରକାର ଅବ୍ୟବସ୍ଥା ଦେଖାଯାଇଛି । ଟାଗ୍ରେର୍ଟ ପୁରଣ ହୋଇ ଯାଇଥିବା ଓ ନୂତନ ଟାଗ୍ରେର୍ଟ ଆସିନଥିବା ଆଦି ଆଳ ଦେଖାଇ ମଣ୍ଡିରେ ଥିବା କର୍ମଚାରୀ ଚାଷୀମାନଙ୍କ ସହ ଖେଳୁଥିବା ବେଳେ ଏହା ଚାଷୀମାନଙ୍କ ପାଇଁ କାଳ ହୋଇଛି । ଏହାକୁ ନେଇ ଗୁରୁବାର ଓଡିଶା କୃଷକ ସଭାର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଭେଟି ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ଏକ ୬ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଟୋକନ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା, ଅନଲାଇନ ଓ ଅଫଲାଇନରେ ଧାନ କିଣିବା, ମଣ୍ଡିରେ ପଡି ରହିଥିବା ଧାନକୁ ସୁରକ୍ଷା ଦେବା ପ୍ରଭୃତି ଦାବି ଗୁଡିକ ରହିଛି ।

## ପୁନଃନିଯୁକ୍ତି ଦାବିରେ କମ୍ପୁଟର ଶିକ୍ଷକଙ୍କ ବିରାଟ ଶୋଭାଯାତ୍ରା : ଜିଲ୍ଲାପାଳଙ୍କୁ ଦେଲେ ଦାବିପତ୍ର

କେନ୍ଦୁଝର,୨୬।୨ (ନି.ପ୍ର): କମ୍ପ୍ୟୁଟର ଶିକ୍ଷାର ପ୍ରସାର ଲାଗି ତଥା ଛାତ୍ରଛାତ୍ରୀଙ୍କୁ କମ୍ପୁଟର ସାକ୍ଷର କରାଇବା ଲକ୍ଷ୍ୟରେ ୭ ବର୍ଷ ପୂର୍ବେ ସମସ୍ତ ସରକାରୀ ସ୍କୁଲରେ ଘୋରଇ ସଂସ୍ଥା ଜରିଆରେ କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି ମିଳିଥିଲା । ଏହି ଶିକ୍ଷାଦାନ ଲାଗି ପ୍ରତି ସରକାରୀ ସ୍କୁଲରେ ଲ୍ୟାବ୍ ସହ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର, ତତ୍‌ସଂଲଗ୍ନ ଉପକରଣ ଯୋଗାଇ ଦିଆଯାଇଥିଲା । ହେଲେ ଦୁଇ ବର୍ଷ ତଳେ କମ୍ପ୍ୟୁଟର ଶିକ୍ଷକଙ୍କୁ ଛଟେଇ କରିଦିଆଗଲା । ଘରୋଇ ସଂସ୍ଥା ସହ ଚୁକ୍ତି ସରିଯିବାରୁ ୨୦୧୯ ଏପ୍ରିଲ୍ ୩୦ରୁ କମ୍ପ୍ୟୁଟର ଶିକ୍ଷକଙ୍କୁ କାର୍ଯ୍ୟକାଳ ଶେଷ ଦର୍ଶାଇ ଛଟେଇ କରିଦିଆଗଲା । ତେବେ କେନ୍ଦୁଝର ଜିଲ୍ଲାରେ ସମସ୍ତ ଛାତ୍ର ଛାତ୍ରୀ କମ୍ପୁଟରରେ କଣ ଦକ୍ଷ ହୋଇଗଲେ ବୋଲି ସରକାର ସେମାନଙ୍କୁ ଛଟେଇ କରିଦେଲେ ତାହା ଉପରେ ଏବେ ଉଠିଛି ପ୍ରଶ୍ନ । ଏଣେ କେନ୍ଦୁଝର ଜିଲ୍ଲାରେ ୨୨୧ ସ୍କୁଲରେ ଥିବା ପ୍ରାୟ ୩୦ କୋଟି ଟଙ୍କାର କମ୍ପ୍ୟୁଟର ଲ୍ୟାବ୍, ମୂଲ୍ୟବାନ କମ୍ପ୍ୟୁଟର ଓ ଉପକରଣ ଏବେ କେବଳ ଖତ ଖାଇବା ସାର ହେଉଛି । ପୁଣି ଛାତ୍ରଛାତ୍ରୀଙ୍କୁ ପଢାଇବାକୁ ବିକଳ୍ପ ବ୍ୟବସ୍ଥା ତଥା ପ୍ରଶିକ୍ଷିତ ଶିକ୍ଷକ ନ ଥିବାରୁ ଛାତ୍ରଛାତ୍ରୀମାନେ କମ୍ପ୍ୟୁଟର ଶିକ୍ଷାରୁ ବଂଚିତ ହେଉଛନ୍ତି । କୋଟି କୋଟି ଟଙ୍କାରେ ନିର୍ମିତ ଭିତିଭୂମି, ଉପକରଣ ଏବେ କଣ ହେବ ବୋଲି ପ୍ରଶ୍ନବାଚି ସୃଷ୍ଟି ହୋଇଛି । ଆଜି ଗୁରୁବାର ଏକ ବିଶାଳ ରାଲି ଦ୍ୱାରା କେନ୍ଦୁଝର ଜିଲ୍ଲାର କମ୍ପ୍ୟୁଟର ଶିକ୍ଷକ ଶିକ୍ଷୟିତ୍ରୀମାନେ କାଲି ପଡିଆ ଠାରୁ ବାହାରି କେନ୍ଦୁଝର ଜିଲ୍ଲାପାଳଙ୍କ ଅଫିସ୍ ଘେରଉ କରିବା ସହିତ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେବା ସହିତ କିଭଳି ଭାବରେ କେନ୍ଦୁଝର ଜିଲ୍ଲାର ୨୨୧ କମ୍ପୁଟର ଶିକ୍ଷକ ଏବଂ ରାଜ୍ୟର ୪୦୦୦ କମ୍ପୁଟର ଶିକ୍ଷକ ପୁନଃନିଯୁକ୍ତି ପାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ । କେନ୍ଦୁଝର ଜିଲ୍ଲାପାଳ ଶ୍ରୀଯୁକ୍ତ ଆଶିଷ୍ ଠାକ୍‌ରେ ପ୍ରତିନିଧି ମଣ୍ଡଳୀଙ୍କୁ ଯଥା ଶିଘ୍ର ଏହାର ସମାଧାନ କରିବେ ବୋଲି ଆଶ୍ୱାସନା ଦେଲାପରେ କମ୍ପ୍ୟୁଟର ଶିକ୍ଷକ ସଂଘ ତରଫରୁ ଧାରଣାକୁ ସ୍ଥଗିତ ରଖାଯାଇଥିଲା ଏବଂ ଆଗାମୀ ୧୫ ଦିନ ଭିତରେ ଯଦି କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃନିଯୁକ୍ତି ମିଳିବା ଦିଗରେ କୌଣସି ପଦକ୍ଷେପ ନିଆ ନ ଗଲେ ସେମାନେ ଆମରଣ ଅନଶନରେ ବସିବେ ଏବଂ ରାଜ ରାସ୍ତାରେ ଆତ୍ମାହୁତି ଦେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିନିଧି ମଣ୍ଡଳିରେ ଥିବା ଶିକ୍ଷକମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ସୂଚନା ମୁତାବକ କେନ୍ଦ୍ରସରକାରଙ୍କ ରାମ୍‌ସା ପ୍ରକଳ୍ପ ଅଧିନରେ ୨୦୧୪ ଜୁଲାଇରୁ ରାଜ୍ୟର ବିଭିନ୍ନ ଅଂଚଳରେ ନିଯୁକ୍ତି ପାଇଥିଲେ କମ୍ପୁଟର ସଂଯୋଜକ । ଓଏସିଇଲ୍ ପକ୍ଷରୁ ଆଇ.ଏଲ୍.ଏଫ୍.ଏସ୍ ଓ ଟିସିଆଇଏଲ ନାମକ ଦୁଇଟି ଘୋରଇ ସଂସ୍ଥା ଜରିଆରେ ରାଜ୍ୟରେ ୪୦୦୦ ଜଣ କମ୍ପ୍ୟୁଟର ସଂଯୋଜକ ଭାବେ କାମକରି ଆସୁଥିଲେ । ଆଇଏଲ୍ଏଫ୍ଏସ୍ ୩୪୦୯ ଜଣ ଓ ଟିସିଆଇଏଲ୍ ୫୯୧ ଜଣଙ୍କୁ ନିଯୁକ୍ତି ଦେଇଥିଲା । ଚୁକ୍ତି ଅବଧି ୫ ବର୍ଷ ଥିବାବେଳେ ପ୍ରତି ବର୍ଷକୁ ବର୍ଷ ଚ୍ଚକିରୀର ନବୀକରଣ ହେଉଥିଲା । କମ୍ପ୍ୟୁଟର ଶିକ୍ଷକ କାମ କରୁଥିଲେ ବି ପଦବୀର ନାମ ଥିଲା କମ୍ପ୍ୟୁଟର ସଂଯୋଜକ । ମାସକୁ ଜଣକ ପିଛା ମାତ୍ର ୬୫୦୦ ଟଙ୍କା ଦରମାରେ ଖଟୁଥିଲେ ସେହି ସଂଯୋଜକ ତଥା ଶିକ୍ଷକମାନେ । ଏଥିସହ ଏଥିରେ ଇପିଏଫ୍ ଓ ଏ.ଏସ୍.ଆଇ ବି କଟୁଥିଲା ସେମାନଙ୍କ ଦରମାରୁ । କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁରକୁ ଛାଡିଦେଲେ ରାଜ୍ୟର ଅନ୍ୟ ୨୭ ଟି ଜିଲ୍ଲାରେ କମ୍ପ୍ୟୁଟର ସଂଯୋଜକ ମାନଙ୍କୁ ନିଯୁକ୍ତ କରିଥିଲା ଆଇଏଲ୍ଏଫ୍ଏସ୍ । ରାଜ୍ୟରେ ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ କମ୍ପ୍ୟୁଟର ଲ୍ୟାବ ନିର୍ମାଣ କରାଯିବା ସହ ପ୍ରତି ଲ୍ୟାବ୍‌ରେ ୧୨ ଲକ୍ଷ ଟଙ୍କା ଯାଏ ଉପକରଣ ଯୋଗାଇ ଦିଆଯାଇଥିଲା । ପ୍ରତି ଲ୍ୟାବ୍‌ରେ ୧୨ଟି କମ୍ପ୍ୟୁଟର, ପ୍ରୋଜ୍‌କ୍ଟର, ବହୁମୁଖି ପ୍ରିଂଟର, ଅନ୍‌ଲାଇନ୍ ୟୁପିଏସ୍, ଏନ୍ କମ୍ପ୍ୟୁଟିଙ୍ଗ ଡିଭାଇସ୍, ହାଇସ୍ପିଡ ଇଂଟରନେଟ୍ ସୁବିଧା କରାଯାଇଛି । କେନ୍ଦୁଝରର ୨୨୧ ସରକାରୀ ଉଚ୍ଚ ବିଦ୍ୟାଳୟର ନିଯୁକ୍ତ ହୋଇଥିଲେ ୨୨୧ ଜଣ ଶିକ୍ଷକ । ନିଯୁକ୍ତି ପରଠାରୁ ସ୍କୁଲରେ ନିୟମିତ କମ୍ପ୍ୟୁଟର ଶିକ୍ଷାଦାନ ସହ ଅଫିସ୍‌ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ପରୀକ୍ଷା ପରିଚ୍ଚଳନା ଆଦ ବିଭିନ୍ନ କାର୍ଯ୍ୟରେ ଭାଗ ନେଇ ଆସୁଥିଲେ । ସବୁଥିରେ ସେମାନଙ୍କର ରହୁଥିବା ସକ୍ରିୟ ସହଯୋଗ ଫଳରେ ବିଦ୍ୟାଳୟର ଆନୁସାଙ୍ଗିକ କାର୍ଯ୍ୟ ସହିତ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଓ ବୈଶ୍ୟୟିକ ଜ୍ଞାନ ବଢିବାରେ ଯଥେଷ୍ଟ ସହାୟକ ହୋଇଥିଲା ।

# ଇତି ମାଡ....

ଧର୍ମନୀତିରୁ ବାହ୍ୟଟି ହୁଏତ ସେ ଦେଖିଛନ୍ତି କି ଶୁଣିଛନ୍ତି। ଧର୍ମଶାସ୍ତ୍ର କେବେ ବଦଳା ଯାଇ ତାର ପ୍ରଶାଖା ମେଲାଇ ଦିଆଯାଇନପାରେ। ସବୁଧର୍ମରେ ଈଶ୍ୱର ଅଛନ୍ତି। ସମସ୍ତେ ଈଶ୍ୱରଙ୍କ ସନ୍ତାନ। ନିଜର ବାପା ମାଆଙ୍କର ସନ୍ତାନ ଯେମିତି ନିଜର ଭାଇ ଭଉଣୀ ସେମିତି ଈଶ୍ୱରଙ୍କ ସନ୍ତାନ ସମସ୍ତେ ଭାଇ ଭଉଣୀ। ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି। ବଡ଼ ଜନ୍ମର କିଛି ଦିନ ପରେ ସାନ ଜନ୍ମ ବଡ଼ଭାଇ ବା ବଡ଼ ଭଉଣୀ ସାନ ସାନ ଭାଇ ବା ସାନ ଭଉଣୀ ଏଇ ଭାବ ରଖି ସମସ୍ତେ ଚଳିଲେ ଈଶ୍ୱର ଅବଶ୍ୟ ଖୁସି ରହନ୍ତେ। ଧର୍ମ ନାମରେ ଠକେଇ ମନ୍ଦପଥ। ଅର୍ଜନ ହେବ ହେଲେ ଖଣ୍ଟ ଭୋଜନରେ ତାହା ପରେ ଶେଷ ହେବ। ପୂର୍ଣ୍ଣ ଗୋଟିକିଆ ଟୁକୁରା ଟୁକୁରା ହୋଇ, ନିଶ୍ଚିହ୍ନ ହୋଇଯିବ। ଗୁରୁର ଧନ ଶିଷ୍ୟ ବାଣ୍ଟିନେବେ ପାଇଁ ମାମଲା ଦାୟର ହେବ। ଭେକ ଧରି ଯଦି ଧର୍ମଗୁରୁ ଆଖ୍ୟାରେ ଅଛନ୍ତି ତେବେ ଜାଣନ୍ତୁ ଆପଣ କବରକୁ ବା ସମାଧିକୁ ଯିବାକୁ ହେବ। ଆଜି ନହେଲେ ବି କାଲି ବା ନିଶ୍ଚେ ସପ୍ତବାର ମଧ୍ୟରୁ ଏକ ବାରରେ ହିଁ ଯିବେ ସେ ପାଇଁ ଚିନ୍ତନ ରଖନ୍ତୁ। ଶୋଷଣ ପ୍ରକ୍ରିୟାରେ ଅଜଗରର ଭୋଜନ, ଅଜଗର ସାପ ଜଙ୍ଗଲ ଧ୍ୱଂସରୁ ଅନେକ ଶେଷ ହେଲେ ବି ତାର ଚରିତ୍ର ଡୁବିନାହିଁ। ପୃଥୁକ ଅଜଗର ପଡ଼ି ରହିଥାଏ। ତାମୁଖରେ ଖାଦ୍ୟ ପହଞ୍ଚେ। ଏଇପରି କାର୍ଯ୍ୟାଳୟରେ ବସି ରହି ଆଗତ ଲୋକଙ୍କ କାମ କରାଇବା ବାହାନାରେ ଶୋଷଣ ବୁଦ୍ଧିରେ ଆୟ କରିବା କ'ଣ ଅଜଗର ଭୋଜନ ନୁହଁ। ରାଜା ହେଷୁ ଶାପ ପାଇ ଅଜଗର ହୋଇଥିଲେ। ଇନ୍ଦ୍ରପଦ ଆଶାୟୀ ମର୍ତ୍ତ୍ୟର ରାଜା ଧରାକୁ ଶୁରା ମନେ କରି ସ୍ୱର୍ଗସୁଖ ଲାଳାୟିତରୁ ଋଷି ଶାପ୍ୟରୁ ଅଜଗର। ଯେ ରାଜପଦରେ ରହିଲେ ସେ ଚାହିଁଲେ ରାଜର୍ଷି ହୋଇପାରିବେ। ରାଜର୍ଷି ପଦ ପାଇଁ ନିରାପତ୍ତାରକ୍ଷୀ କେବେ ଆବଶ୍ୟକ ପଡ଼ିବ ନାହିଁ। ଲୋକେ ରାସ୍ତାରେ ବନ୍ଦାଇବେ, ନାରୀମାନେ ମନକୁ ମନ ହୁଳ ହୁଳି ପକାଇ ଜୟ ଜୟକାର କରିବେ। ଡାକ୍ତର ଠିକ୍ ସେବା କରିଲେ କେବଳ ରାଜ୍ୟ ଦରମାରେ ସେବା କରି କରି ଚାଲିଲେ ଓ ଛଳନା ପାଠପଢ଼ା ନକରି ଉପଯୁକ୍ତ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇ ମନୁଷ୍ୟ କରିଥିଲେ ଶିକ୍ଷକ ଶିକ୍ଷୟତ୍ରୀ ରାସ୍ତାରେ ଗଲାବେଳେ ସେ ରାସ୍ତା ତାଙ୍କର ଯଶଗାନରେ ଅବଶ୍ୟ ମୁଖରିତ ହେବ। ଏହା ନକରିବା ପଥରେ ଚାଲୁଥିବା ଚରିତ୍ରମାନେ ଜାଣନ୍ତୁ ଆଗକୁ କବରଖାନା ଜାନେ ହୋଗା। ଇତି ମାଡ଼ି ଆସୁଛି ତାହା ବେଶି ଦିନ ନୁହେଁ।

+ସମ୍ପାଦକ 'ନିୟତି' ଅରୁଣୋଦୟ ନଗର,
କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ତହସିଲ ଓ ବ୍ଲକ କର୍ମଚାରୀଙ୍କୁ କରୋନା ଟୀକା ପ୍ରଦାନ



ବାଲିଆପାଳ,୨୬।୦୨ (ନି.ପ୍ର): ବାଲିଆପାଳ ବ୍ଲକ, ତହସିଲ ଓ ଦମକଳ ବିଭାଗର ମୋଟ ୮୦ ଜଣ କର୍ମଚାରୀଙ୍କୁ ଆଜି ସରକାରଙ୍କ ପକ୍ଷରୁ କରୋନା ଟୀକା ଦିଆଯାଇଛି । ବାଲିଆପାଳ, ତହସିଲଦାର ଦୀପକ କୁମାର ଦାସ, ଅତିରିକ୍ତ ତହସିଲଦାର ସୁବ୍ରତ ପାତ୍ର ମଧ୍ୟ ଟୀକା ନେଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁପରଭାଇଜରର ରମାନାଥ କର, ଡକ୍ଟର ସୁବାଶିଷ ଦାସ, ଡକ୍ଟର ନ୍ୟୁଶ୍ରୀ ପାଣି , ଏନ.ଏମ ନନ୍ଦିତା ପଣ୍ଡା, ଏନ.ଏମ ନିଳିମା ଦାସ, ଷ୍ଟା' ନର୍ସ ତପସ୍ୱିନୀ ତରାଇ ପ୍ରମୁଖ ଟୀକା କରଣ କାର୍ଯ୍ୟ ପରିଚାଳନା କରିଥିଲେ । ମାର୍ଚ୍ଚ ପ୍ରଥମ ସପ୍ତାହରେ ନିର୍ବାଚିତ ସରପଂଚ ଓ ସଦସ୍ୟ ମାନଙ୍କୁ ଟୀକା ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟ ସୁପରଭାଇଜର ରମାନାଥ କର କହିଛନ୍ତି ।

# କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୯ ଗିରଫ

ଭୁବନେଶ୍ୱର,୨୬।୦୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୯ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୯୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୯୪,୯୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଖରା ପାଇଁ ସକାଳୁଆ...

ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଓ ପ୍ରତିକାରମୂଳକ ପଦକ୍ଷେପ ନେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ସମସ୍ତ ନିର୍ଦ୍ଦେଶକଙ୍କ ନିମନ୍ତେ ମାର୍ଗଦର୍ଶିକା ଜାରି କରିଛନ୍ତି । ପୂର୍ବରୁ ଜାରି କରାଯାଇଥିବା କୋଭିଡ୍ ମାର୍ଗଦର୍ଶିକାର ଅନୁପାଳନ ସହିତ ଏହି ମାର୍ଗଦର୍ଶିକାକୁ ପାଳନ କରିବା ପାଇଁ ପତ୍ରରେ ଉଲ୍ଲେଖ କରାଯାଇଛି । ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟର ସମସ୍ତ ବିଦ୍ୟାଳୟଗୁଡ଼ିକରେ ନବମ ଓ ଏକାଦଶ ଶ୍ରେଣୀଗୁଡ଼ିକର ପାଠପଢ଼ା ସକାଳ ୮.୩୦ରୁ ୧୦ଟା ପରିବର୍ତ୍ତେ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ହେବ । ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀଗୁଡ଼ିକ ସକାଳ ୧୧ଟାରୁ ଅପରାହ୍ନ ୪ ପରିବର୍ତ୍ତେ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ । ଜିଲ୍ଲା ଶିକ୍ଷା ଅଧିକାରୀମାନେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ କିମ୍ବା ପୌରପରିଷଦ ସହ ଯୋଗାଯୋଗ ରକ୍ଷା କରି ଅଚଳ ଥିବା ନଳକୂପଗୁଡ଼ିକର ମରାମତି ସହ ବିଦ୍ୟାଳୟରେ ପାନୀୟ ଜଳ ଉପଲବ୍ଧକୁ ସୁନିଶ୍ଚିତ କରିବେ। ଏଥି ସହ ବିଦ୍ୟାଳୟମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍ ଗଚ୍ଛିତ ରଖିବେ ଏବଂ ଏହା ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଉପଲବ୍ଧ କରାଇବେ। ଯେଉଁ ବିଦ୍ୟାଳୟଗୁଡ଼ିକ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ କର୍ମଚାରୀମାନଙ୍କ ପାଇଁ ପରିବହନ ସେବା ଯୋଗାଇ ଦେଉଛନ୍ତି ସେମାନେ କୋଭିଡ୍-୧୯ ମାର୍ଗଦର୍ଶିକାର ଅନୁପାଳନ ସହ ଖରାରୁ ଦୂରେଇ ରଖିବା ପରି ସେବା ଯୋଗାଇଦେବେ । ଅଭିଭାବକମାନଙ୍କୁ ପିଲାମାନଙ୍କୁ ପାଣିବୋତଲ ସାଙ୍ଗରେ ଦେବା ପାଇଁ ସଚେତନ କରାଯିବ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ସ୍କୁଲ ପରିଚାଳନା କମିଟି ଏ ବାବଦରେ ସଚେତନତା ସୃଷ୍ଟି କରିବେ। ପ୍ରଧାନଶିକ୍ଷକମାନେ ପିଲାମାନଙ୍କୁ ଗ୍ରୀଷ୍ମପ୍ରବାହରୁ ସୁରକ୍ଷିତ ରହିବା ପାଇଁ ଶିକ୍ଷା ଦେବା ସହ ସେମାନଙ୍କୁ ସଚେତନ କରାଇବେ । ପାଠପଢ଼ା ସମୟରେ ପିଲାମାନେ ବାହାରେ ଖରାକୁ ଯିବେ ନାହିଁ କିମ୍ବା କୌଣସି ଖେଳକୁଦ ପରି ଶାରୀରିକ କାର୍ଯ୍ୟ କରିବେ ନାହିଁ । ମାର୍ଚ୍ଚ ୧ ତାରିଖରୁ ଏହି ମାର୍ଗଦର୍ଶିକା ଲାଗୁ ହେବ ।

## କବି ପ୍ରଭାକର ସାହୁଙ୍କ ....

କବି ପ୍ରଭାକର ସାହୁ ଲେଖକୀୟ ଅନୁଭୂତି ପ୍ରକାଶ କଲାବେଳେ ମାତୃପ୍ରଶଂସା ମଧ୍ୟ କରିଥିଲେ । ଅତିଥି ପରିଚୟ ମଧୁସୂଦନ ମିଶ୍ର, ମଙ୍ଗଳାଷ୍ଟକ ପାଠ ନିରଂଜନ ସାହୁ, ସ୍ୱାଗତ ସଂଗୀତ ଶ୍ରୁତିସୁଧା ବାରିକ, ଜ୍ୟୋତି ଲିପ୍ସା ସାହୁ କରିଥିବା ବେଳେ ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଶରତ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ନିରଂଜନ ସାହୁ, ସଂଯୋଜକ ମଧୁସୂଦନ ମିଶ୍ର ଓ ମଧୁସୂଦନ ମାଝୀ ଯୋଗ ଦେଇଥିଲେ । କବି ଡ. ରତ୍ନାକର ସିଂହ ନରୋତ୍ତମ ପରିଡ଼ା, ମହମ୍ମଦ ଇନାୟତ ଅଲ୍ଲୀ, ଆଜିମୀ ବାଲେଶ୍ୱରୀ, ସୁବାସ ଚନ୍ଦ୍ର ସ୍ୱାଇଁ, ଭରତ ଚନ୍ଦ୍ର ମହାନ୍ତି, କୁମୁଦିନୀ ସାହୁ, ସୁଜାତା ଦାସ, ଦୀପ୍ତିରାଣୀ ପାତ୍ର, ଦେବାଶିଷ ସିଂହ, କୃଷ୍ଣଚନ୍ଦ୍ର ସାହୁ, ବିଦ୍ୟାଧର ସାହୁ, ହରେକୃଷ୍ଣ ନାୟକ, ଗୋବିନ୍ଦ ଚନ୍ଦ୍ର ମାଝୀ, ପ୍ରଭାକର ସାହୁ ସମେତ ତିରିଶରୁ ଊର୍ଦ୍ଧ୍ୱ କବି କବୟିତ୍ରୀ ନିଜସ୍ୱ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସୁରେଖା ସାହୁ ପ୍ରଦୋଷ କୁମାର ଜେନା, ତୃପ୍ତିମୟୀ ସାହୁ, ତନ୍ମୟ କୁମାର ସାହୁ, ମାନସ ଭୋଇ, ରବୀନ୍ଦ୍ର ନାୟକ ପ୍ରମୁଖ ସହାୟତା କରିଥିଲେ । ଇତ୍ୟବସରରେ ପଲ୍ଲୀମହକ 'ପ୍ରଭାକୁମୁଦିନୀ' ପତ୍ରିକାର ଶୁଭ ଉଦ୍‌ଘାଟନ ହୋଇଥିଲା । ଶେଷରେ ଦିବଂଗତ କବି ରାମଚନ୍ଦ୍ର ପାକଳ ଓ ସମାଜସେବୀ ଗଦାଧର ଦାସଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## ସି ସୋରର ୬୫୦ କୋଟିର ....

କୋପରେଟିଭ୍ ସୋସାଇଟି ମାଧ୍ୟମରେ ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରି ଠକିଥିଲେ। ଏନେଇ ଅଭିଯୋଗ ହେବା ପରେ ୨୦୧୩ ମସିହା ଜୁନ୍ ୨୦ ତାରିଖରେ ପ୍ରଶାନ୍ତଙ୍କୁ ଗିରଫ କରିଥିଲା ପୁଲିସ। ପ୍ରାୟ ସାଢ଼େ ୪ ବର୍ଷ ଜେଲରେ ରହିବା ପରେ ଜାମିନରେ ପାଇଥିଲେ ପ୍ରଶାନ୍ତ। ଚିଟ୍‌ଫଣ୍ଡ ଠକେଇ ମାମଲାର ଅଭିଯୁକ୍ତ ପ୍ରଶାନ୍ତଙ୍କୁ ମୋଟ ୮ଟି ମାମଲାରେ ହାଇକୋର୍ଟ ଓ ତଳ କୋର୍ଟରୁ ଚାମିନ୍ ଦେଇଛନ୍ତି। ପ୍ରଶାନ୍ତଙ୍କ ପୂର୍ବରୁ ସି-ସୋର୍ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ୩ ଜଣ ଅଭିଯୁକ୍ତ ଜାମିନରେ ବାହାରିଥିଲେ। ପ୍ରଶାନ୍ତଙ୍କ ପୂର୍ବରୁ ତାଙ୍କ ଭାଇ ପ୍ରଭାତ ଦାଶ ଓ ସି ସୋର୍ ପାଇଁ ମଧ୍ୟସ୍ଥି ଥିବା ଶୁଭଙ୍କର ନାୟକ ବି ଜାମିନ୍‌ରେ ମୁକୁଳି ସାରିଥିଲେ।

## ୧୨ ରାଜ୍ୟରୁ ଆସୁଥିବା ....

ବିମାନ ବନ୍ଦର ଓ ଝାରସୁଗୁଡ଼ା ବିମାନ ବନ୍ଦରର ନିର୍ଦ୍ଦେଶକ, ପୂର୍ବତଟ ରେଳବାଇର ଜେନେରାଲ ମ୍ୟାନେଜରଙ୍କୁ ଚିଠି ଲେଖି ତତ୍କାଳ ପ୍ରଭାବରୁ ବିମାନ ବନ୍ଦର ଓ ରେଳ ଷ୍ଟେସନଗୁଡ଼ିକରେ ଏଭଳି ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ ମହାପାତ୍ର ଆଜି ଲେଖିଥିବା ଚିଠିକୁ 'ଅତ୍ୟନ୍ତ ଜରୁରୀ' ବୋଲି ଦର୍ଶାଇ କହିଛନ୍ତି ଯେ, କୋଭିଡ୍ ସଂକ୍ରମଣ ମାମଲା ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ବୃଦ୍ଧି ପାଉଥିବାରୁ ଓଡ଼ିଶାରେ ସତର୍କତାମୂଳକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ବିଶେଷକରି ୧୨ଟି ରାଜ୍ୟ ଦିଲ୍ଲୀ, ମହାରାଷ୍ଟ୍ର, ତାମିଲନାଡୁ, କେରଳ, ଛତିଶଗଡ଼, ମଧ୍ୟପ୍ରଦେଶ, ତେଲେଙ୍ଗାନା, ପଶ୍ଚିମବଙ୍ଗ, ପଞ୍ଜାବ, ଚଣ୍ଡିଗଡ଼, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶରୁ ଆସୁଥିବା ସମସ୍ତ ବ୍ୟକ୍ତିମାନଙ୍କୁ ବିମାନ ବନ୍ଦର ଓ ରେଳଷ୍ଟେସନରେ ଅବତରଣ କରିବାବେଳେ ପ୍ରୋଟୋକଲ ଅନୁସାରେ ସ୍କ୍ରିନିଂ କରାଯିବ। ଯେଉଁ ଯାତ୍ରୀମାନଙ୍କର କିଛି ଲକ୍ଷଣ ଦେଖାଯିବ ସେହି ବିମାନବନ୍ଦର କିମ୍ବା ରେଳଷ୍ଟେସନରେ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କରାଯିବ। ସମସ୍ତ ଯାତ୍ରୀ ୭ଦିନ ପାଇଁ ହୋମ୍ ଆଇସୋଲେସନରେ ରହିବା ବାଧ୍ୟତାମୂଳକ ହେବ। ଯଦି ଏହି ଅବଧି ମଧ୍ୟରେ ସେମାନଙ୍କ ମଧ୍ୟରେ କିଛି ଲକ୍ଷଣ ଦେଖାଦିଏ ତା'ହେଲେ ସେମାନେ ଆରଟି-ପିସିଆର ପରୀକ୍ଷା କରିବେ। କୋଭିଡ୍ ସଂକ୍ରମିତ ଥିବା ଜଣାପଡ଼ିଲେ ସେମାନଙ୍କୁ କୋଭିଡ୍ ଗାଇଡଲାଇନ୍ ଅନୁସାରେ ଚିକିତ୍ସା କରାଯିବ। ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ସମସ୍ତ ଜିଲ୍ଲାରେ ଆରଟି-ପିସିଆର ଟେଷ୍ଟିଂ ସଂଖ୍ୟା ବୃଦ୍ଧି କରାଯିବ। ମିଶନ ମୋଡରେ ସଚେତନତା କାର୍ଯ୍ୟକ୍ରମ ମଧ କରାଯିବ। ଏସବୁ ପାଳନ ଦିଗରେ କୌଣସି ପ୍ରକାରର ଅବହେଳା ରାଜ୍ୟରେ ପୁଣିଥରେ କରୋନା ମହାମାରୀ ସଂକ୍ରମଣକୁ ବୃଦ୍ଧି କରିବ ଓ ବିଗତ ମାସଗୁଡ଼ିକରେ କରାଯାଇଥିବା ସମସ୍ତ ପ୍ରୟାସ ବିଫଳ ହୋଇଯିବ ବୋଲି ଶ୍ରୀ ମହାପାତ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

## ନିର୍ବାଚନ ତାରିଖ ଘୋଷଣା....

ମମତା ଏହି ପୂଜାର ଏକ ଛୋଟ ଭିଡିଓ ନିଜର ସୋସିଆଲ ମିଡିଆ ଆକାଉଂଟରେ ପୋଷ୍ଟ କରିଛନ୍ତି । ପୂଜା ସରିବା ସମୟରେ ହିଁ ଏପଟେ ଆରମ୍ଭ ହୋଇଥିଲା ନିର୍ବାଚନ କମିଶନଙ୍କ ପ୍ରେସମିଟ୍ । ଆଉ ନିର୍ବାଚନ କମିଶନ ଭୋଟ ତାରିଖ ଘୋଷଣା କରିଥିଲେ । ପଶ୍ଚିମ ବଙ୍ଗରେ ମାର୍ଚ୍ଚ ୨୭ ଭୋଟ ଆରମ୍ଭ ହେବ ଏବଂ ୮ଟି ପର୍ଯ୍ୟାୟରେ ମତଦାନ ହେବ । ପୂର୍ବରୁ ମଧ ଜଗନ୍ନାଥ ସ୍ୱାଇଁ ମହାପାତ୍ର କୋଲକାତା ଯାଇ ମମତାଙ୍କ ବାସଭବନରେ ପୂଜାର୍ଚ୍ଚନା କରନ୍ତି । ଗତ ନିର୍ବାଚନରେ ମଧ ମମତା ବିଜୟୀ ହେବେ ବୋଲି ଭବିଷ୍ୟବାଣୀ କରିଥିଲେ ଜଗନ୍ନାଥ ସ୍ୱାଇଁ ମହାପାତ୍ର । ପରେ ନିର୍ବାଚନ ଫଳାଫଳ ସେଇଆ ହେବାରୁ, ତାଙ୍କ ପ୍ରତି ମମତାଙ୍କ ଆସ୍ଥା ବଢି ଯାଇଥିଲା । ତେବେ ଏଥର କିଏ ନିର୍ବାଚନ ଜିତିବ ବୋଲି ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କୁ ପଚରାଯିବାରୁ ସେ କହିଥିଲେ, ୭ ଦିନ ପରେ ସେ ଏନେଇ ଭବିଷ୍ୟବାଣୀ କରିବେ ।

## ୧୨ ଘଣ୍ଟିଆ ....

ପ୍ରତିଷ୍ଠାନ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ଜିଏସ୍‌ଟି ଜଟିଳତା ଦ୍ୱାରା ବ୍ୟବସାୟୀମାନେ ଆର୍ଥିକ ଓ ମାନସିକ ସ୍ତରରେ ଅତିଷ୍ଠ ହୋଇସାରିଲେଣି । ତାଛଡ଼ା ଜିଏସ୍‌ଟି ଆଇନ ଯୋଗୁଁ ବ୍ୟବସାୟ କରିବା ମୁସ୍କିଲ ହୋଇପଡ଼ିଲାଣି ବୋଲି ମହାସଂଘ କହିଛି । କଟକ ମାଲଗୋଦାମ ବଣିକ ସଂଘ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ବନ୍ଦ ଡାକରାକୁ ସମର୍ଥନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବନ୍ଦ ସମୟରେ ଅତ୍ୟାବଶ୍ୟକ ସେବା ଯେପରି ବନ୍ଦ ନ ହୁଏ ତଥା ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକଙ୍କ କାମରେ ଯେପରି ବ୍ୟାଘାତ ସୃଷ୍ଟି ନ ହୁଏ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବ। ଅପ୍ରିତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଛକ ଜାଗାମାନଙ୍କରେ ଫୋର୍ସ ମୁତୟନ କରାଯିବ ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ କହିଥିଲେ ।

# କରୋନା ଭଇରସରୁ ମୁକ୍ତି ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ

ଖଇରା,୨୬/୨(ନିପ୍ର) ଖଇରା ବ୍ଲକ ନୟାଖଣ୍ଡି ପଂଚାୟତ ଗଡ ଗ୍ରାମର ମା ଚଣ୍ଡୀଙ୍କ ପୀଠ ପରିସରରେ ବିଶ୍ୱ ଶାନ୍ତି ମହାଯଜ୍ଞ ଦୁଇଦିନ ଧରୀ ଅନୁଷ୍ଠିତ ହୋଇଯାଇଛି । ସାରା ବିଶ୍ୱ କରୋନା ଭାଇରସ୍‌ରେ ଆତଙ୍କିତ ହୋଇଥିବା ବେଳେ ସେଥିରୁ ମୁକ୍ତି ପାଇବା ପାଇଁ ଆଜି ଗଡଗ୍ରାମ ବାସୀ ବିଶ୍ୱ ଶାନ୍ତି ମହାଯଜ୍ଞ କରିଛନ୍ତି । ଏଥିରେ ପଣ୍ଡିତ ଦୀନବନ୍ଧୁ ପାଣି, ପଣ୍ଡିତ ନରସିଂହ କୁମାର ପାଣି, ପଣ୍ଡିତ ଶଶାଙ୍କ ଶେଖର ପତ୍ରୀ, ପଣ୍ଡିତ ଅଭିମନ୍ୟୁ ପଣ୍ଡା, ପଣ୍ଡିତ ନିରଞ୍ଜନ ରଥ, ପଣ୍ଡିତ ଜଗନ୍ନାଥ ପଣ୍ଡା, ପଣ୍ଡିତ ପରମାନନ୍ଦ ପଣ୍ଡା, ପଣ୍ଡିତ କେଶବ କୁମାର ପାଣି ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ । ୨ଦିନ କାର୍ଯ୍ୟକ୍ରମକୁ ସ୍ଥାନୀୟ ଗ୍ରାମ ବାସୀ ସମେତ ଅନ୍ୟ ଜନସାଧାରଣ ସହାର୍ଯ୍ୟ କରିଥିଲେ ।

# ଜିଲ୍ଲା ସ୍ତରୀୟ ପାଲା ସମ୍ମିଳନୀ ଉଦ୍‌ଘାଟିତ




ଖଇରା,୨୬।୨(ନିପ୍ର) ଖଇରା ବ୍ଲକ୍ ଅମରିଆଅଗ୍ନିପୁର ଗ୍ରାମ ପଞ୍ଚାୟତ ଅଧୀନ ପିହାଣଗଡିଆ ଗ୍ରାମରେ ୨ଦିନିଆ ଜିଲା ସ୍ତରୀୟ ପାଲା ସମ୍ମିଳନୀ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇ ଯାଇଛି ।ନିଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ୪୦ତମ ବାର୍ଷୀକ ସମ୍ମିଳନୀକୁ ପରିଷଦର ସଭାପତି ଡ ରାଜକିଶୋର ନାୟକ ଉଦ୍ଘାଟନ କରିଥିଲେ। ସନ୍ଧ୍ୟାରେ ଚନ୍ଦ୍ରଶେଖର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଥମେ ମାଟିର ସୁପୁତ୍ର ତଥା ସ୍ୱନାମଧନ୍ୟ ପାଲାଗାୟକ ସ୍ୱର୍ଗତ ଅଭିମନ୍ୟୁ ରାଉଳଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭୁପତି ମିଶ୍ର,ଅଭ୍ୟର୍ଥନା କମିଟି ସମ୍ପାଦକ ରବିନ୍ଦ୍ର କୁମାର ନନ୍ଦ,ରାଜ୍ୟ ସମ୍ପାଦକ ବସନ୍ତ କୁମାର ରାଉତ, ଆବାହକ ଉମାକାନ୍ତ ପରିଡା, ଲକ୍ଷ୍ମୀଧର ସ୍ୱାଇଁ, କୈଳାସ ଚନ୍ଦ୍ର ପୃଷ୍ଟି,ଲକ୍ଷ୍ମୀଧର ନାୟକ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶାରେ ପାଲା ସଂସ୍କୃତି ବହୁ ପ୍ରାଚୀନ ହୋଇଥିଲେ ମଧ୍ୟ ଶ୍ରୋତା ସଙ୍ଖ୍ୟା କମି ଯାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ । ପଣ୍ଡିତ ନିତ୍ୟାନନ୍ଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ।ପ୍ରସିଦ୍ଧ ପାଲାଗାୟକ ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜୟ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମିକ ନେତା ଭୁବନେଶ୍ୱର ରାଓଙ୍କ ପରଲୋକ

ଭୁବନେଶ୍ୱର,୨୬।୦୨ (ନି.ପ୍ର): ଶ୍ରମିକ ନେତା ଭୁବନେଶ୍ୱର ରାଓଙ୍କର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗୀ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଗଭୀର ଶୋକ ପ୍ରକାଶ କରିଛନ୍ତି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପୂର୍ବତନ ଉପସଭାପତି ତଥା ଓଡ଼ିଶା ବିଦ୍ୟୁତ କର୍ମଚାରୀ ସଂଘର ସଭାପତି ଏବଂ ନିଖିଳ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଉପସଭାପତି ଭୁବନେଶ୍ୱର ରାଓ ଜଣେ ଜଣାଶୁଣା ଶ୍ରମିକ ନେତା ଥିଲେ।

# ମୃତ ଦୁଇ ଦାଦନ ଶ୍ରମିକଙ୍କ ପରିବାରକୁ ରେଡକ୍ରସରୁ ମିଳିଲା ସହାୟତା

ବାଲିଆପାଳ,୨୬।୦୨ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଂଚାୟତର ଦୁଇ ଦାଦନ ଶ୍ରମିକ ତାମିଲନାଡୁର ଏକ ସୂତା କଳରେ କାର୍ଯ୍ୟ କରୁଥିବା ବେଳେ ଗତ ୧୨ ତାରିଖରେ ଅଗ୍ନିକାଣ୍ଡ ଘଟି ସେଠାରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା । ଆଜି ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ମୃତକ ବଳରାମ ମଙ୍ଗରାଜ ଓ ଜନ୍ମଜୟ ମଙ୍ଗରାଜଙ୍କ ଘରେ ପହଁଚି ଜିଲ୍ଲା ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଁଏ ସରକାରି ସହାୟତା ନଗଦ ଆକାରରେ ଉଭୟଙ୍କର ପିତା ମାତାଙ୍କୁ ପ୍ରଦାନ କରିଥିଲେ । ଏହି ସମୟରେ ତହସିଲଦାର ଶ୍ରୀ ଦାସଙ୍କ ସହିତ ବାଲିଆପାଳ ଆର.ଆଇ. ଶରତଚନ୍ଦ୍ର ବେହେରା, ତହସିଲର ଡି.ଇ.ଓ ଧିରେନ୍ଦ୍ର ଜେନା, ନାଜର ସିଦ୍ଧାର୍ଥ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ରବାର୍ଷିକ ସମୀକ୍ଷା ବୈଠକ



ବାରିପଦା,୨୬।୦୨ (ନି.ପ୍ର): ବାରିପଦା ବନଖଣ୍ଡ ଅଧିକାରୀ ,ଶ୍ରୀ ସନ୍ତୋଷ ଯୋଶୀଙ୍କସଭାପତିତ୍ୱରେ ବୁଧବାର ଦିନ ସହିଦ ସ୍ମୃତି ଭବନ, ବାରିପଦାରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ,୨ୟ ପର୍ଯ୍ୟାୟ ବନାୟନର ବନଖଣ୍ଡ ସ୍ତରୀୟ ବାର୍ଷିକ ସମୀକ୍ଷା ବୈଠକ୨୦୨୦-୨୧ ଅନୁଷ୍ଠିତ ହୋଇ ଯାଇଛି । ବାରିପଦା ବନଖଣ୍ଡ ଅଧିକାରୀ ଶ୍ରୀ ସନ୍ତୋଷ ଯୋଶୀ, ସମୀକ୍ଷା ୨୦୨୦-୨୧ର ଲକ୍ଷ୍ୟ ସହିତ କିପରି ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲ ଉପରେ ନିର୍ଭର କରୁଥିବା ବନ ସୁରକ୍ଷା ସମିତିର ସଭ୍ୟ/ସଭ୍ୟାମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଉକ୍ତ ପ୍ରକଳ୍ପ ଜରିଆରା କିପରି ଉଜୁଡା ଜଙ୍ଗଲର ପୁନ୍ନର ଉଦ୍ଧାର ହେବା ସହ ବନ ସୁରକ୍ଷା ସମିତି ସ୍ତରରେ ଲୋକମାନଙ୍କ ଜୀବନ ଜୀବିକାରେ ଉନ୍ନତି ହୋଇ ପାରିବ, ବିଭିନ୍ନ ବିଭାଗ ଦ୍ୱାରାଜନାଭୀମୂଖି ଯୋଜନା ଗାଁର ଲୋକମାନଙ୍କ ପାଖରେ ପହଞ୍ଚି ପାରିବ, ସେ ବିଷୟରେ ମାନନୀୟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଗୁରୁତାରୂପ କରିଥିଲେ। ବୈଠକରେ ଉପସ୍ଥିତ ଥିବା ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ କି ଏକାଭିମୁଖୀ କାର୍ଯ୍ୟ ମାଧ୍ୟମରେ ଲୋକଙ୍କର କିପରି ଜୀବନ ଜୀବିକା ସଦୃଢକରାଯାଇ ପାରିବ ସେଥିପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ପଡିବ। ଏଥିସହ କିପରି ପ୍ରକଳ୍ପ ଦ୍ୱାରା ଜଙ୍ଗଲ ଉପରେ ନିର୍ଭର ଶିଳ ଲୋକମାନଙ୍କର ଜୀବନ ଜୀବିକାରେ ଉନ୍ନତି ହୋଇ ପାରିଛି ଏବଂ ଆହୁରି ଆଗକୁ ହୋଇ ପାରିବ ସେ ବିଷୟରେ ଆଲୋଚନା କରି ଜଙ୍ଗଲରୁ ମିଳୁଥିବା ଲଘୁ ବନଜାତ ଦ୍ରବ୍ୟକୁ ସଂଗ୍ରହ କରି ତାହାର ପ୍ରକ୍ରିୟାକରଣ ମାଧ୍ୟମରେ ମୂଲ୍ୟଯୁକ୍ତ କରାଇ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ବନ ସୁରକ୍ଷା ସମିତିର ଲୋକମାନଙ୍କର ରୋଜଗାର ବଢାଯାଇ ପାରିବ। ବୈଠକରେ ଉପସ୍ଥିତ ଥିବା ସମ୍ମାନିତ ଅତିଥି ମାନନୀୟ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମୟୂରଭଞ୍ଜକିପରି ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରାବିଭିନ୍ନ ଯୋଜନାରେ ଗାଁ ର ଲୋକମାନଙ୍କର ଜୀବନଜୀବିକାର ଉନ୍ନତି କରାଯାଇ ପାରିବା ବିଷୟରେ ଆଲୋକ ପାତ କରିଥିଲେ। ବାରିପଦା ବନଖଣ୍ଡର ସହକାରୀ ବନ ସଂରକ୍ଷକ, ଡ଼ଃ ଶ୍ୟାମା ଭାରତୀ, ୨୦୨୦-୨୧ ବର୍ଷରେ ବନ ସୁରକ୍ଷା ସମିତିମାନଙ୍କରେ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡିକ ଯଥା- ବନ ସୁରକ୍ଷା ସମିତିର ସୁଦୃଢିକରଣ, ଜଙ୍ଗଲ ସୀମା ସର୍ବେକ୍ଷଣ, ଅଣୁ ଯୋଜନା ପ୍ରସ୍ତୁତି, ମୃତ୍ତିକା ଜଳ ସଂରକ୍ଷଣ, ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ଏକାଭିମୁଖୀ ଯୋଜନା, ବୈଜ୍ଞାନିକ ପଦ୍ଧତିରେ ଉନ୍ନତ ଚାରା ଉତ୍ପାଦନ ଓ ପ୍ରକଳ୍ପ ମାଧ୍ୟମରେ ଜଙ୍ଗଲ ଉପରେ ନିର୍ଭର ପରିବାର ଗୁଡିକର ଜୀବନ ଜୀବିକାରେ ଉନ୍ନତି ବିଷୟଗୁଡିକୁପି.ପି.ଟି ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଇଥିଲେ।

# ବାତଜ୍ୱର ନିରାକରଣ ପାଇଁ ସାର୍ବଜନୀନ ଔଷଧ ସେବନ କାର୍ଯ୍ୟକ୍ରମ

## ଚଳିତ ଫେବୃଆରୀ ୨୫ ତାରିଖରୁ ଆସନ୍ତା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଔଷଧ ସେବନ ଅଭିଯାନ




ବାରିପଦା,୨୬।୦୨ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଫାଇଲେରିଆସିସ୍ (ବାତଜ୍ୱର) ନିରାକରଣ ପାଇଁ ସାମୂହିକ ଔଷଧ ସେବନ (ଏମ୍‌ଡ଼ିଏ) କାର୍ଯ୍ୟକ୍ରମ ଚଳିତ ଫେବୃଆରି ୨୫ ତାରିଖରୁ ଆସନ୍ତା ମାର୍ଚ୍ଚ ମାସ ୬ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲାରେ ଚାଲିରହୁଛି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ଆରବିଏସକେ କାର୍ଯ୍ୟାଳୟ ସମିଳନୀ କକ୍ଷରେ ତା ୨୫/୦୨/୨୦୨୧ ଅପରାହ୍ନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା.ରୂପ ଭାନୁ ମିଶ୍ର ଯୋଗଦେଇ ଗଣମାଧ୍ୟମ ଜରିଆରେ ଫାଇଲେରିଆ ବାତଜ୍ୱର ନିରାକରଣ ପାଇଁ ସାର୍ବଜନୀନ ଔଷଧ ସେବନ ସଂପର୍କରେ ଜନସାଧାରଣଙ୍କୁ ସଚେତନତା ପାଇଁ ସାମ୍ବାଦିକ ମାନଙ୍କୁ ସବିଶେଷ ସୂଚନା ଦେଇଥିଲେ । ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱାସ୍ଥ୍ୟ ସେବା ଯୋଜନା କାର୍ଯ୍ୟକ୍ରମ ଅନ୍ତର୍ଗତ ଫାଇଲେରିଆ ବାତଜ୍ୱର ନିରାକରଣ ପାଇଁ ସର୍ବଜନୀନ ଔଷଧ ସେବନ ଅଭିଯାନ କାର୍ଯ୍ୟକ୍ରମକୁ ମୟୁରଭଞ୍ଜ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ ସମେତ ୪ ପୌରାଂଚଳର ମୋଟ ୪୯୪୮ ଗ୍ରାମରେ ଦୁଇ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଏବଂ ଦିର୍ଘ ଦିନର ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଛାଡ଼ି ଅନ୍ୟ ସମସ୍ତ ୨ ବର୍ଷରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ଫାଇଲେରିଆସିସ୍ (ବାତଜ୍ୱର) ବଟିକା ଔଷଧ ସେବନ କରାଯିବ । ଏଥିପାଇଁ ଜିଲ୍ଲାର ୨୬ ଲକ୍ଷ୍ୟ ଲୋକଙ୍କୁ ଏହି ଔଷଧ ସେବନ ପାଇଁ ସମସ୍ତ ବେବସ୍ଥା କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ପାଇଁ ନିୟୋଜିତ ହୋଇଥିବା ୫୫୬୦ ତାଲିମ ପ୍ରାପ୍ତ ଆଶା, ଅଙ୍ଗନୱାଡି କର୍ମି ଏବଂ ସ୍ୱେଚ୍ଛାସେବି ମାନଙ୍କ ଦ୍ୱାରା ପ୍ରତ୍ୟେକ ପରିବାର ଘରକୁ ଘର ଯାଇ ସ୍ୱାସ୍ଥ୍ୟ ବିଭାଗ ଅନୁମୋଦିତ ବୟସ ଅନୁପାତ ହିସାବରେ ଡ଼ିଇସି ଓ ଆଲବେଣ୍ଡାଜଲ୍ ବଟିକା ଔଷଧ ସେବନ କରାଇବେ । ଏହାର ସୁପରିଚାଳନା ଓତଦାରଖ ପାଇଁ ୫୫୬ ଜଣ ସ୍ୱାସ୍ଥ୍ୟ କର୍ମଚାରିଙ୍କୁ ସୁପରଭାଜର ଭାବେ ନିୟୋଜିତ କରାଯାଇଥିବା ବେଳେ ୮୬ ଆର୍ ଆର୍ ଟିମ୍ (ଏମ ଓ, ଆୟୁଷ ଓ ଫାର୍ମାସିଷ୍ଟ ମାନଙ୍କ ଦ୍ୱାରା ଦୌନଦିନର ଔଷଧ ସେବନର ସ୍ଥିତି ଅନୁଧ୍ୟାନ କରି ବିହିତ ପଦେକ୍ଷପ ଗ୍ରହଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି ।

# ରାଜଧାନୀରେ ୪୦ ଡିଗ୍ରୀ ଟପିଲା ତାପମାତ୍ରା

ଭୁବନେଶ୍ୱର,୨୬।୦୨ (ନି.ପ୍ର): କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଦେଶର ସବୁଠାରୁ ଉତପ୍ତ ସହର ପାଲଟିଛି ରାଜଧାନୀ ଭୁବନେଶ୍ୱର। ଶୁକ୍ରବାର ଭୁବନେଶ୍ୱରର ଦିନ ତାପମାତ୍ରା ୪୦ ଡିଗ୍ରୀ ଟପି ୪୦.୪ ଡିଗ୍ରୀ ସେଲସିୟସରେ ପହଂଚିଛି। ଗତକାଲି ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୯.୪ ଡିଗ୍ରୀସେଲସିଅସ୍ ରେକର୍ଡ କରାଯାଇଥିବା ବେଳେ ବୁଧବାର ଦିନ ତାପମାତ୍ରା ୩୮ ଡିଗ୍ରୀ ରହିଥିଲା। ଆସନ୍ତା ୫ ଦିନ ଯାଏଁ ତାପମାତ୍ରା ସ୍ୱାଭାବିକ ଠାରୁ ୩ରୁ ୪ ଡିଗ୍ରି ଅଧିକ ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଭୁବନେଶ୍ୱର ପଛକୁ ଡେରାବିଶରେ ଦ୍ୱିତୀୟ ସର୍ବାଧିକ ୩୮.୮ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ସେହିପରି ବାରିପଦାରେ ୩୮.୬ ଡିଗ୍ରୀ , ବାଲେଶ୍ୱର:୩୭.୬, ଚାନ୍ଦବାଲିରେ ୩୭.୨, ପାରାଦ୍ୱୀପରେ ୩୨.୪, ପୁରୀରେ ୩୧.୪, ଛତ୍ରପୁରରେ ୩୩, ଗୋପାଳପୁର:୩୧.୩, କଟକରେ ୩୭.୨, ଯାଜପୁରରେ ୩୮.୬, କେଉଁଝରରେ ୩୪.୫, ତାଳଚେରରେ ୩୭, ଅନୁଗୁଳ:୩୮.୧, ନୟାଗଡରେ ୩୮, ଦାରିଙ୍ଗିବାଡ଼ିରେ ୩୧.୫, ବୌଦ୍ଧ:୩୩, ଦେବଗଡରେ ୩୬.୬, ଝାରସୁଗୁଡା:୩୭, ହୀରାକୁଦରେ ୩୬.୩, ସମ୍ବଲପୁରରେ ୩୭.୧, ପାରଳାଖେମୁଣ୍ଡିରେ ୩୧, ରାୟଗଡାରେ ୩୧.୫, ଭବାନୀପାଟଣା:୩୭.୫, କୋରାପୁଟରେ ୩୪.୫, ମାଲକାନଗିରିରେ ୩୫.୫, ନବରଙ୍ଗପୁରରେ ୩୩.୮, ଟିଟିଲାଗଡ:୩୭.୨, ବଲାଙ୍ଗୀର:୩୮, ନୂଆପଡାରେ ୩୭.୭, ସୋନପୁରରେ ୩୭.୨, ସୁନ୍ଦରଗଡ଼ରେ ୩୬ ଡିଗ୍ରୀ ସେଲସିୟସ ରହିଛି ।

ଶନିବାର, ୨୭ ଫେବୃଆରୀ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ପୁରୁଣାବାଲେଶ୍ୱର ରାଧେଶ୍ୟାମ ଯୁଥକ୍ଲବ ବାର୍ଷିକ ଉତ୍ସବ

ବାଲେଶ୍ୱର,୨୬।୦୨ (ନି.ପ୍ର): ସରସ୍ୱତୀ ପୂଜାରୁ ଆରମ୍ଭ ହୋଇଥିବା ପୁରୁଣା ବାଲେଶ୍ୱରର ପୁରାତନ ସଂଗଠନ ରାଧେଶ୍ୟାମ ଯୁଥ କ୍ଲବର ୧୦୩ ତମ ବାର୍ଷିକ ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି । ସ୍ଥାନୀୟ ଶିବନାୟକ ଛକ ନିକଟରେ ଆୟୋଜିତ ଉତ୍ସବରେ ଗୁରୁବାର ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେପି ନେତା ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଲବର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଶହେବର୍ଷର ପୁରୁଣା ଏହି ଅନୁଷ୍ଠାନ ତା'ର ପରମ୍ପରାକୁ ବଞ୍ଚାଇ ରଖିବା ବେଶ ପ୍ରଶଂସନୀୟ ଉଦ୍ୟମ ବୋଲି ସେ କହିଥିଲେ। ଆସନ୍ତା ହୋଲିରେ ମୁକ୍ତିଲାଭ ଅପେକ୍ଷାରେ ଥିବା ଓଡିଆ ଚଳଚ୍ଚିତ୍ର 'ତାଣ୍ଡବ'ର ଅଭିନେତା ଦେବାଶିଷ ପତି, ନିର୍ଦ୍ଦେଶକ ପୃଥୀରାଜ ପଟ୍ଟନାୟକ, ପ୍ରଯୋଜକ ସସ୍ମିତ ସାହୁ, ସହ ପ୍ରଯୋଜକ ଜିତେନ୍ଦ୍ର ଚାନ୍ଦ ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ୧୦୩ ବର୍ଷ ଧରି ସଫଳତାର ସହ ମା' ସରସ୍ୱତୀଙ୍କ ପୂଜା ଉତ୍ସବ ପରମ୍ପରା ଜାରି ରଖିଥିବାରୁ ଅତିଥିମାନେ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ । ଏକ ଭିନ୍ନ ଧରଣ କାହାଣୀ ଓ ପଟକଥାରେ ନିର୍ମିତ ଓଡିଆ ଚଳଚ୍ଚିତ୍ର ତାଣ୍ଡବ ଦେଖିବା ପାଇଁ ସେମାନେ ଉପସ୍ଥିତ ଦର୍ଶକଙ୍କୁ ନିବେଦନ କରିଥିଲେ । ପରେ ସ୍ଥାନୀୟ କ୍ରିଷ୍ଣା ମେଲୋଡି ପକ୍ଷରୁ ଆକର୍ଷଣୀୟ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଶେଷ କରି କୁନି କଣ୍ଠଶିଳ୍ପୀଙ୍କ ଯାଦୁକରୀ ସଙ୍ଗୀତକୁ ଦର୍ଶକ ମନଭରି ଉପଭୋଗ କରିଥିଲେ । ମନୋଜ କୁମାର ନାୟକ, ଅଜୟ ନାୟକ, ଅଜୟ ବିଶ୍ୱାଳ, କାର୍ତ୍ତିକ ମାଝୀ, ସୁବ୍ରତ ଆଚାର୍ଯ୍ୟ, ଦୀପକ ନାଥ, ମନୋରଞ୍ଜନ ପ୍ରଧାନ, କାର୍ତ୍ତିକ ସ୍ୱାଇଁ, ଭାଗ୍ୟରଞ୍ଜନ ନାୟକ ପ୍ରମୁଖଙ୍କ ସମେତ କ୍ଲବର ସଦସ୍ୟମାନେ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ବାଲେଶ୍ୱରରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ

ବାଲେଶ୍ୱର,୨୬।୦୨ (ନି.ପ୍ର): ଦ୍ରବ୍ୟ ଓ ସେବା କର (ଜିଏସଟି)ର ସଂଶୋଧିତ ନିୟମକୁ ବିରୋଧ କରି ସର୍ବଭାରତୀୟ ବ୍ୟବସାୟୀ ମହାସଂଘର ଆହ୍ୱାନ କ୍ରମେ ଶୁକ୍ରବାର ଦେଶବ୍ୟାପୀ ବନ୍ଦ ପଳନ କରାଯାଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଏହାର ଅନୁରୂପ ପ୍ରତିଫଳନ ପରିଲକ୍ଷିତ ହୋଇଛି। ତେବେ ଦେଶର ଅନ୍ୟାନ୍ୟ ସ୍ଥାନ ବା ସହର ଭଳି ବାଲେଶ୍ୱର ଜିଲାରେ ବନ୍ଦ ପାଳନ ବିଶେଷ ପ୍ରଭାବ ପକାଇନଥିବା ଲକ୍ଷ୍ୟ କରାଯାଇଛି। ସକାଳ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦକୁ ବ୍ୟବସାୟୀମାନେ ଗୁରୁତ୍ୱ ଦେଇଥିବା ବେଳେ ରେଳ ଚଳାଚଳ ଓ ସରକାରୀ ବେସରକାରୀ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ଥିବା ଦେଖିବାକୁ ମିଳିଥିଲା। ସରକାରୀ କାର୍ଯ୍ୟାଳୟ ଯଥାପୂର୍ବକ ଚାଲିଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ବ୍ୟତୀତ ଅନ୍ୟାନ୍ୟ




ଅଧିକାଂଶ ଦୋକାନ ବନ୍ଦ ରହିଥିଲା। ତେବେ ୪ଚକିଆ ଯାନ ସମେତ ବସ ଟ୍ରକ ଚଳାଚଳ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ବ୍ୟବସାୟୀମାନେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରିଥିଲେ । ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ କେତେକ ସ୍ଥାନରେ ପିକେଟିଂ କରି ବନ୍ଦ କରାଇଥିଲେ। ଦୋକାନ ବଜାର ବନ୍ଦ ରହିଥିବାରୁ ରାସ୍ତାଘାଟରେ ଯାନବାହାନ ଚଳପ୍ରଚଳ ମଧ କମ ରହିଥିଲା । ବାଲେଶ୍ୱର ଜିଲା ବ୍ୟବସାୟୀ ସଂଘର ସଦସ୍ୟ ଓ କର୍ମକର୍ତ୍ତାମାନେ ସହରର ଜିଏସଟି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦାର୍ଶନ ସହ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ ବିରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ଜିଏସଟି ନିୟମରେ ବାରମ୍ବାର ପରିବର୍ତ୍ତନ ଯୋଗୁଁ ବ୍ୟବସାୟୀମାନେ ନାନାବିଧି ସମସ୍ୟାର ସମ୍ମୁଖୀନ ହେଉଥିବା ସଂଘର କାର୍ଯ୍ୟକାରୀ ସମ୍ପାଦକ ବିଭୁତି ଭୂଷଣ ପ୍ରଧାନ ପ୍ରକାଶ କରିଥିଲେ । ଜିଏସଟିକୁ ସରଳୀକରଣ ପରିବର୍ତ୍ତେ ଦିନକୁ ଦିନ ଅଧିକ ଜଟିଳ କରାଯାଉଥିବାରୁ ସାଧାରଣ ବ୍ୟବସାୟୀଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିଛି ବୋଲି କ୍ଷୋଭର ସହ ସେ କହିଥିଲେ। ଜିଏସଟି ନିୟମକୁ ସ୍ଥିର ରଖିବା, ରଟର୍ଣ୍ଣ ଦାଖଲ ପରେ ସଂଶୋଧନର ବ୍ୟବସ୍ଥା, ଅଜ୍ଞାନତାରେ ତ୍ରୁଟି ପାଇଁ ଫାଇନ ବ୍ୟବସ୍ଥା ଉଚ୍ଛେଦ ପ୍ରଭୃତି ଦାବିରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ତେବେ ବ୍ୟବସାୟୀଙ୍କ ଏହି ବନ୍ଦ ଡାକରାକୁ ବାଲେଶ୍ୱର ଟ୍ୟାକ୍ସ ବାର ଆସୋସିଏସନ ଓ ବାଲେଶ୍ୱର ଶ୍ରମିକ ସଂଗଠନ ସମନ୍ୱୟ ସମିତି (ଟିୟୁଏସିସି) ପକ୍ଷରୁ ସମର୍ଥନ ଦିଆଯାଇଥିଲା । ପ୍ରଣୟନ ହେବା ଦିନଠାରୁ ଏଯାବତ ଜିଏସଟି ଆଇନର ୯୫୦ ଥର ସଂଶୋଧନ ହୋଇ ସାରିଥିଲେ ବି ଆଇନ ପରିବର୍ତ୍ତିତ ହୋଇପାରୁନାହିଁ ବୋଲି ଟ୍ୟାକ୍ସ ବାରର ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ କର ସୂଚନା ଦେଇଥିଲେ । ଫଳରେ ବ୍ୟବସାୟୀମାନେ ଅକଥନୀୟ ଆର୍ଥିକ ଅତ୍ୟାଚାରର ସମ୍ମୁଖୀନ ହୋଇ ଚାଲିଛନ୍ତି ବୋଲି ସେ କହିଥିଲେ ।

# ଜଳେଶ୍ୱର ପୌର କାର୍ଯ୍ୟାଳୟର କାର୍ଯ୍ୟ ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

ଜଳେଶ୍ୱର ୨୬/୨ (ନି.ପ୍ର) : ବାଲେଶ୍ୱର ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆଜି ଜଳେଶ୍ୱର ପୌରକାର୍ଯ୍ୟାଳୟର ବିଭିନ୍ନ ଉନ୍ନୟନ କାର୍ଯ୍ୟ, ଭତ୍ତା, ରେସନକାର୍ଡ ବଣ୍ଟନରେ ହୋଇଥିବା ଅନିୟମିତତା ସଂପର୍କରେ ସମୀକ୍ଷା କରିଥିଲେ। ଜଳେଶ୍ୱର ଡାକବଂଗଳା ପରିସରରେ ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ସହ ସେ ବିଭିନ୍ନ ପ୍ରକଳ୍ପ, ଭତ୍ତା, ଆବାସ ଯୋଜନା, ଡ୍ରେନେଜ୍ ସମସ୍ୟା, ଷ୍ଟ୍ରିଟ ଲାଇଟ୍ ଇତ୍ୟାଦିର ଅନିୟମିତତା ସଂପର୍କରେ ଆଲୋଚନା କରିଥିଲେ । ମ୍ୟୁନିସିପାଲଟିର ହେଲ୍ଡିଂ ଟ୍ୟାକ୍ସର ଅହେତୁକ ବୃଦ୍ଧି ସଂପର୍କରେ ଆଇନ୍‌ଗତ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସଫେଇ କର୍ମଚାରୀଙ୍କୁ ମାସିକ ୩ ଲକ୍ଷ ଟଙ୍କା ଦିଆଯାଉଥିବା ବେଳେ ଏବେ



୮ଲକ୍ଷ ୮ହଜାର ୩୩୯ଟଙ୍କା ଦିଆଯାଉଥିବା ବେଳେ ସଠିକ୍‌ଭାବେ ସଫେଇ କାର୍ଯ୍ୟ ହେଉନଥିବା ଅଭିଯୋଗ ସଂପର୍କରେ ସେ କେତେକ ତଥ୍ୟ ଚାହିଁଥିଲେ । ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବେଳେ ମ୍ୟୁନିସିପାଲଟିର କର୍ମଚାରୀମାନେ ଉପସ୍ଥିତ ଥିବା ବେଳେ ଫାଲଗୁନୀ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଅରୁଣ ବେଜ, ଅନନ୍ତ ଦାସ, ସିଦ୍ଧେଶ୍ୱର ପଣ୍ଡା, ଆଦିତ୍ୟ ନାରାୟଣ ପାତ୍ର, ରାଜିବ ଘୋଷ, ଧନଞ୍ଜୟ ଗିରି, ଅଜୟ ପାତ୍ର, କିରଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ନୂତନ ଅଣୁ ଜୈବ ଖତ ପ୍ରସ୍ତୁତି ଓ ଶୁଖିଲା ବର୍ଯ୍ୟବସ୍ତୁ ପ୍ରସ୍ତୁତିକରଣ କେନ୍ଦ୍ର ଉଦ୍‌ଘାଟିତ



ବାରିପଦା,୨୬।୦୨ (ନି.ପ୍ର): ବାରିପଦା ପୌରପାଳିକା ଅନ୍ତର୍ଗତ ୨୭ ନମ୍ବର ୱାର୍ଡ ମହାରାଜାପୁର ଠାରେ ସ୍ଥାପିତ ହୋଇଥିବା ନୂତନ ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ର ଓ ଶୁଖିଲା ବର୍ଯ୍ୟବସ୍ତୁ ପ୍ରସ୍ତୁତି କରଣ କେନ୍ଦ୍ର ଏବଂ ପରିଚଳନା ପ୍ରକ୍ରିୟା କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ଜିଲ୍ଲାପାଳ ତଥା ବାରିପଦା ପୌରପାଳିକା ପ୍ରଶାସକ ବିନୀତ ଭରଦ୍ୱାଜ, ଭା.ପ୍ର.ସେ. ଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ତା.୨୫.୦୨.୨୦୨୧ ରିଖ ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାରିପଦା ଉପଜିଲ୍ଲାପାଳ ତଥା ପୌରପାଳିକା କାର୍ଯ୍ୟନିବାହୀ ଅଧିକାରୀ ପି.ଅନ୍ୱେଷା ରେଡ୍ଡି ଭା.ପ୍ର.ସେ. ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ କରାଯାଇଥିବା ଉକ୍ତ ଅଣୁ ଜୈବ ଖତ ପ୍ରସ୍ତୁତି ଓ ଶୁଖିଲା ବର୍ଯ୍ୟବସ୍ତୁ ପୃଥକ୍‌କରଣ କେନ୍ଦ୍ର ପୌରାଂଚଳର ବିଭିନ୍ନ ୱାର୍ଡରୁ ପ୍ରତ୍ୟେକ ଘରୁ ଏବଂ ଦୋକାନ ବଜାରରୁ ବାହାରୁଥିବା ଓଦା ଓ ଶୁଖିଲା ଓଳିଆ ଆଦି ସଂଗ୍ରହ କରାଯାଇ ଏହି କେନ୍ଦ୍ର ଜରିଆରେ ଯଥା ପ୍ଲାଷ୍ଟିକ, କାଚ, ପଲିଥିନ, ଲୌହପଦାର୍ଥ, କାଗଜପେଟି, କପଡା ଇତ୍ୟାଦି ପୃଥିକୀକରଣ କରାଯିବାର ସମସ୍ତ ବ୍ୟବସ୍ଥା କରାଯାଇଅଛି ତତ୍‌ସହିତ ମହିଳାମାନଙ୍କ ସଶକ୍ତିକରଣ ପାଇଁ ଏହାର ପରିଚଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ ମା ସୁଭଦ୍ରା ଏସ୍‌ଏଚ୍‌ଜି ଫେଡେରସନ୍ ନ୍ୟସ୍ତ କରାଯାଇଛି । କାର୍ଯ୍ୟକ୍ଷମ କରାଯାଇଥିବା ଅଣୁ ଜୈବ ପ୍ରସ୍ତୁତ ପ୍ରକିୟା ଏବଂ ପରିଚଳାନା ସଂପର୍କରେ ଜିଲ୍ଲାପାଳ ମା ସୁଭଦ୍ରା ଏସ୍‌ଏଚ୍‌ଜି ଫେଡେରସନ୍ ସଭାପତି ତଥା ସଂପୃକ୍ତ ସଦସ୍ୟା ମାନଙ୍କ ସହିତ ପରିଚାଳନା ସଂପର୍କରେ ଆଲୋଚନା କରିଥିଲେ।

### ଧାନ କିଣାରେ ଅନିୟମିତତା ଧାରଣା ବେଳେ ଗୋଷ୍ଠୀ ସଙ୍ଘର୍ଷ : ୫ ଆହତ

ବାଲେଶ୍ୱର,୨୬।୦୨ (ନି.ପ୍ର): ଧାନ କିଣାରେ ଅନିୟମିତତା ପ୍ରତିବାଦରେ ବାଲେଶ୍ୱର ଜିଲ୍ଲା ସିମୁଳିଆ ପୁରୁଷୋତମପୁର ସେବା ସମବାୟ ସମିତିରେ ତାଲା ପକାଇ ଚାଷୀ ମାନେ ଧାରଣାରେ ବସି ରହିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀର ଲୋକ ଆସି ତାଲା ଖୋଲି ଦେବାରୁ ସେଠାରେ ଉଭୟ ଗୋଷ୍ଠି ମଧରେ ସଙ୍ଘର୍ଷ ଘଟିଥିଲା । ଏଥିରେ ଉଭୟ ପକ୍ଷର ୫ ଜଣ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତି କରାଯାଇଛି ।

# ବରଫ କଳରୁ ଆମୋନିଆ ଗ୍ୟାସ ଲିକ : ମଠସାହି ଅଞ୍ଚଳରେ ଆତଙ୍କ

ବାଲେଶ୍ୱର,୨୬।୦୨ (ନି.ପ୍ର): ବାଲେଶ୍ୱର ସହରର ମଠସାହି ତାରିଣୀ ଛକ ନିକଟସ୍ଥ ଏକ ବରଫ କଳରେ ଆମୋନିଆ ଗ୍ୟାସ ଲିକ ହେବାକୁ ନେଇ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳିଯାଇଛି । ସହର ଉପକଣ୍ଠ ମେଣ୍ଡାଶୋଳ ରାସ୍ତାର ନୟନା କୁମାରୀ ହାଇସ୍କୁଲ ସାମନାରେ ଥିବା ମ୍ୟାଗନମ ଆଇସ ଫ୍ୟାକ୍ଟ୍ରିରୁ ଏହି ଆମୋନିଆ ଗ୍ୟାସ ଲିକ ହୋଇଥିଲା । ଫ୍ୟାକ୍ଟ୍ରିରୁ ଲିକ ଗ୍ୟାସ ଆଖପାଖ ଅଂଚଳକୁ ବ୍ୟାପିଯିବା ଫଳରେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଫ୍ୟାକ୍ଟ୍ରିରେ କାମ କରୁଥିବା ଲୋକଙ୍କ ସମେତ ସ୍ଥାନୀୟ ଅଂଚଳରେ ଯାତାୟତ କରୁଥିବା ଲୋକଙ୍କ ଆଖିନାକ ପୋଡ଼ାଜଳା ହେବା ସହ ସେମାନେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ଗ୍ୟାସ ଲିକ ହୋଇଥିବା



ସନ୍ଦେହରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଆସିଷ୍ଟାଂଟ ଫାୟାର ଅଫିସର ପୋରେନ ସୋରେନଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ଗ୍ୟାସ ଲିକକୁ ବନ୍ଦ କରିଥିଲେ। ଆମୋନିଆ ଗ୍ୟାସ ପାଇପ ଲାଇନର ଏକ ଭାଲଭରୁ ଏହି ଗ୍ୟାସ ନିର୍ଗତ ହୋଇଥିବା ଅଗ୍ନିଶମ ବିଭାଗ ଟିମ ଜାଣିବାକୁ ପାଇଥିଲେ । ପର୍ସନାଲ ପ୍ରୋଟେକ୍‌ସନ ସୁଟ ପିନ୍ଧି ଫ୍ୟାକ୍ଟ୍ରି ଭିତରକୁ ଯାଇ ସମ୍ପୃକ୍ତ ଭାଲବ୍‌କୁ ସିଲ କରିବା ପରେ ଗ୍ୟାସ ଲିକ୍ ବନ୍ଦ ହୋଇଥିବା ଆସିଷ୍ଟାଂଟ ଫାୟାର ଅଫିସର ଶ୍ରୀ ସୋରେନ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ସଦର ତହସିଲଦାର ଅନାମିକା ସିଂହ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ନୟନା କୁମାରୀ ହାଇସ୍କୁଲରେ ପାଠପଢା ଚାଲୁଥିବାରୁ ସୁରକ୍ଷା ଦୃଷ୍ଟି କୋଣରୁ ତୁରନ୍ତ ଛୁଟି କରାଯିବା ସହ ଛାତ୍ରଛାତ୍ରୀମାନଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ତେବେ ଗ୍ୟାସ ଲିକ୍ ଯୋଗୁଁ ଜନସାଧାରଣଙ୍କ ଉପରେ ବିଶେଷ ପ୍ରଭାବ ପଡିନଥିବା ବେଳେ ଜଣେ ବାଳକଙ୍କ ନିକଟରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ତହସିଲଦାର ତୁରନ୍ତ ସମ୍ପୃକ୍ତ ବାଳକକୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇ ଯାଇଥିଲେ । ତେବେ ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ଦୀର୍ଘ ସମୟ ଧରି ନଜର ରଖାଯାଇଥିଲା ।

# ପୂର୍ବୋଦୟ ଆର୍ଟ ଫାଉଣ୍ଡେସନ ର ପ୍ରଥମ ସର୍ବଭାରତୀୟ ଅନଲାଇନ୍ ଚିତ୍ରକଳା ଶିବିର ଉଦ୍‌ଘାଟିତ

## ୧୭ ରାଜ୍ୟରୁ ୧୧୫ ଚିତ୍ରଶିଳ୍ପୀଙ୍କ ଯୋଗଦାନ

ବାଲେଶ୍ୱର,୨୬।୦୨ (ନି.ପ୍ର): ପୂର୍ବୋଦୟ ଆର୍ଟ ଫାଉଣ୍ଡେସନ, ବାଲେଶ୍ୱର ଦ୍ୱାରା ପ୍ରଥମ 'ଜାତୀୟ ସ୍ତରୀୟ ଅନଲାଇନ୍ ଚିତ୍ର କର୍ମଶାଳା ୨୦୨୧ ଉଦଘାଟନ ହେଲା । ଏଥିରେ ୧୭ ଟି ରାଜ୍ୟର ୧୧୫ ଜଣ ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରିଛନ୍ତି । ପୂର୍ବୋଦୟ ଆର୍ଟ ଫାଉଣ୍ଡେସନର ସଭାପତି ଚିତ୍ରଶିଳ୍ପୀ ପ୍ରତାପ ରାଉତ, ସମ୍ପାଦକ ଚିତ୍ରଶିଳ୍ପୀ ନବୀନ ପଣ୍ଡା ଙ୍କ ତତ୍ତ୍ୱାବଦାନ ରେ ଆଜି ସକାଳ ୧୧ ଘଟିକାରେ ଗୁଗୁଲ୍ ମିଟ ଜରିଆରେ ଅନଲାଇନ୍ ସଭା ଅନୁଷ୍ଠିତ ହୋଇଛି । ଏହି ଉଦଘାଟନ ସଭାକୁ ଫାଉଣ୍ଡେସନର ସହସଂପାଦକ ଝାଡେଶ୍ୱର ମୈଇକାପ୍ ପରିଚାଳନା କରିଥିଲେ ବେଳେ ସହଯୋଗ କରିଥିଲେ ଚିତ୍ରଶିଳ୍ପୀ ଦେବାଶିଷ ପତି, ଚିତ୍ରଶିଳ୍ପୀ ଗଦାଧର ମହାନ୍ତି । ପ୍ରାରମ୍ଭିକ ସୂଚନା ଦେଇଥିଲେ ଝାଡଖଣ୍ଡ ର ଯୁବ ଚିତ୍ରଶିଳ୍ପୀ ଲଲନ୍ ଯାଦବ ଉକ୍ତ ଅନଲାଇନ୍ ସଭାରେ ମୁଖ୍ୟ ଅତିଥି ଓଡିଶା ଲଳିତ୍ କଳା ଏକାଡେମୀ ର ସମ୍ପାଦକ ବିଶିଷ୍ଟ ଚିତ୍ରଶିଳ୍ପୀ ଶ୍ରୀ ଗଜେନ୍ଦ୍ର ପ୍ରସାଦ ସାହୁ ଜାତିୟ କର୍ମଶାଳାକୁ ଉଦଘାଟନ କରିଥିଲେ ବେଳେ ସମ୍ମାନିତ ଅତିଥି ଭାବରେ ଝାଡଖଣ୍ଡ କଳାଙ୍କନ ପ୍ରୟାସ ର ମୁଖ୍ୟ ବିଶିଷ୍ଟ ଚିତ୍ରଶିଳ୍ପୀ କାର୍ତ୍ତିକ କୁମାର ପ୍ରସାଦ ଯୋଗଦେଇ ସଙ୍ଗଠନ ର ମଙ୍ଗଳ କାମନା କରିବା ସହ ଆଗାମୀ ଦିନରେ ଭଲ ଚିତ୍ରକଳା ପ୍ରଦର୍ଶନ କରାଯିବ ବୋଲି ପ୍ରସ୍ତାବ ଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ କବି ପ୍ରଶାନ୍ତ ଦାସ ଯୋଗଦେଇ ଦୁଇ ଦିବଙ୍ଗତ ଚିତ୍ରଶିଳ୍ପୀ ରାଧାଶ୍ୟାମ ପ୍ରଧାନ ଓ ଦେବେନ୍ଦ୍ର ଖଟୁଆଙ୍କର ସ୍ମୃତି ଚାରଣ କରି ଥିଲେ । ଶେଷରେ ପୂର୍ଣ୍ଣେନ୍ଦୁ ପ୍ରକାଶ ପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଶିବିର ଆସନ୍ତା ୨୮ ତାରିଖରେ ଉଦଯାପିତ ହେବ । ଏହାକୁ ସଫଳ କରିବା ପାଇଁ ପୂର୍ବୋଦୟ ଆର୍ଟ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।




# ବଣିକ ସଂଘର ଓଡିଶା ବନ୍ଦ ଜଳେଶ୍ୱର ପ୍ରଭାବିତ

ଜଳେଶ୍ୱର,୨୬।୦୨ (ନି.ପ୍ର): ଜିଏସ୍‌ଟି ଲାଗୁ ହେବା ପରେ ଦରଦାମ୍ ନିୟନ୍ତ୍ରଣ ହେବା କୁହାଯାଉଥିବା ବେଳେ ସାମ୍ପ୍ରତିକ ପରିସ୍ଥିତିରେ ଏହାର ସରଳିକରଣ ଅତ୍ୟାବଶ୍ୟକ ହୋଇ ପଡିଛି । କିନ୍ତୁ ଏଥିପ୍ରତି ସରକାର ଧ୍ୟାନ ଦେଉନଥିବାରୁ ବଣିକ ସଂଘ ଓଡିଶା ବ୍ୟବସାୟିକ ବନ୍ଦ ଡାକରା ଆଜି ଜଳେଶ୍ୱରରେ ସଫଳ ହୋଇଛି। କାଁ ଭାଁ ଛାଡିଦେଲେ ଜଳେଶ୍ୱର ବଜାରର ସମସ୍ତ ବ୍ୟବସାୟିକ ଦୋକାନ ଓ ସଂସ୍ଥା ବଂଦ ରହିଥିଲା । ଜାନ ଚଳାଚଳ ସ୍ୱାଭାବିକ ଥି!ବା ବେଳେ



ବିଭିନ୍ନ ଅଂଚଳ ବଣିକ ସଂଘ ପକ୍ଷରୁ ବୁଲି ବଂନ୍ଦ ସପକ୍ଷରେ ବ୍ୟବସାୟୀମାନଙ୍କୁ ସୂଚାଇ ଦିଆଯାଇଥିଲା । ଏଥିରେ ବଣିକ ସଂଘର ଉପଦେଷ୍ଟା ବିଷ୍ଣୁପଦ ମହାନ୍ତି, ସଭାପତି ସୁଧିର ମହାନ୍ତି, କାର୍ଯ୍ୟକାରୀ ସଭାପତି ବିଜୟ କାମିଲା, ସଂପାଦକ ରାମଭରସ ସାହୁ, ମୀର ଲାଲ ଚନ୍ଦ, ଆଦିକନ୍ଦ ହୁଇ, ଜୟନ୍ତ ଦେ, ଜିତେନ୍ଦ୍ର ପ୍ରଧାନ, ଗୁରୁପ୍ରସାଦ ଚୌରାସିଆ, ଲଳିତ ଠକ୍କର, ବିଶ୍ୱଜିତ୍ ସର୍ମା. ସନାତନ ବେହେରରା ପ୍ରମୁଖ ସାମିଲ ଥିଲେ ।

# ଗାଁ ସାଥୀ ସଂଘ ପକ୍ଷରୁ ବାଲିଆପାଳ ବିଡିଓଙ୍କୁ ସମ୍ବର୍ଦ୍ଧନା

ବାଲିଆପାଳ,୨୬।୦୨ (ନି.ପ୍ର): ବାଲିଆପାଳ ବ୍ଲକର ନୂତନ ବିଡିଓ ଭାବେ ଲଳିତ ସୋରେଙ୍ଗ ଗତ ୨୩ ତାରିଖରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଆଜି ବାଲିଆପାଳ ଗାଁ ସାଥୀ ସଂଘ ପକ୍ଷରୁ ବିଡିଓଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯିବା ସହ ସୌଜନ୍ୟମୂଳକ ଆଲୋଚନା କରାଯାଇଥିଲା । ସଂଘର ସଭାପତି କ୍ଷତିଶ ଜେନାଙ୍କ ନେତୃତ୍ୱରେ ଉପସଭାପତି ହେମନ୍ତ କୁମାର ପାତ୍ର, ସମ୍ପାଦକ ନକୁଳ କୁମାର ସାହୁ, ସଦସ୍ୟ ସସ୍ମିତା ପରିଡା,



ସନ୍ଧ୍ୟାରାଣୀ ଜେନା, ବିଶ୍ୱରଞ୍ଜନ ସେଠୀ, ଅନିରୋଧ ନାୟକ, ପରେଶ କୁମାର ରାଉଳ, ସରୋଜ ପରିଡା, ରେଣୁବାଳା ଜେନା, ପ୍ରମୁକ ବିଡିଓଙ୍କୁ ସାକ୍ଷତ କରି ଗାଁ ସାଥୀ ମାନଙ୍କର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ ।

# ଓୟୁଡବ୍ଲୁଜେର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଜଳେଶ୍ୱର ୨୬/୨ (ନି.ପ୍ର) : ରାଜ୍ୟର ପ୍ରମୁଖ ସାମ୍ବାଦିକ ସଂଗଠନ ଓୟୁଡବ୍ଲୁଜେର ଜିଲା କାର୍ଯ୍ୟକାରିଣୀ ବୈଠକ ଜଳେଶ୍ୱର ଡାକବଂଗଳାରେ ଆଜି ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସାଧାରଣ ସଂପାଦକ ତପନ ମହାରଣ୍ୟ ସର୍ମାଙ୍କ ପୌରହିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ସତ୍ୟପ୍ରିୟ ମହାନ୍ତି, ସମ୍ପାଦିକା ଅପର୍ଣ୍ଣା ମହାପାତ୍ର ପ୍ରମୁଖ ଯୋଗ ଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ



ଆଲୋଚନା କରିଥିଲେ । ଆସନ୍ତା ମାର୍ଚ୍ଚ ୩ ତାରିଖରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ସାମ୍ବାଦିକ ମାନଙ୍କ ହକ୍‌ଲାଗି ରାଜ୍ୟସ୍ତରୀୟ ସମାବେଶରେ ସମସ୍ତ ସାମ୍ବାଦିକ ମାନେ ଯୋଗ ଦେବାକୁ ନିବେଦନ କରିଥିଲେ । ଏଥିରେ ଜଳେଶ୍ୱରର ବହୁ ସାମ୍ବାଦିକ ଯୋଗ ଦେଇଥିଲେ ।

### ଭାରତ ବନ୍ଦ ବାଲିଆପାଳ ବ୍ଲକରେ ପ୍ରଭାବଶୂନ୍ୟ

ବାଲିଆପାଳ,୨୬।୦୨ (ନି.ପ୍ର): ଜି.ଏସ.ଟି ସରଳୀକରଣ ଦାବିରେ ବ୍ୟବସାୟୀ ସଂଘର ଭାରତ ବନ୍ଦ ବାଲିଆପାଳ ବ୍ଲକରେ କୌଣସି ପ୍ରଭାବ ଦେଖିବାକୁ ମିଳିନି । ବାଲିଆପାଳ ବ୍ଲକର ମୁଖ୍ୟ ବ୍ୟବସାୟ ପେଣ୍ଠ ସିମୁଳିଆ ମାର୍କେଟ ବ୍ଲକ ଛକ, ପାରୁଳିଆ ଛ, ଜାମକୁଣ୍ଡା ଛକ, ବସ ଷ୍ଟ୍ୟାଣ୍ଡରେ ଥିବା ଅଧିକାଂଶ ଦୋକାନ ଖୋଲା ରହିଥିଲା। ରତେଇ ହାଟ, ନୂଆଗାଁ ହାଟ, ଫଂଚୁପାଲି ଛକ, ମାନଧାତା ବଜାର, ଲଙ୍ଗଳେଶ୍ୱର, ରେମୁ ଚକ, ଖପରାପଦା ବଜାର, ଦେଭୋଗ ଛକ, ଦାନ୍ତୁଣଦା ଛକ, ଜାମକୁଣ୍ଡା ଲକ ପ୍ରଭୃତି ସ୍ଥାନରେ ଅଧରକାଂଶ ଦୋକାନ ଖୋଲା ରହିଥିଲା । ବସ ମାଲିକ ସଂଘ ପକ୍ଷରୁ ବସ ଚଳା ଚଳ ବନ୍ଦ କରାଯାଇଥିବାରୁ ବାଲିଆପାଳରୁ କୌଣସି ବସ ବାହାରକୁ ଯାଇନଥିଲା କିମ୍ବା ଆସିନଥିଲା । ବ୍ଲକ, ତହସିଲ, ଆର.ଆଇ. ଅଁ ସ, ସବ ରେଜିଷ୍ଟ୍ରି ଅଁ ସ ପ୍ରଭୃତି ସମସ୍ତ ସରକାରି କାର୍ଯ୍ୟାଳୟ ଏବଂ ସମସ୍ତ ଜାତୀୟକରଣ ବ୍ୟାଙ୍କ ଏବଂ ବେସରକାରି ବ୍ୟାଙ୍କ ଖୋଲା ରହିଥିଲା । ବାଲିଆପାଳ ବ୍ଲକରେ ବନ୍ଦର ସେଭଳି ପ୍ରଭାବ ଦେଖିବାକୁ ମିଳିନଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo